
◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-11 •SUNDAY •05 JULY 2026 •PAGE-12+4 •₹ 7.00 | BHUBANESWAR | •ବର୍ଷ-୪୪ •ସଂଖ୍ୟା-୧୧ •ରବିବାର •୦୫ ଜୁଲାଇ ୨୦୨୬ •ପୃଷ୍ଠା-୧୨+୪ (ସିନ୍ଦୂରା) •ଟ.୭.୦୦


## ଲଘୁଚାପ ସକ୍ରିୟ

# ଆଜି ୯ ଜିଲ୍ଲାରେ ଛେଚିବ

## ୭ ତାରିଖ ଯାଏଁ ଲାଗିରହିବ ବର୍ଷା; ୩ ଜିଲ୍ଲାକୁ ରେଡ୍ ଆଲର୍ଟ

■ ଭୁବନେଶ୍ୱର, ୪।୭ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଥିବା ସୁଦୃଢ଼ ଲଘୁଚାପ ପ୍ରଭାବରେ ରାଜ୍ୟରେ ବ୍ୟାପକ ବର୍ଷା ଜାରି ରହିଛି। ଗତ ଦୁଇ ଦିନ ଧରି ଲଗାଣ ବର୍ଷା ପ୍ରଭାବରୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିବା ବେଳେ କେତେକ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଅନ୍ୟପଟେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବର୍ଷା ପ୍ରକୋପ ଦେଖିବାକୁ ମିଳିବ ବୋଲି ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।



କେନ୍ଦ୍ର ସୂଚନା ଅନୁଯାୟୀ ଗତ ୩୩ ଘଣ୍ଟା ମଧ୍ୟରେ ଗଞ୍ଜାମ ଛତ୍ରପୁରରେ ସର୍ବାଧିକ ୧୩୮.୭ ମିଲିମିଟର ବର୍ଷା ହୋଇଛି। ସେହିପରି କୋରାପୁଟରେ ୧୦୮ ମିଲିମିଟର, ଗୋପାଳପୁରରେ ୧୦୭.୮ ମିଲିମିଟର, ବାରିପଦାରେ ୧୦୪ ମିଲିମିଟର, ଚାନ୍ଦବାଲିରେ ୯୧.୬ ମିଲିମିଟର ବର୍ଷା ହୋଇଛି। ଏତଦବ୍ୟତୀତ କଟକ ଓ ଭୁବନେଶ୍ୱରରେ ୮୮.୬ ମିଲିମିଟର, ପୁରୀରେ ୭୬ ମିଲିମିଟର, ନୟାଗଡରେ ୮୯ ମିଲିମିଟର, ସୋନପୁରରେ ୭୩.୪ ମିଲିମିଟର, ବରଗଡ଼ରେ ୭୨.୪ ମିଲିମିଟର, ଖୋର୍ଦ୍ଧାରେ ୮୮ ମିଲିମିଟର, ଜଗତସିଂହପୁରରେ ୭୯.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଶନିବାର ସକାଳ ୮ଟା୩୦ରୁ ସନ୍ଧ୍ୟା ୫ଟା ୩୦ ମିନିଟ ମଧ୍ୟରେ କୋରାପୁଟରେ ସର୍ବାଧିକ ୬୯.୨ ମିଲିମିଟର ବର୍ଷା ହୋଇଥିବା ବେଳେ ବଲାଙ୍ଗୀରରେ ୬୭ ମିଲିମିଟର, ଭୁବନେଶ୍ୱରରେ ୪୫.୬ ମିଲିମିଟର, କଟକରେ ୩୨.୪ ମିଲିମଟର, ▶ପୃଷ୍ଠା-୭

## ମୁକାବିଲା ପାଇଁ ସଜାଗ ରହିବାକୁ ପ୍ରଶାସନକୁ ନିର୍ଦ୍ଦେଶ

■ ଭୁବନେଶ୍ୱର, ୪।୭ (ସମିସ): ରାଜ୍ୟବ୍ୟାପୀ ବର୍ଷା ଜାରି ରହିଥିବାରୁ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି ସରକାର। ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ସଜାଗ ଥିବା କହିଛନ୍ତି। ସ୍ୱତନ୍ତ୍ର ରିଲିଫ କମିସନର (ଏସଆରସି)ଙ୍କ ଅଧୀନସ୍ଥ ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର୍ (ଏସଇଓସି) ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର (ଡିଇଓସି) ସହ ସମନ୍ୱୟ ରକ୍ଷା କରି ୨୪ ଘଣ୍ଟିଆ ପରିସ୍ଥିତିର ନିରୀକ୍ଷଣ କରୁଥିବା ସୂଚନା ମିଳିଛି। ଭାରତୀୟ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ କେତେକ ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ଅର୍ଥାତ୍ ଜୁଲାଇ ୪ ତାରିଖ ସକାଳ ୮ଟା ୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବରଗଡ଼ ଜିଲ୍ଲାର ସୋହେଲା ବ୍ଲକରେ ସର୍ବାଧିକ ୨୦୨ ମିଲିମିଟର ବର୍ଷା ହୋଇଛି। ରାଜ୍ୟର ▶ପୃଷ୍ଠା-୭

# ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନ

## ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ ଗୃହ କାର୍ଯ୍ୟ

■ ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ଚଳିତ ବର୍ଷ ସଂସଦର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଆସନ୍ତା ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଆଜି ସୂଚନା ଦେଇଛନ୍ତି। ପ୍ରାୟ ତିନି ସପ୍ତାହରୁ ଅଧିକ ସମୟ ଧରି ଚାଲିବାକୁ ଥିବା ଏହି ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଏବଂ ଦେଶର ବିଭିନ୍ନ ସାମ୍ପ୍ରତିକ ସମସ୍ୟା ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି।

ମିଳିଥିବା ସୂଚନା ଅନୁଯାୟୀ ଏହି ଅଧିବେଶନ ବିଶେଷ କରି ଦୁଇଟି ପ୍ରସଙ୍ଗ ନେଇ ସରଗରମ ରହିବ। ୩୦ ଦିନ ଧରି ଜେଲରେ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ନିଜର ପଦ ହରାଇବେ। ସରକାର ଏସଂପର୍କରେ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବେ। ଯଦି ଜଣେ ମନ୍ତ୍ରୀଙ୍କୁ ଏଭଳି ଏକ ଅଭିଯୋଗରେ ଗିରଫ କରାଯାଇଛି, ଯେଉଁଥିରେ ୫ ବର୍ଷ କିମ୍ବା ତାଠାରୁ ଅଧିକ ସମୟ ପାଇଁ ଜେଲଦଣ୍ଡର ବ୍ୟବସ୍ଥା ଥିବ, ସେମାନଙ୍କ ପ୍ରତି ଏହି ନିୟମ ଲାଗୁ ହେବ। ସେମାନେ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ୩୧ତମ ଦିନରେ ଆପେ ଆପେ ମନ୍ତ୍ରୀ ପଦ ହରାଇବେ। ରାଷ୍ଟ୍ରପତି ଏବଂ ରାଜ୍ୟପାଳ ମଧ୍ୟ ସେମାନଙ୍କୁ



### ରାଜନାଥ ଓ ମନ୍ତ୍ରିପଦ ବିଲ୍‌କୁ ନେଇ ସରଗରମ ରହିବ ସଂସଦ

### ଉଠିବ ଆଞ୍ଚଳିକ ଦଳରେ ବିଭାଜନ ପ୍ରସଙ୍ଗ

ବରଖାସ୍ତ କରିପାରିବେ। ତେବେ ବିରୋଧୀ ଦଳ ଏହାକୁ ବିରୋଧ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ବିରୋଧୀ ଦଳ ଶାସିତ ସରକାରଙ୍କୁ ଅସ୍ଥିର କରିବା ଲାଗି ସରକାର ଏହାର ରାଜନୈତିକ ଦୁରୁପଯୋଗ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଉଭୟ କେଜ୍ରିୱାଲ ଏବଂ ହେମନ୍ତ ସୋରେନଙ୍କ କ୍ଷେତ୍ରରେ ଦେଖାଦେଇଛି। ଅନ୍ୟପକ୍ଷରେ କେବଳ ସମ୍ବିଧାନ ସଂଶୋଧନ ଦ୍ୱାରା ଏହି ବିଲ୍ ପାସ୍ କରାଯାଇପାରିବ। ଏଥିପାଇଁ ଉଭୟ ଗୃହରେ ଦୁଇ ତୃତୀୟାଂଶ ଉପସ୍ଥିତ ସଭ୍ୟଙ୍କ ସମର୍ଥନ ଦରକାର। ରାଜ୍ୟସଭାରେ ସରକାର ଏହି ସଂଖ୍ୟାର ନିକଟବର୍ତ୍ତୀ ହୋଇଥିଲେ ମଧ୍ୟ ଲୋକସଭାରେ ବିଭିନ୍ନ ଦଳରେ ବିଭାଜନ ସତ୍ତ୍ୱେ ଆହୁରି ୪୦ ସାଂସଦଙ୍କ ▶ପୃଷ୍ଠା-୭

## କପିଳାସରେ ଭୂସ୍ଖଳନ

■ ଗଁଦିଆ, ୪।୭ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକର ପ୍ରସିଦ୍ଧ ଶୈବପୀଠ କପିଳାସଠାରେ ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଛି। କପିଳାସ ପାହାଡ଼ ଉପରକୁ ଯାଇଥିବା ବାରବାଙ୍କ ରାସ୍ତାରେ ଦେଖିବାକୁ ମିଳିଛି ଏହି ଅଭାବନୀୟ ଦୃଶ୍ୟ। ଲଗାଣ ବର୍ଷା ଫଳରେ ଉକ୍ତ ପୀଠର ଥିବା ବାରବାଙ୍କ ରାସ୍ତାର ପ୍ରଥମ ବାଙ୍କର ଡାହାଣ ପାର୍ଶ୍ୱରୁ ଥିବା ପାହାଡ଼ ଧସିବା ଯୋଗୁ ଏହାର ପ୍ରଭାବରେ ଏକ ବଡ଼ ଗଛ ଉପୁଡି ପଡ଼ି ରାସ୍ତା ଉପରେ ପଡିଯାଇଥିଲା। ଯାହା ଯୋଗୁ ପ୍ରାୟ ଅପରାହ୍ନ ୨ଟା ଠାରୁ ପ୍ରାୟ ୨ଘଣ୍ଟା ଧରି ମନ୍ଦିରକୁ ଯାନବାହନା ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଗଁଦିଆ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରୁ ଉକ୍ତ ଗଛ ହଟାଯାଇ ସଫା କରିଥିଲେ। ତାହାପରେ ସ୍ୱାଭାବିକ ଭାବରେ ଯାନବାହାନା ପାହାଡ଼ ଉପରକୁ ଚଳପ୍ରଚଳ କରିଥିଲା।



### ଧସିଲା ବାରବାଙ୍କ ରାସ୍ତା

## ରାଜଧାନୀ ଡ୍ରେନ୍‌ରେ ଭାସିଗଲେ ଯୁବକ

■ ଭୁବନେଶ୍ୱର, ୪।୭ (ସମିସ): ପ୍ରବଳ ଓ ଲଗାଣ ବର୍ଷା ଯୋଗୁଁ ରାଜଧାନୀରେ ପୁଣି କାଳ ସାଜିଲା ମୁକ୍ତଲା ଡ୍ରେନ। ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଡ୍ରେନ୍ ନମ୍ବର ୪ରେ ଭାସିଯାଇ ଆଜି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ହେଲେ ସ୍ଥାନୀୟ ପଥରବନ୍ଧ ବସ୍ତିର ଅନିଲ ସିଂହ ଓ ତାଙ୍କ ବୟସ ୩୫ ବୋଲି ଜଣାପଡ଼ିଛି। ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରିବାକୁ ଯାଇଥିଲା ବେଳେ ଡ୍ରେନ୍‌ରେ ଗୋଡ଼ ଖସିଯିବାରୁ ସେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ସହ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ମଧ୍ୟ ଖୋଜାଖୋଜି କରୁଛନ୍ତି। ୬ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଜାରି ରହିଥିଲେ ମଧ୍ୟ ନିଖୋଜ ଯୁବକଙ୍କ



କୌଣସି ପତ୍ତା ମିଳିପାରି ନାହିଁ। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଛି। ଆଜିର ଏହି ଘଟଣାକୁ ନେଇ ରାଜଧାନୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଅନେକ ସ୍ଥାନରେ ଏବେ ବି ଡ୍ରେନ ମୁକ୍ତଲା ରହିଛି ଏବଂ ରାଜଧାନୀବାସୀଙ୍କ ପାଇଁ ଏହା ମୃତ୍ୟୁଯନ୍ତା ପାଲଟିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ, ଅନିଲ ପେଶାରେ ଜରି ଏବଂ ପ୍ଲାଷ୍ଟିକ୍ ବୋତଲ ଗୋଟାଳି। ଗୋଟିଏ ବସ୍ତା ପ୍ଲାଷ୍ଟିକ ବୋତଲ ସଂଗ୍ରହ କରିବା ପରେ ଆଉ ଗୋଟିଏ ବସ୍ତା ବୋତଲ ସଂଗ୍ରହ କରିବାକୁ ଡ୍ରେନ୍ ଭିତରେ ପଶିଥିଲେ। ସେହି ସମୟରେ ତାଙ୍କର ଗୋଡ ଖସିଯିବାରୁ ସେ ଭାସି ▶ପୃଷ୍ଠା-୭

# ମମତାଙ୍କୁ ଝଟ୍‌କା; ଟିଏମ୍‌ସି ରାଜ୍ୟ ସଭାପତିଙ୍କ ଇସ୍ତଫା

■ କୋଲକାତା, ୪।୭ (ଏଜେନ୍ସି): ମମତା ମାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି)ରେ ବିଦ୍ରୋହକୁ ନେଇ ସୃଷ୍ଟି ହୋଇଥିବା ସଙ୍କଟ ଥମିବାର ନାମ ଧରୁନି। ଗତକାଲି ବିଦ୍ରୋହୀମାନେ ପାର୍ଟିର ମୁଖ୍ୟାଳୟକୁ କବଜା କରିଥିବା ବେଳେ ଆଜି ପାର୍ଟିର ରାଜ୍ୟ ସଭାନେତ୍ରୀ ଚନ୍ଦ୍ରିକା ଭଟ୍ଟାଚାର୍ଯ୍ୟ ନିଜ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଗତକାଲିର ଘଟଣା ପାଇଁ ମମତାଙ୍କ ଠାରୁ ଭର୍ତ୍ସିତ ହେବାପରେ ସେ ଇସ୍ତଫା ଦେଇଥିବା କୁହାଯାଉଛି। ଇସ୍ତଫା ଦେବାପରେ ସେ ବିଦ୍ରୋହୀଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ ବିଧାନସଭା ନିର୍ବାଚନରେ ପରାଜୟ ପରେ ସଂଗଠନର ପୁନର୍ଗଠନ କରି ମମତା ଗତମାସ ଚନ୍ଦ୍ରିକାଙ୍କୁ ସଭାନେତ୍ରୀ ନିଯୁକ୍ତ କରିଥିଲେ। ଚନ୍ଦ୍ରିମାଙ୍କ ଇସ୍ତଫା ମମତାଙ୍କୁ ଝଟକା ଲାଗିଛି। ଇସ୍ତଫା ପରେ ସେ ଋତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀର ସଦସ୍ୟମାନଙ୍କୁ ଭେଟିଛନ୍ତି। ଗତ ଶୁକ୍ରବାର ଦିନ କୋଲକାତାରେ ଥିବା ପାର୍ଟିର ମୁଖ୍ୟ କାର୍ଯ୍ୟାଳୟ 'ତୃଣମୂଳ ଭବନ'କୁ ବିଦ୍ରୋହୀ ଗୋଷ୍ଠୀ ନିଜ ନିୟନ୍ତ୍ରଣକୁ ନେଇ ସେଠାରେ ତାଲା ପକାଇ ଦେଇଛନ୍ତି ଏବଂ ନିଜକୁ ଅସଲି ଟିଏମ୍‌ସି ବୋଲି ଦାବି କରିଛନ୍ତି।



### "ଅଟକାଇବାକୁ ହେଲେ ମୋତେ ମାରିବାକୁ ପଡ଼ିବ"

■ କୋଲକାତା, ୪।୭: ଟିଏମ୍‌ସି ଭିତରେ ଚାଲିଥିବା ବିଦ୍ରୋହକୁ ନେଇ ଆଜି ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଆଜି ଏକ ଭିଡିଓ ବାର୍ତ୍ତାରେ ଟିଏମ୍‌ସି ବିଭାଜନ ପଛରେ ବିଜେପିର ହାତ ଥିବା ନେଇ ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ସେମାନେ ଭୋଟ ଚୋରି କରି କ୍ଷମତା ଦଖଲ କରିବା ପରେ ଏବେ ତାଙ୍କ ଦଳକୁ ତାଙ୍କ ହାତରୁ ଛଡ଼ାଇ ନେବାକୁ ଚାହୁଁଛନ୍ତି। କିନ୍ତୁ ଏହା ଆଦୌ ସମ୍ଭବ ନୁହେଁ। ଉଭୟ ଦଳ ଏବଂ ସଙ୍କେତ ତାଙ୍କ ପାଖରେ ରହିବ। ଏଥିପାଇଁ ସେ ଦୀର୍ଘ ସମୟ ଧରି ସଂଘର୍ଷ ଜାରି ରଖିବାକୁ ପ୍ରସ୍ତୁତ ଅଛନ୍ତି। ଏଥିରୁ ତାଙ୍କୁ କେହି ଅଟକାଇ ପାରିବେ ନାହିଁ। ଅଟକାଇବାକୁ ହେଲେ ମୋତେ ମାରିବାକୁ ପଡ଼ିବ ବୋଲି ମମତା କହିଛନ୍ତି। ଜୀବନ ଥିବା ପର୍ଯ୍ୟନ୍ତ ସେ ଲଢ଼େଇ ଜାରି ରଖିବେ। ଦଳରେ ବିଦ୍ରୋହ କରିଥିବା ସାଂସଦ ଓ ବିଧାୟକମାନଙ୍କୁ ସେ ବିଶ୍ୱାସଘାତକ ବୋଲି କହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ ▶ପୃଷ୍ଠା-୭

## ଥାନା କ୍ୱାର୍ଟର୍ସରେ ଝୁଲିପଡ଼ିଲେ ଇନ୍ସପେକ୍ଟର ବିଯୁଟି



■ କଟକ,୪।୭ (ସମିସ): ଚାଉଳିଆଗଞ୍ଜ ଥାନା ପରିସରରେ ଥିବା କ୍ୱାର୍ଟର୍ସ ଭିତରୁ ଆଇଆଇସି ବିଯୁଟି ମହାନ୍ତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତ୍ୟୁର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହି ଘଟଣାକୁ ନେଇ ପୁଲିସ ମହଲରେ ଆଲୋଡନ ସୃଷ୍ଟି ହୋଇଛି। ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲକୁ ପଠାଯାଇଛି। ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୯ଟା ଯାଏ ଆଇଆଇସି ଶ୍ରୀମତୀ ମହାନ୍ତି ଥାନାରେ କାର୍ଯ୍ୟରତ ଥିଲେ। ହଠାତ ଅସୁସ୍ଥ ଅନୁଭବ କରିବାରୁ ସେ ଥାନାର ଉପର ମହଲାରେ ଥିବା ନିଜ କ୍ୱାର୍ଟର୍ସକୁ ଯାଇଥିଲେ। ଶନିବାର ସକାଳେ ଥାନାରେ ନିୟମିତ ହେଉଥିବା ବ୍ରିଫିଙ୍ଗ ରୋଲ୍‌କଲ୍‌କୁ ଆସି ନଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ଦିନ ପ୍ରାୟ ୧୦ଟା ବେଳେ ଥାନା କର୍ମଚାରୀ କ୍ୱାର୍ଟର୍ସକୁ ଯାଇ ଆଇଆଇସିଙ୍କୁ ଡାକିଥିଲେ। ମାତ୍ର ରୁମ୍ ଭିତରୁ କିଛି ଉତ୍ତର ମିଳି ନଥିଲା। ଏ ▶ପୃଷ୍ଠା-୭

### ମୃତ୍ୟୁକୁ ନେଇ ନାନା ସନ୍ଦେହ

## ଦୁର୍ଘଟଣାରେ ୩ ମୃତ

■ ବାଲିଗୁଡ଼ା, ୪।୭ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ବାଲିଗୁଡ଼ା ଥାନା ଅନ୍ତର୍ଗତ ମହାସିଂ ନିକଟସ୍ଥ ଗେଗୁର ପଦର ନିକଟରେ ଅଜଣା ଗାଡ଼ି ଏକ ବାଇକକୁ ଧକ୍କା ଦେବା ଫଳରେ ବାଇକରେ ଆସୁଥିବା ତିନି ଜଣଙ୍କ ମଧ୍ୟରୁ ଦୁଇ ଜଣ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ ବାଲିଗୁଡ଼ା ଉପଖଣ୍ଡ ହସ୍ପିଟାଲକୁ ଆଣିଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ ୩ ଜଣ ନବରଙ୍ଗପୁର ଜିଲ୍ଲାର ଶୁଭମରାଜ ଜେନା, ସୁନୀଲ ଜାନି ଓ ଚନ୍ଦନ ସୁନା ବୋଲି ସୂଚନା ମିଳିଛି। ତେବେ କୌଣସି କାରଣ ବସତ ଏହି ୩ ଜଣ କନ୍ଧମାଳ ଆସିଥିବା ବେଳେ ଘରକୁ ଫେରିବା ବେଳେ ▶ପୃଷ୍ଠା-୭

### ରାମ ମନ୍ଦିର ଚାନ୍ଦା ଘୋଟାଲା ମାମଲାରେ ନୂଆ ମୋଡ଼

## ଦାନ ସୁନାକୁ ବିସ୍କୁଟ କରିଦେଲେ !

■ ଅଯୋଧ୍ୟା, ୪।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରର ଦାନ ସାମଗ୍ରୀ ହେରଫେର ଓ ଚୋରି ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ହାତରେ ଏକ ନୂଆ ଚାଞ୍ଚଲ୍ୟକର ତଥ୍ୟ ଲାଗିଛି। ମନ୍ଦିରରୁ ଚୋରି ହୋଇଥିବା ସୁନା ଓ ରୁପା ଗହଣାର ପରିଚୟ ଲୁଚାଇବା ପାଇଁ ଅଭିଯୁକ୍ତମାନେ ସେଗୁଡ଼ିକୁ ତରଳାଇ ସୁନା ବିସ୍କୁଟରେ ପରିଣତ କରିଥିବା ସନ୍ଦେହ କରାଯାଉଛି। ତଲାସୀ ସତ୍ତ୍ୱେ ଗହଣା ମିଳିନଥିବାରୁ ଏହି ଆଶଙ୍କା ଆହୁରି ଦୃଢ଼ ହୋଇଛି। ଏହି ସମ୍ବେଦନଶୀଳ ମାମଲାରେ ଏସ୍‌ଆଇଟି ତଦନ୍ତର ପରିସରକୁ ବ୍ୟାପକ କରିଛି। ଅଭିଯୁକ୍ତମାନଙ୍କ ସଂପର୍କୀୟମାନଙ୍କ ଘରେ ମଧ୍ୟ ଚଢ଼ାଉ କରାଯିବା ସହିତ ସେମାନଙ୍କର ବ୍ୟାଙ୍କ ଲକରର ମଧ୍ୟ ଯାଞ୍ଚ କରାଯାଉଛି।



ତଦନ୍ତକାରୀ ଦଳ ଆଜି ମନ୍ଦିରର ଦାୟିତ୍ୱରେ ଥିବା କେଡି ବାବୁଙ୍କ ସମେତ ପୂର୍ବତନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଓ ଅନିଲ ମିଶ୍ରଙ୍କୁ ପଚରାଉଚରା କରିଛି। ମୁଖ୍ୟ ଅଭିଯୁକ୍ତ ଅବିନାଶ ଶୁକ୍ଲା ▶ପୃଷ୍ଠା-୭

## ବଦ୍ରିନାଥରେ ବି ଦାନଅର୍ଥ ଚୋରି

■ ବଦ୍ରିନାଥ: ଅଯୋଧ୍ୟାର ରାମ ମନ୍ଦିର ପରେ ଏବେ ପ୍ରସିଦ୍ଧ ବଦ୍ରିନାଥ ଧାମରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ଆସିଛି। ସାମାଜିକ ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବା ପରେ ବଦ୍ରିନାଥ-କେଦାରନାଥ ମନ୍ଦିର ସମିତି ଏହାକୁ ଗମ୍ଭୀରତାର ସହ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି। 'ଭୈରବ ସେନା' ନାମକ ଏକ ସଂଗଠନ ମନ୍ଦିର ସମିତିର ଅଧକ୍ଷଙ୍କ ବ୍ୟକ୍ତିଗତ ସହକାରୀଙ୍କ ସନ୍ଦେହଜନକ ଭୂମିକାକୁ ନେଇ ଆର୍ଥିକ ଅନିୟମିତତାର ଅଭିଯୋଗ ▶ପୃଷ୍ଠା-୭

# ଇ-୨୦ ପେଟ୍ରୋଲକୁ ଦେଶସାରା ନା-ନା

## ଭାରତଠାରୁ ଇ-୨୦ ପେଟ୍ରୋଲ ନେବାକୁ ମନା କଲା ଭୁଟାନ

■ ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ସାରା ଦେଶରେ ଏବେ ଇ-୨୦ ପେଟ୍ରୋଲକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି। ଗୋଟିଏ ପଟେ, ଲୋକମାନେ ଅଭିଯୋଗ କରୁଛନ୍ତି ଯେ ଇ-୨୦ ପେଟ୍ରୋଲ ଯୋଗୁଁ ଗତ କିଛି ମାସ ମଧ୍ୟରେ ସେମାନଙ୍କ ଗାଡ଼ିର ମାଇଲେଜ୍ ୩୦% ପର୍ଯ୍ୟନ୍ତ ହ୍ରାସ ପାଇଛି। ଏଥିଯୋଗୁ ଇଞ୍ଜିନ୍‌ରେ ସମସ୍ୟର ଏବଂ ଗାଡ଼ିର କାର୍ଯ୍ୟଦକ୍ଷତାରେ ହ୍ରାସ ହେଉଛି। ଏହି ସମସ୍ୟାଗୁଡ଼ିକ ପେଟ୍ରୋଲରେ ଅତ୍ୟଧିକ ଇଥାନଲ୍ ମିଶ୍ରଣ ଯୋଗୁ ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି। ଅନ୍ୟପଟେ ସରକାର ଏ ସମସ୍ତ ପ୍ରକାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ମାମଲା କୋର୍ଟରେ ପହଞ୍ଚିବା ସହିତ ଏହି ପ୍ରସଙ୍ଗ ରାଜନୈତିକ ରୂପ ନେଇଛି। ଖୋଦ୍ ପେଟ୍ରୋଲିୟମ୍ ମନ୍ତ୍ରୀ ଏବଂ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ମୁଖ୍ୟ ସ୍ୱୀକାର କରୁଛନ୍ତି ଯେ, ଇ-୨୦ ପେଟ୍ରୋଲ ଯୋଗୁ ଗାଡ଼ିର ମାଇଲେଜ୍ କମୁଛି। ଏଭଳି ଘଟଣା ମଧ୍ୟରେ ଭୁଟାନ୍ ଭାରତଠାରୁ




### ଫୁଏଲ୍ ପମ୍ପ ଜାମ୍, ଇଞ୍ଜିନ୍ ଯନ୍ତ୍ରାଂଶରେ ଲାଗୁଛି କଳଙ୍କି

### ମାଇଲେଜ୍ କମୁଥିବା ନେଇ ପେଟ୍ରୋଲିୟମ୍ ମନ୍ତ୍ରୀ, ତେଲ କମ୍ପାନୀ ମୁଖ୍ୟଙ୍କ ସ୍ୱୀକାରୋକ୍ତି

ଇ-୨୦ ପେଟ୍ରୋଲ ନେବାକୁ ମନା କରିଦେଇଛି।

କେନ୍ଦ୍ର ସରକାରଙ୍କ ଇ-୨୦ ନୀତି ଅନୁଯାୟୀ, ପେଟ୍ରୋଲରେ ୨୦% ଇଥାନଲ୍ ମିଶ୍ରଣ ବାଧ୍ୟତାମୂଳକ। ହେଲେ ଏହାକୁ ନେଇ ଦେଶରେ ଗାଡ଼ି ମାଲିକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଜନସାଧାରଣଙ୍କ ଅସନ୍ତୋଷର ମୁଖ୍ୟ କାରଣ ହେଉଛି, ଯାନବାହାନ ଦକ୍ଷତା ଏବଂ ଆର୍ଥିକ କ୍ଷତି ଚିନ୍ତା। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଉଛି ଯେ ଇ-୨୦ ପେଟ୍ରୋଲ ବ୍ୟବହାର କରିବା ଦ୍ୱାରା ଯାନବାହାନର ମାଇଲେଜ୍ ୧୦% ରୁ ୩୦%କୁ ହ୍ରାସ ପାଇଛି, ଯାହା ଫଳରେ ମାସିକ ଇନ୍ଧନ ଖର୍ଚ୍ଚ ବୃଦ୍ଧି ପାଇଛି। ଇ-୨୦ ଇନ୍ଧନ ସହ ସୁସଙ୍ଗତ ନ ଥିବା କାରଗୁଡ଼ିକର ଫୁଏଲ୍ ପମ୍ପ ଜାମ୍ ହେବା ସହ ରବର ହୋସ୍ ଏବଂ ଇଞ୍ଜିନ୍‌ର ଯନ୍ତ୍ରାଂଶଗୁଡ଼ିକ କଳଙ୍କି ଲାଗିବା ଭଳି ସମସ୍ୟା ଉପୁଜିଛି। ତଥାପି, ସରକାର ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅପରପକ୍ଷେ ଖୋଦ୍ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ୍ ସିଂହ ପୁରୀ ଏହି କଥାକୁ ସ୍ୱୀକାର କରିଛନ୍ତି ଯେ, ଇ-୨୦ ପେଟ୍ରୋଲ ବ୍ୟବହାର ଯୋଗୁ ଗାଡ଼ିର ମାଇଲେଜ୍ ହ୍ରାସ ପାଉଛି। ଏହାଛଡା ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଜୈବ ଇନ୍ଧନ) ଅନୁରାଗ ▶ପୃଷ୍ଠା-୭

# ୟୁରୋପରେ ଥମୁନି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହର ପ୍ରକୋପ

**ଫ୍ରାନ୍ସରେ ଗଲାଣି ୧୦ ହଜାର ଜୀବନ**

ପ୍ୟାରିସ୍,୪।୭(ଏଜେନ୍ସି): ୟୁରୋପରେ ଜାରି ରହିଥିବା ଐତିହାସିକ ଗ୍ରୀଷ୍ମପ୍ରବାହ ମଧ୍ୟରେ ଫ୍ରାନ୍ସରେ ମୃତ୍ୟୁ ସଂଖ୍ୟା ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇଛି । ଜନସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ଆଶଙ୍କା, ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବଢ଼ିପାରେ । ଜୁନ୍ ମାସର ସବୁଠାରୁ ଉତ୍ତପ୍ତ ସପ୍ତାହରେ ଫ୍ରାନ୍ସରେ ପ୍ରାୟ ୧୦ ହଜାରରୁ ଅଧିକ ମୃତ୍ୟୁ ରେକର୍ଡ କରାଯାଇଛି, ଯାହା ପୂର୍ବ ସପ୍ତାହ ତୁଳନାରେ ପ୍ରାୟ ୩୦ ପ୍ରତିଶତ ଅଧିକ । ୪୫ ବର୍ଷରୁ ଅଧିକ ବୟସ୍କଙ୍କ ମଧ୍ୟରେ ମୃତ୍ୟୁହାର ବେଶି ଥିବାବେଳେ ୬୫ ବର୍ଷରୁ ଅଧିକ ବୟସ୍କମାନେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି । ରାଜଧାନୀ ପ୍ୟାରିସରେ ମୃତ୍ୟୁ ସଂଖ୍ୟା ସପ୍ତାହକ ମଧ୍ୟରେ ୬୨ ପ୍ରତିଶତ ବୃଦ୍ଧି ପାଇଥିବାରୁ ଏହା ସବୁଠାରୁ ଅଧିକ ପ୍ରଭାବିତ ଅଞ୍ଚଳ ପାଲଟିଛି । ଏପଟେ ଇଟାଲିରେ ମରୁଡ଼ି ପରିସ୍ଥିତି ଗୁରୁତର ହୋଇଥିବାବେଳେ ସ୍ୱିଜରଲ୍ୟାଣ୍ଡରେ ହିମବାହ ଦ୍ରୁତ ତରଳିବା ଜାରି ରହିଛି । ଜର୍ମାନୀ, ପୋଲାଣ୍ଡ, ସ୍ଲୋଭାକିଆ, ଚେକିଆ ଓ ହଙ୍ଗେରୀରେ ମଧ୍ୟ ନୂଆ ତାପମାତ୍ରା ରେକର୍ଡ ସୃଷ୍ଟି ହୋଇଛି । ୟୁରୋପରେ ବଢୁଥିବା ତାପପ୍ରବାହ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବକୁ ପୁଣିଥରେ ସ୍ପଷ୍ଟ କରିଛି । ବିଶେଷଜ୍ଞମାନଙ୍କ ମତରେ, ଭବିଷ୍ୟତରେ ଏଭଳି ଚରମ ପାଣିପାଗ ଘଟଣାର ମୁକାବିଲା ପାଇଁ ଦୀର୍ଘମିଆଦି ପ୍ରସ୍ତୁତି ଏବଂ ପ୍ରଭାବଶାଳୀ ଜଳବାୟୁ ନୀତି ଅପରିହାର୍ଯ୍ୟ ।



# ବିଭିନ୍ନ ଦେଶରେ ଡ୍ରଗ୍ସ ଦେଇ ମହିଳାଙ୍କୁ ଯୌନ ନିର୍ଯାତନା



**ଗିରଫ ହେଲେଣି ୫୭ ଜଣ**

ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ନଅଟି ଦେଶରେ ମହିଳାଙ୍କ ବିରୋଧରେ ସଂଗଠିତ ଭାବେ ମାଦକ ଦ୍ରବ୍ୟ ବ୍ୟବହାର କରି ଯୌନ ନିର୍ଯାତନା ଘଟାଉଥିବା ଏକ ଅନ୍ତର୍ଜାତୀୟ ଅପରାଧୀ ଚକ୍ରର ପର୍ଦ୍ଦାଫାସ ହୋଇଛି । ସାତଟି ଦେଶର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାର ମିଳିତ ତଦନ୍ତରେ ଏହି ଘଟଣା ସାମ୍ନାକୁ ଆସିଛି । 'ପ୍ରକଳ୍ପ ମେଡୁସା' ନାମକ ଏହି ଅଭିଯାନରେ ଜର୍ମାନୀ ଓ ବ୍ରିଟେନ୍‌ର ନେତୃତ୍ୱରେ ଆମେରିକା, ବ୍ରାଜିଲ୍, କାନାଡା, ଫ୍ରାନ୍ସ, ହଙ୍ଗେରୀ, ନେଦରଲ୍ୟାଣ୍ଡ ଓ ସ୍ପେନ୍‌ର ସୁରକ୍ଷା ସଂସ୍ଥା ସହଯୋଗ କରିଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ, ସାଙ୍କେତିକ ବାର୍ତ୍ତା ଆଦାନପ୍ରଦାନ ମାଧ୍ୟମ ଓ ବନ୍ଦ ଆଲୋଚନା ଗୋଷ୍ଠୀ ଜରିଆରେ ଅପରାଧୀମାନେ ପରସ୍ପର ସହ ଯୋଗାଯୋଗ ରଖି ଅପରାଧ ଘଟାଇବାର ଉପାୟ, ପ୍ରମାଣ ଲୁଚାଇବାର କୌଶଳ ଓ ଅନ୍ୟାନ୍ୟ ସୂଚନା ବାଣ୍ଟୁଥିଲେ । ଏପର୍ଯ୍ୟନ୍ତ ୧୫୦ରୁ ଅଧିକ ପୀଡ଼ିତ ଓ ସନ୍ଦିଗ୍ଧଙ୍କ ପରିଚୟ ମିଳିଥିବାବେଳେ ୨୭୦ରୁ ଅଧିକ ନୂତନ ତଦନ୍ତ ଆରମ୍ଭ ହୋଇଛି ଏବଂ ୫୭ ଜଣଙ୍କୁ ଗିରଫ କରାଯାଇଛି । ତଦନ୍ତକାରୀ ସଂସ୍ଥାମାନଙ୍କ ମତରେ ପ୍ରକୃତ ପୀଡ଼ିତଙ୍କ ସଂଖ୍ୟା ଏହାଠାରୁ ଅଧିକ ହୋଇପାରେ । ଏହି ଘଟଣା ଡିଜିଟାଲ ମାଧ୍ୟମର ଅପବ୍ୟବହାର କରି ସଂଗଠିତ ଅପରାଧ କିପରି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜରେ ପରିଣତ ହେଉଛି, ତାହା ପୁଣିଥରେ ସ୍ପଷ୍ଟ କରିଛି । ଏଭଳି ଅପରାଧ ରୋକିବା ପାଇଁ ଦେଶଗୁଡ଼ିକ ମଧ୍ୟରେ ସମନ୍ୱୟ, ଆଧୁନିକ ତଦନ୍ତ ବ୍ୟବସ୍ଥା ଏବଂ ପୀଡ଼ିତଙ୍କୁ ନ୍ୟାୟ ଦେବା ପାଇଁ ଦ୍ରୁତ ପଦକ୍ଷେପର ଆବଶ୍ୟକତା ରହିଛି ।

# ବିଭିନ୍ନ ରାଜ୍ୟରେ ବର୍ଷା ତାଣ୍ଡବ

## ଗୋଟିଏ ଦିନରେ ୯ ମୃତ: ମୁମ୍ବଇରେ ରେଡ୍ ଆଲର୍ଟ

ମୁମ୍ବଇ,୪।୭(ଏଜେନ୍ସି): ସାରା ଦେଶରେ ମୌସୁମୀ ବାୟୁ ସକ୍ରିୟ ହେବା ସହିତ ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବିଶେଷ କରି ମହାରାଷ୍ଟ୍ର, ଗୁଜରାଟ, ହିମାଚଳ ଓ କର୍ଣ୍ଣାଟକ ରାଜ୍ୟ ଏଥିରେ ପ୍ରଭାବିତ ହୋଇଛନ୍ତି । ବର୍ଷା ଜନୀତ କ୍ଷୟକ୍ଷତିରେ ମୁମ୍ବଇରେ ୨, କର୍ଣ୍ଣାଟକରେ ୨ ଓ ହିମାଚଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମହାରାଷ୍ଟ୍ରର ମୁମ୍ବଇ ଏବଂ ଏହାର ଆଖପାଖ ଅଞ୍ଚଳରେ ଶନିବାର ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି । ଆଇଏମ୍‌ଡି ପକ୍ଷରୁ ମୁମ୍ବଇ ଏବଂ ଥାନେ ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅତ୍ୟଧିକ ବର୍ଷା ହେବାର ପୂର୍ବାନୁମାନ ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବଇର ବିଭିନ୍ନ ଅଞ୍ଚଳରେ ହାରାହାରି ୨୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ପ୍ରବଳ ବର୍ଷା ଯୋଗୁଁ ଅନ୍ଧେରୀ ସବୱେ, ମାଟୁଙ୍ଗାର ସେନାପତି ବାପଟ ମାର୍ଗ ଏବଂ ସିୟନ ଭଳି ତଳୁଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି । ଗୁଜରାଟ ଓ ହିମାଚଳରେ ମଧ୍ୟ ପ୍ରବଳ ବର୍ଷା ଯୋଗୁଁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି । କିଛି ଦିନ ତଳେ ବର୍ଷା ପ୍ରଭାବରେ ଚେମ୍ବୁର ଅଞ୍ଚଳରେ ଏକ ଗଛ ସ୍କୁଲ ବସ୍ ଉପରେ ପଡ଼ିଯିବାରୁ ଜଣେ ୧୧ ବର୍ଷର ଛାତ୍ରର ମୃତ୍ୟୁ ଘଟିଛି । ଅନ୍ୟ ଏକ ଘଟଣାରେ, ସାକିନାକା ଅଞ୍ଚଳରେ ଜଣେ ୬୦ ବର୍ଷୀୟ ବ୍ୟକ୍ତି ଖୋଲା ମ୍ୟାନହୋଲରେ ପଡ଼ି ପ୍ରାଣ ହରାଇଛନ୍ତି । ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଏବଂ କଲେଜଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅତି ଜରୁରୀ କାମ ନଥିଲେ ଘରୁ ନବାହାରିବାକୁ ଅନୁରୋଧ କରାଯାଇଛି ।



# ଖାଲିଦ୍, ସରଜିଲ୍‌ଙ୍କ ଜାମିନ ଆବେଦନ ପୁଣି ଖାରଜ



ନୂଆଦିଲ୍ଲୀ,୪।୭(ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଦିଲ୍ଲୀର ଏକ ଅଦାଲତ ଆଜି ଛାତ୍ର ନେତା ଉମର ଖାଲିଦ୍ ଏବଂ ସରଜିଲ୍ ଇମାମଙ୍କ ଜାମିନ ଆବେଦନକୁ ପୁଣି ଖାରଜ କରିଛନ୍ତି । କୋର୍ଟ କହିଛନ୍ତି ଯେ ସୁପ୍ରିମ କୋର୍ଟ ହିଁ ସେମାନଙ୍କୁ ଜାମିନ ଦେଇପାରିବେ । ଏହି ମାମଲା ଏବେ ସୁପ୍ରିମ କୋର୍ଟଙ୍କ ଏକ ବୃହତ୍ ବେଞ୍ଚର ବିଚାରାଧୀନ ଥିବାରୁ ଜାମିନ ଦେବାକୁ ମନା କରିଦେଇଛନ୍ତି କୋର୍ଟ । ସୂଚନାଯୋଗ୍ୟ ଯେ ଖାଲିଦ୍ ଏବଂ ଇମାମ ୟୁଏପିଏ ଅଧୀନରେ ପ୍ରାୟ ୬ ବର୍ଷ ଧରି ବିଚାର ବିଭାଗୀୟ ହାଜତରେ ଅଛନ୍ତି । ନିକଟରେ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ବେଳେ "ଜାମିନ ଏକ ନିୟମ' ବୋଲି କହିଥିଲେ । ଏହାକୁ ଖାଲିଦଙ୍କ ପକ୍ଷରୁ କୋର୍ଟରେ ଯୁକ୍ତି ଭାବେ ପ୍ରସ୍ତୁତ କରି ଜାମିନ ଆବେଦନ କରାହୋଇଥିଲା । ସେହିପରି, ଇମାମ ଦର୍ଶାଇଥିଲେ ଯେ ସୁପ୍ରିମକୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରିବାର ୬ ମାସ ପରେ ମଧ୍ୟ ମାମଲାରେ କୌଣସି ଉଲ୍ଲେଖନୀୟ ଅଗ୍ରଗତି ହୋଇନାହିଁ । ଜାନୁଆରୀ ୫ରେ ସର୍ବୋଚ୍ଚ ନ୍ୟାୟାଳୟ ଉଭୟଙ୍କୁ ଜାମିନ ନାମଞ୍ଜୁର କରିଥିଲେ । ଏକ ବର୍ଷ ପରେ ଆବେଦନ କରିବାକୁ କହିଥିଲେ ସୁପ୍ରିମକୋର୍ଟ । ଅତିରିକ୍ତ ସେସନ୍ ଜଜ୍ ସମୀର ବାଜପେୟୀ ଉକ୍ତ ଯୁକ୍ତିକୁ ଅଗ୍ରାହ୍ୟ କରି କହିଛନ୍ତି ଯେ ସୁପ୍ରିମ କୋର୍ଟଙ୍କ ୫ ଜାନୁଆରୀ ୨୦୨୬ ରାୟ ପରିପ୍ରେକ୍ଷୀରେ ଏହି ଜାମିନ ଆବେଦନକୁ ବିଚାର କରାଯାଇ ପାରିବ ନାହିଁ ।

# ଆତଙ୍କବାଦୀ ତାଲିକାରେ ହାଫିଜ୍ ସୟିଦର ଜ୍ୱାଇଁ

ନୂଆଦିଲ୍ଲୀ,୪।୭(ଏଜେନ୍ସି): ଦେଶର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଶନିବାର ଦିନ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି । ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ ଅଧୀନରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ ଜମ୍ମୁ-କାଶ୍ମୀରରୁ ସକ୍ରିୟ ଥିବା ୨୩ ଜଣ ଅପରାଧୀଙ୍କୁ ଆତଙ୍କବାଦୀ ଭାବେ ଘୋଷଣା କରାଯାଇଛି । ଏହି ତାଲିକାରେ ଅଯୋଧ୍ୟାର ରାମ ମନ୍ଦିର ଉପରେ ଗୁପ୍ତଚରୀ କରିଥିବା ଆତଙ୍କବାଦୀ ଏବଂ ଲସ୍କର-ଇ-ତୋଏବାର ମୁଖ୍ୟ ହାଫିଜ୍ ସୟିଦର ଜ୍ୱାଇଁ ମଧ୍ୟ ସାମିଲ ଅଛି । ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏହି ନୂତନ ତାଲିକାରେ ଲସ୍କର-ଇ-ତୋଏବା ଏବଂ ଜୈଶ-ଇ-ମହମ୍ମଦ ଭଳି ସଂଗଠନର ବଡ଼ ବଡ଼ କମାଣ୍ଡର, ଅର୍ଥ ଯୋଗାଣକାରୀ ଏବଂ ସୀମାପାର ଅନୁପ୍ରବେଶକାରୀ ରହିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ୨୩ ଜଣଙ୍କ ମଧ୍ୟରୁ ୬ ଜଣ ଭାରତୀୟ ନାଗରିକ ଯେଉଁମାନେ ଏବେ ପାକିସ୍ତାନରେ ରହି ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଉଛନ୍ତି ।

# ରେଳବାଇ ପ୍ରଶ୍ନପତ୍ର ଲିକ୍; ୨ ଗିରଫ

ବେଙ୍ଗାଲୁରୁ,୪।୭(ଏଜେନ୍ସି): ଦକ୍ଷିଣ ପଶ୍ଚିମ ରେଳବାଇର ୨୦୨୨ ଜିଡିସିଇ ବିଭାଗୀୟ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇ ବେଙ୍ଗାଲୁରୁରୁ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି । ଗୁଡ୍ସ ଟ୍ରେନ୍ ମ୍ୟାନେଜର ପଦବୀ ପାଇଁ ଅନୁଷ୍ଠିତ ପରୀକ୍ଷାରେ ଏହି ୨ ଜଣ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଜଣାପଡିଛି । ସେମାନେ ପରୀକ୍ଷା ପୂର୍ବରୁ କିଛି ମନୋନୀତ ପ୍ରାର୍ଥୀଙ୍କୁ ପ୍ରଶ୍ନପତ୍ର ଯୋଗାଇ ଦେଇଥିବା ଅଭିଯୋଗ ହୋଇଛି । ତଲାସି ସମୟରେ ସିବିଆଇ ସେମାନଙ୍କ ନିକଟରୁ ସ୍କାନର୍, ପ୍ରିଣ୍ଟର୍ ଏବଂ ପରୀକ୍ଷା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ ଓ ପ୍ରାର୍ଥୀଙ୍କ ବିବରଣୀ ଜବତ କରିଥିଲା । ଏହି ମାମଲାରେ ପୂର୍ବରୁ ୨୩ ଜଣଙ୍କ ବିରୋଧରେ ଦକ୍ଷିଣ ପଶ୍ଚିମ ରେଳବାଇ ପକ୍ଷରୁ ଅଭିଯୋଗ ହୋଇଥିଲା ।





ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇଙ୍କ ଅନ୍ତ୍ୟେଷ୍ଟି ଶୋଭାଯାତ୍ରାରେ ଭାବପ୍ରବଣ ମୁହୂର୍ତ୍ତ । ଏଥିରେ ଏକ କୋଟିରୁ ଅଧିକ ଲୋକ ସାମିଲ ହେବେ ବୋଲି କୁହାଯାଉଛି । ଭାରତ ସମେତ ବିଭିନ୍ନ ଦେଶରୁ ଅନେକ ସରକାରୀ ପ୍ରତିନିଧି ଦଳ ମଧ୍ୟ ଯୋଗଦେଉଛନ୍ତି ।

# ଫିଲ୍ମ ପ୍ରସାରଣ ନେଇ ଟେଲିଗ୍ରାମ୍‌କୁ କେନ୍ଦ୍ରର ନୋଟିସ୍

**୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୪।୭(ଏଜେନ୍ସି): ପାଇରେଟେଡ୍ ଚଳଚ୍ଚିତ୍ର ଓ ଓଟିଟି ମଞ୍ଚର ବିଷୟବସ୍ତୁ ବେଆଇନ ଭାବେ ପ୍ରସାରଣ ହେଉଥିବା ଅଭିଯୋଗକୁ ନେଇ କେନ୍ଦ୍ର ସରକାର ଟେଲିଗ୍ରାମକୁ ନୋଟିସ ଜାରି କରିଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୧୫ ଦିନ ମଧ୍ୟରେ ସଂଶୋଧନମୂଳକ ପଦକ୍ଷେପ ନେଇ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମନ୍ତ୍ରଣାଳୟ ଟେଲିଗ୍ରାମକୁ ପାଇରେଟେଡ୍ ଚଳଚ୍ଚିତ୍ର ଓ ଅନ୍ୟାନ୍ୟ ଦୃଶ୍ୟଶ୍ରାବ୍ୟ ବିଷୟବସ୍ତୁ ଚିହ୍ନଟ, ଅଭିଯୋଗ ଗ୍ରହଣ, ଅପସାରଣ ଏବଂ ପ୍ରବେଶ ବନ୍ଦ କରିବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ କହିଛି । ଏଥିସହ ବାରମ୍ବାର ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ଚ୍ୟାନେଲ, ଗୋଷ୍ଠୀ, ସ୍ୱୟଂଚାଳିତ ଖାତା, ପ୍ରଶାସକ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଚଳଚ୍ଚିତ୍ର ପ୍ରଯୋଜକ, ଓଟିଟି ମଞ୍ଚ ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାମାନଙ୍କ ଅଭିଯୋଗର ସମାଧାନ ପାଇଁ ଥିବା ବ୍ୟବସ୍ଥାର ବିବରଣୀ ମଧ୍ୟ ମାଗିଛି । ସରକାର ସ୍ପଷ୍ଟ କରିଛନ୍ତି ଯେ କପିରାଇଟ୍ ଉଲ୍ଲଙ୍ଘନ ଭାରତରେ କେବଳ ଦେୱାନୀ ନୁହେଁ, ବରଂ ଏକ ଦଣ୍ଡନୀୟ ଅପରାଧ । ଦେଶର ସୃଜନଶୀଳ କ୍ଷେତ୍ର, ଚଳଚ୍ଚିତ୍ର ଶିଳ୍ପ, ପ୍ରସାରଣ ସଂସ୍ଥା ଏବଂ ଓଟିଟି ମଞ୍ଚର ସ୍ୱାର୍ଥ ସୁରକ୍ଷା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ସନ୍ତୋଷଜନକ ପଦକ୍ଷେପ ନ ନେଲେ ପ୍ରଚଳିତ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବିଚାର କରାଯାଇପାରେ ।


# ୫୦ ବାଂଲାଦେଶୀଙ୍କୁ ସ୍ୱଦେଶ ଫେରାଇବ ତାମିଲନାଡୁ

ଚେନ୍ନଇ, ୪।୭ (ଏଜେନ୍ସି): ତାମିଲନାଡୁର ଏକ ସ୍ୱତନ୍ତ୍ର ଅଟକ ଶିବିରରେ ରହୁଥିବା ୫୦ ଜଣ ବାଂଲାଦେଶୀ ନାଗରିକଙ୍କୁ ସେମାନଙ୍କ ଦେଶକୁ ଫେରାଇ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ ସେମାନଙ୍କୁ କଡ଼ା ପୁଲିସ ସୁରକ୍ଷା ମଧ୍ୟରେ ତାମିଲନାଡୁରୁ ପଶ୍ଚିମବଙ୍ଗ ପଠାଯାଇଛି । ସେଠାରେ ସେମାନଙ୍କୁ ସୀମା ସୁରକ୍ଷା ବଳଙ୍କୁ ହସ୍ତାନ୍ତର କରାଯିବ, ଯିଏ କି ସମସ୍ତ ଔପଚାରିକତା ଶେଷ କରି ସେମାନଙ୍କୁ ବାଂଲାଦେଶ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଇବେ । ପୁଲିସର ସୂଚନା ଅନୁଯାୟୀ, ଏହି ଦଳରେ ୪୪ ଜଣ ପୁରୁଷ ଏବଂ ୬ ଜଣ ମହିଳା ଅଛନ୍ତି, ଯେଉଁମାନଙ୍କୁ ସେଲମ ଜିଲ୍ଲାର ଆତୁର ତାଲୁକ କାର୍ଯ୍ୟାଳୟ ପରିସରରେ ଥିବା ସ୍ୱତନ୍ତ୍ର ଅଟକ ଶିବିରରେ ରଖାଯାଇଥିଲା । ସେମାନଙ୍କୁ ଦେଶରୁ ବାହାର କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି ।

# ଗୃହବନ୍ଦୀ ରହିବେ ପୂର୍ବତନ ବ୍ରାଜିଲ୍ ରାଷ୍ଟ୍ରପତି

ବ୍ରାସିଲିଆ, ୪।୭ (ଏଜେନ୍ସି): ବ୍ରାଜିଲ୍‌ର ପୂର୍ବତନ ରାଷ୍ଟ୍ରପତି ଜାଇର ବୋଲସୋନାରୋଙ୍କ ଘରୋଇ ନଜରବନ୍ଦୀକୁ ଜାରି ରଖିବାକୁ ବ୍ରାଜିଲ୍‌ର ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି । ତାଙ୍କ ସ୍ୱାସ୍ଥ୍ୟଗତ ସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ୨୦୨୨ ମସିହାର ରାଷ୍ଟ୍ରପତି ନିର୍ବାଚନରେ ଲୁଇଜ୍ ଇନାସିଓ ଲୁଲା ଦା ସିଲଭାଙ୍କ ନିକଟରେ ପରାଜିତ ହେବା ପରେ କ୍ଷମତା ଦଖଲ ଷଡ଼ଯନ୍ତ୍ର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ବୋଲସୋନାରୋ ୨୭ ବର୍ଷର କାରାଦଣ୍ଡ ଭୋଗୁଛନ୍ତି । ତେବେ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଘରେ ଉତ୍ତମ ଚିକିତ୍ସା ସୁବିଧା ମିଳିବାର ଯୁକ୍ତିକୁ ଗ୍ରହଣ କରି ବିଚାରପତି ଆଲେକ୍ସାନ୍ଦ୍ରେ ଦେ ମୋରାଏସ୍ ଘରୋଇ ନଜରବନ୍ଦୀ ଜାରି ରଖିବାକୁ ଅନୁମତି ଦେଇଛନ୍ତି । ଗତ ମାର୍ଚ୍ଚରେ ନିମୋନିଆରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ପରେ ତାଙ୍କୁ ଅସ୍ଥାୟୀ ଭାବେ ଘରୋଇ ନଜରବନ୍ଦୀରେ ରହିବାକୁ ଅନୁମତି ମିଳିଥିଲା ।

# ସରକାରୀ ପାଠ୍ୟପୁସ୍ତକରେ ଆତଙ୍କବାଦୀଙ୍କୁ ପ୍ରଶଂସା!




**ଜମ୍ମୁ-କାଶ୍ମୀରରେ ତୀବ୍ର ପ୍ରତିକ୍ରିୟା**
**ଉପରାଜ୍ୟପାଳଙ୍କ ତଦନ୍ତ ନିର୍ଦ୍ଦେଶ**

ଶ୍ରୀନଗର,୪।୭(ଏଜେନ୍ସି): ଜମ୍ମୁ-କାଶ୍ମୀରର ସରକାରୀ ବିଦ୍ୟାଳୟ ପୁସ୍ତକାଳୟ ପାଇଁ ଅନୁମୋଦିତ ବୋଲି କୁହାଯାଉଥିବା ଏକ ପୁସ୍ତକକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି । ପୁସ୍ତକରେ ଆତଙ୍କବାଦୀ ଏବଂ ବିଚ୍ଛିନ୍ନତାବାଦୀ ନେତାଙ୍କୁ ପ୍ରଶଂସା କରାଯାଇଥିବା ଏବଂ ଜମ୍ମୁ-କାଶ୍ମୀର ସମ୍ପର୍କରେ ଆପତ୍ତିଜନକ ଶବ୍ଦ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି । 'ଜମ୍ମୁ-କାଶ୍ମୀରର ବ୍ୟକ୍ତିତ୍ୱ ଓ କିମ୍ବଦନ୍ତୀ' ନାମକ ଏହି ପୁସ୍ତକରେ ନିଷିଦ୍ଧ ସଂଗଠନ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ସକାରାତ୍ମକ ଭାବେ ଉପସ୍ଥାପନ କରାଯାଇଥିବା ଏବଂ ଜମ୍ମୁ-କାଶ୍ମୀରକୁ ନେଇ ବିବାଦୀୟ ଶବ୍ଦ ପ୍ରୟୋଗ ହୋଇଥିବା ଅଭିଯୋଗ ଉଠିଛି । ପୁସ୍ତକରେ ସମଗ୍ର ଶିକ୍ଷା ଜମ୍ମୁ-କାଶ୍ମୀରର ପ୍ରତୀକ ଚିହ୍ନ ଥିବାରୁ ଏହା କିପରି ସରକାରୀ ବିଦ୍ୟାଳୟ ପୁସ୍ତକାଳୟ ପାଇଁ ଅନୁମୋଦନ ପାଇଲା, ତାହାକୁ ନେଇ ପ୍ରଶ୍ନ ଉଠିଛି । ବିରୋଧୀ ଦଳ ଏହି ପୁସ୍ତକକୁ ତୁରନ୍ତ ନିଷିଦ୍ଧ କରିବା ସହ ଏହାର ପ୍ରକାଶନ, ଅନୁମୋଦନ ଓ ବିତରଣ ସହ ଜଡ଼ିତ ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଇତିମଧ୍ୟରେ ଉପରାଜ୍ୟପାଳ ଏହି ପୁସ୍ତକକୁ ବ୍ୟାନ୍ କରିବା ସହିତ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ହାଇଦରାବାଦ୍‌ରେ ୧୨୨ ଟନ୍ ଭେଜାଲ ଖାଦ୍ୟ ଜବତ

ହାଇଦରାବାଦ୍,୪।୭(ଏଜେନ୍ସି): ହାଇଦରାବାଦ୍ ସହରରେ ଭେଜାଲ ଖାଦ୍ୟ ପ୍ରସ୍ତୁତ ଓ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ ପୋଲିସ ଏକ ବଡ଼ ଧରଣର ଅଭିଯାନ ଚଳାଇଛି । ମାତ୍ର ୧୦୦ ଦିନ ମଧ୍ୟରେ ସ୍ୱତନ୍ତ୍ର ପୋଲିସ ଦଳ (ଏଚ୍-ଫାଷ୍ଟ) ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୮୫ଟି ମାମଲା ରୁଜୁ କରିବା ସହ ପ୍ରାୟ ୧୨୨ ଟନ୍ ଅସୁରକ୍ଷିତ ଓ ନକଲି ଖାଦ୍ୟ ସାମଗ୍ରୀ ଜବତ କରିଛି । ଗତ ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ପୋଲିସ ଦଳ ମହାନଗର ନିଗମ ଏବଂ ଖାଦ୍ୟ ସୁରକ୍ଷା ବିଭାଗ ସହ ମିଶି ସହରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲା । ଏହି ଚଢ଼ାଉ ସମୟରେ ଜବତ ହୋଇଥିବା ମୁଖ୍ୟ ସାମଗ୍ରୀଗୁଡ଼ିକ ହେଲା ।୨୭ ଟନ୍ ଭେଜାଲ ଅଦା-ରସୁଣ ବଟା । ୨୫ ଟନ୍‌ରୁ ଅଧିକ କେମିକାଲ ଦ୍ୱାରା ପଚାଯାଇଥିବା ଫଳ । ୩୦ ଟନ୍‌ରୁ ଅଧିକ କୁକୁଡ଼ା ବର୍ଜ୍ୟବସ୍ତୁ ଏବଂ ୧୫ ଟନ୍ ନିମ୍ନମାନର ମାଂସ । ୪ ଟନ୍ ନକଲି ଖୋଆ, ୩.୯ ଟନ୍ ନକଲି ଚାହାର ଗୁଣ୍ଡ ଏବଂ ୧.୫ ଟନ୍ କୃତ୍ରିମ ପନୀର । ଏହା ବ୍ୟତୀତ ପ୍ରାୟ ୨୪୭ଟି ମାମଲାକୁ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି । ହାଇଦରାବାଦ୍ ପୋଲିସ କମିଶନରଙ୍କ କହିବା ଅନୁଯାୟୀ, ଖାଦ୍ୟରେ ଭେଜାଲ ମିଶାଇବା କୌଣସି ସାଧାରଣ ଅପରାଧ ନୁହେଁ, ବରଂ ଏହା ହତ୍ୟା ଉଦ୍ୟମ ସହ ସମାନ ।



# ସାହାରା ମରୁଭୂମିକୁ ରୋକିବ ପ୍ରକୃତିର ମହାପ୍ରାଚୀର

ନୂଆଦିଲ୍ଲୀ,୪।୭(ଏଜେନ୍ସି): ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଏବଂ ମରୁଭୂମିର ସମ୍ପ୍ରସାରଣକୁ ରୋକିବା ପାଇଁ ଆଫ୍ରିକା ମହାଦେଶରେ ଏକ ଅଭୂତପୂର୍ବ ପରିବେଶ ଆନ୍ଦୋଳନ ଆରମ୍ଭ ହୋଇଛି । ଚୀନର ମହାପ୍ରାଚୀର ପରେ ବର୍ତ୍ତମାନ ପୃଥିବୀର ସବୁଠାରୁ ବଡ଼ ସବୁଜ ପ୍ରକଳ୍ପ ଭାବେ ଏକ ୮,୦୦୦ କିଲୋମିଟର ଦୀର୍ଘ 'ଗଛର ପ୍ରାଚୀର' ନିର୍ମାଣ କରାଯାଉଛି । ଆଟଲାଣ୍ଟିକ୍ ମହାସାଗର ଉପକୂଳର ସେନେଗାଲ୍‌ଠାରୁ ଆରମ୍ଭ କରି ଲୋହିତ ସାଗର କୂଳରେ ଥିବା ଜିବୁଟି ପର୍ଯ୍ୟନ୍ତ ବ୍ୟାପିଥିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ନଷ୍ଟ ହୋଇଯାଇଥିବା ଜମିର ପୁନରୁଦ୍ଧାର କରିବା, ଜୀବିକା ଯୋଗାଇବା ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ କ୍ଷୁଧାରୁ ମୁକ୍ତି ଦେବା । ଏହି ଐତିହାସିକ ପ୍ରକଳ୍ପ ଆଫ୍ରିକୀୟ ସଂଘ ଦ୍ୱାରା ୨୦୦୭ ମସିହାରେ ଆରମ୍ଭ କରାଯାଇଥିଲା । ସାହାରା ମରୁଭୂମିର ସୀମାନ୍ତରେ ଥିବା ଅର୍ଦ୍ଧ-ଶୁଷ୍କ ଅଞ୍ଚଳ 'ସାହେଲ୍'କୁ ବଞ୍ଚାଇବା ପାଇଁ ଏହି ଯୋଜନା ପ୍ରସ୍ତୁତ ହୋଇଛି । ଗତ କେତେ ଦଶନ୍ଧି ହେବ ଏହି ଅଞ୍ଚଳ କ୍ରମାଗତ ମରୁଡ଼ି, ଜଳବାୟୁ ପରିବର୍ତ୍ତନ ଏବଂ ଭୂମିର ଉର୍ବରତା ହ୍ରାସ ପାଇବା ଯୋଗୁଁ ସଙ୍କଟ ଦେଇ ଗତି କରୁଥିଲା । ଏହା ଦ୍ୱାରା ସ୍ଥାନୀୟ କୃଷି ଓ ଗୋପାଳନ ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଲୋକ ଦାରିଦ୍ର୍ୟ ଏବଂ ଖାଦ୍ୟ ଅଭାବର ସମ୍ମୁଖୀନ ହୋଇଥିଲେ । ପ୍ରାରମ୍ଭିକ ପରିକଳ୍ପନାରେ ଏହା କେବଳ ୧୫ କିଲୋମିଟର ଓସାରର ଏକ ସରଳ ଗଛର ଧାଡ଼ି ହେବାର ଥିଲା । ମାତ୍ର ପରବର୍ତ୍ତୀ ସମୟରେ ବୈଜ୍ଞାନିକ ଓ ପରିବେଶବିତ୍‌ମାନେ ଅନୁଭବ କଲେ ଯେ କେବଳ ଗଛ ଲଗାଇବା ଅପେକ୍ଷା ସମ୍ପୂର୍ଣ୍ଣ ପ୍ରାକୃତିକ ପରିବେଶର ସୁଧାର କରିବା ଅଧିକ ପ୍ରଭାବଶାଳୀ ହେବ । ତେଣୁ ବର୍ତ୍ତମାନ ଏହି ଅଭିଯାନରେ ସ୍ଥାନୀୟ ଜଳବାୟୁ ଅନୁଯାୟୀ ଜଙ୍ଗଲ, ତୃଣଭୂମି, ଆର୍ଦ୍ରଭୂମି ଏବଂ ଚାଷଜମିର ପୁନରୁଦ୍ଧାର କରାଯାଉଛି । ଫଳରେ ମାଟିର ଆର୍ଦ୍ରତା ବୃଦ୍ଧି ପାଉଛି ଏବଂ ଭୂତଳ ଜଳସ୍ତରରେ ସୁଧାର ଆସୁଛି । ଏହି ପ୍ରକଳ୍ପର କେତେକ ପ୍ରମୁଖ ଲକ୍ଷ୍ୟଗୁଡ଼ିକ ହେଉଛି, ୧୦୦ ନିୟୁତ ହେକ୍ଟର ନଷ୍ଟ ହୋଇଯାଇଥିବା ଭୂମିକୁ ପୁଣି ଉର୍ବର କରିବା । ବାୟୁମଣ୍ଡଳରୁ ୨୫୦ ନିୟୁତ ଟନ୍ ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ଶୋଷଣ କରିବା । ଆଫ୍ରିକାର ସ୍ଥାନୀୟ ଅଞ୍ଚଳରେ ୧୦ ନିୟୁତ ସବୁଜ ରୋଜଗାର ସୃଷ୍ଟି କରିବା । ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦ରୁ ଅଧିକ ଆଫ୍ରିକୀୟ ଦେଶ ଏହି ମହାନ କାର୍ଯ୍ୟରେ ସାମିଲ ହୋଇଛନ୍ତି । ସେନେଗାଲ୍ ଏବଂ ଇଥିଓପିଆ ଭଳି ଦେଶଗୁଡ଼ିକ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ପ୍ରାୟ ୩୦ ନିୟୁତ ହେକ୍ଟର ଜମିକୁ ସବୁଜିମାରେ ପରିଣତ କରିସାରିଲେଣି । ଏହି ସବୁଜ ପ୍ରାଚୀର କେବଳ ଏକ ପରିବେଶ ପ୍ରକଳ୍ପ ନୁହେଁ, ବରଂ ଏହା ମାନବ ସମାଜ ଏବଂ ପ୍ରକୃତିର ମିଳନର ଏକ ମହାନ ପ୍ରତୀକ । ବିଭାଜନ ପାଇଁ ତିଆରି ହେଉଥିବା ଅନ୍ୟ ପ୍ରାଚୀରଗୁଡ଼ିକ ତୁଳନାରେ ଏହି ସବୁଜ ପ୍ରାଚୀର ସମାଜକୁ ଯୋଡ଼ିବା ଏବଂ ଜୀବନ ବଞ୍ଚାଇବା ପାଇଁ କାର୍ଯ୍ୟ କରୁଛି । ଆଫ୍ରିକାର ଏହି ସଫଳ ପ୍ରୟାସ ବିଶ୍ୱର ଅନ୍ୟାନ୍ୟ ମରୁଭୂମି ପ୍ରବଣ ଅଞ୍ଚଳ ପାଇଁ ଆଗାମୀ ଦିନରେ ଏକ ଅନନ୍ୟ ଉଦାହରଣ ଏବଂ ପ୍ରେରଣା ସାଜିବ ।



**ଆଫ୍ରିକାରେ ୮,୦୦୦ କିଲୋମିଟରର 'ଗଛର କାନ୍ଥ'**

**୨୦ରୁ ଅଧିକ ଦେଶ ଏହି ଅଭିଯାନରେ ସାମିଲ୍**

ଅଣସରରେ ଚାଲିଛି ଗୁପ୍ତ ସେବା

# ଶ୍ରୀଅଙ୍ଗରେ ମାଲିସ୍ ହେଲା ଫୁଲୁରୀ ତେଲ, ଆଜି ଓଷୁଅ ଲାଗି



ପୁରୀ,୪।୭(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ସୁବାସିତ ଜଳରେ ଅତ୍ୟଧିକ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଦାରୁବିଗ୍ରହଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ସେବା କରୁଛନ୍ତି। ଶନିବାର ଦାରୁଦିଅଁଙ୍କୁ ଲାଗି ହୋଇଛି ଫୁଲୁରୀ ତେଲ। ରବିବାର ଠାକୁରଙ୍କୁ ଓଷୁଅ ଲାଗି କରାଯିବ। ତେବେ ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରେ ଫୁଲୁରୀ ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ଼ ଓଡ଼ିଆ ମଠ ପକ୍ଷରୁ ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ଫୁଲୁରୀ ତେଲ ଯୋଗାଇ ଦିଆଯାଇଛି। ପ୍ରତିବର୍ଷ ଅଣସରରେ ମଠ ୬ ସେର ଏବଂ କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରୀ ତେଲ ଯୋଗାଇଦେଇଥାଏ।

ବର୍ଷକ ଆଗରୁ ୨୪ ପ୍ରକାର ସାମଗ୍ରୀରେ ଏହାକୁ ପ୍ରସ୍ତୁତି କରାଯାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ କେତକୀ, ମଲ୍ଲୀ, ଚମ୍ପା, ଜୁଇ, ଜାଇ, ହେନା ଭଳି ୧୪ ପ୍ରକାର ଫୁଲ, ବେଣାଚେର, ଗୁଳୁଚି ଭଳି ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଇ ଏକ ପାତ୍ରରେ ରଖି ମାଟିତଳେ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଇଥାଏ। ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଇଥାଏ। ବୋଲି ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ କହିଛନ୍ତି। ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ପାଇଁ ଶନିବାର ଅପରାହ୍ନରେ ମଠର ଦୁଇଜଣ କର୍ମଚାରୀ ୨ଟି ହାଣ୍ଡିରେ ୬ ସେର ଫୁଲୁରୀ ତେଲ ନେଇ ଶ୍ରୀମନ୍ଦିର ଗାରଦରେ ପହଞ୍ଚାଇଥିଲେ। ସନ୍ଧ୍ୟାରେ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଅଣସର ଘର ଦ୍ୱାର ଖୋଲାଯାଇ ଅଣସର ନୀତି ଆରମ୍ଭ ହୋଇଥିଲା। ଫୁଲୁରୀ ତେଲକୁ ପତିମହାପାତ୍ର ସେବକ ତିନୋଟି ରୁପା ପିଙ୍ଗଣରେ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥିଲେ।

ଫୁଲୁରୀ ତେଲ ଲାଗି ପରେ ପ୍ରଭୁଙ୍କୁ ଶୟନ ଅବସ୍ଥାରୁ ବସାଇବା ଉପକ୍ରମ ଆରମ୍ଭ ହୋଇଛି। ଲୌକିକ ମତରେ ଜ୍ୱରଗ୍ରସ୍ତ ଠାକୁରମାନଙ୍କ ଦେହରୁ ମଜରା ଛଡାଇବାକୁ କରାଯାଉଛି ଉପଚାର। ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ମାଲିସ୍ ହୋଇଛି ଫୁଲୁରୀ ତେଲ। ଆର୍ୟୁବେଦ ଶାସ୍ତ୍ର ମୁତାବକ ଏଥିରେ ମିଶୁଥିବା ସମସ୍ତ ପ୍ରକାର ଫୁଲ ଏବଂ ବେଣା ଚେରରେ ରହିଛି ଦେହକୁ ଉଷ୍ମତା ପ୍ରଦାନ କରିବାର ଶକ୍ତି। ଏଣୁ ଦାରୁଦିଅଁମାନେ ଅତ୍ୟଧିକ ସ୍ନାନ ଯୋଗୁଁ ଅସୁସ୍ଥ ହୋଇପଡିଥିବା କଳ୍ପନା କରାଯାଇ ଏହି ତେଲ ମର୍ଦ୍ଦନ କରାଯାଇଥାଏ।



ବାମପନ୍ଥୀ ଉଗ୍ରବାଦ ଦମନ କ୍ଷେତ୍ରରେ ସଫଳତା ପାଇଁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ଓଡ଼ିଶା ପୁଲିସକୁ ଦେଇଥିବା ପ୍ରଶଂସାପତ୍ରକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦର୍ଶନ କରୁଛନ୍ତି

# ରଘୁବାରୀ ଜଙ୍ଗଲରୁ ମାଓ ଡମ୍ପ୍ ଠାବ

ରାୟଗଡ଼ା, ୪।୭(ସମିସ): ରାୟଗଡ଼ ଜିଲ୍ଲା ଆମ୍ବୋଦଳା ଥାନା ଅଧୀନ ରଘୁବାରୀ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ମାଓ ଡମ୍ପରୁ ବନ୍ଧୁକ, ଗୁଳିଗୋଳା ଓ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି। ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାୟଗଡ ଏସପି ରାଜପ୍ରସାଦ ଏହି ସୂଚନା ଦେଇଛନ୍ତି। ନିକଟ ଅତୀତରେ ଆତ୍ମସମର୍ପଣ କରିଥିବା ମାଓ କ୍ୟାଡରଙ୍କଠାରୁ ମିଳିଥିବା ଗୁଇନ୍ଦା ସୂଚନା ଆଧାରରେ ଗତ ୨ ଜୁଲାଇରେ ଡିଭିଏଫ୍ ଓ ଏସଓଜିର ମିଳିତ ଟିମ୍ ରଘୁବାରୀ ସଂରକ୍ଷିତ ଜଙ୍ଗଲରେ କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଚଳାଇଥିଲେ। ଅଭିଯାନ ସମୟରେ ଜଙ୍ଗଲ ମଧ୍ୟରେ ଲୁଚାଇ ରଖାଯାଇଥିବା ଏକ ସନ୍ଦିଗ୍ଧ ମାଓ ଡମ୍ପ ଚିହ୍ନଟ ହୋଇଥିଲା। ସ୍ଥାନରେ ଆଇଇଡି କିମ୍ବା ବିସ୍ଫୋରକ ଥିବା ଆଶଙ୍କାରେ ଜିଲ୍ଲା ବୋମା ନିଷ୍କ୍ରିୟକରଣ ଦଳକୁ ନିୟୋଜିତ କରାଯାଇଥିଲା। ସମ୍ପୂର୍ଣ୍ଣ ଯାଞ୍ଚ ପରେ ସୁରକ୍ଷିତ ଭାବେ ଡମ୍ପରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରାଯାଇଥିଲା। ଜବତ ସାମଗ୍ରୀ ମଧ୍ୟରେ ଏକ .୩୦୩ ରାଇଫଲ, ଷ୍ଟେନ୍ ଗନର ବିଭିନ୍ନ ଅଂଶ, ୩୭ ରାଉଣ୍ଡ .୩୦୩ ଗୁଳି, ୨୫ ରାଉଣ୍ଡ ୯ ଏମ୍ଏମ୍ ଗୁଳି, ଏକ ଦେଶୀ ବନ୍ଧୁକ, ଷ୍ଟେନ୍ ମାଗାଜିନ, ଆର୍‌ବିଜିଏଲ୍, କର୍ଡେକ୍ସ ତାର, ଗନ୍ ପାଉଡର, ମାଓ ସାହିତ୍ୟ ସହ ଦୈନନ୍ଦିନ ବ୍ୟବହାରର ବହୁ ସାମଗ୍ରୀ ରହିଛି।

ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ନିଷିଦ୍ଧ ସିପିଆଇ (ମାଓବାଦୀ) ସଂଗଠନର ବଂଶଧାରା-ଘୁମୁସର-



ନାଗାବଳୀ (ବିଜିଏନ୍) ଡିଭିଜନର ଥିଲା। ଭବିଷ୍ୟତରେ ମାଓ କ୍ୟାଡରମାନଙ୍କ ବ୍ୟବହାର ପାଇଁ ଏହାକୁ ଜଙ୍ଗଲରେ ଲୁଚାଇ ରଖାଯାଇଥିଲା। ଏସପି ରାଜ ପ୍ରସାଦ କହିଛନ୍ତି ଯେ ରାୟଗଡ଼ ଜିଲ୍ଲା ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ନକ୍ସଲମୁକ୍ତ ଜିଲ୍ଲା ହୋଇଛି। ଜାନୁଆରୀ ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ମୋଟ ୧୫ ଜଣ ମାଓ କ୍ୟାଡର ପୋଲିସ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ମାଓବାଦୀଙ୍କ କୌଣସି ସକ୍ରିୟ ଗତିବିଧି କିମ୍ବା କାର୍ଯ୍ୟକଳାପ ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଚଳିତ ମାସ ଗତ ୧୩ ଜୁନରେ ଢେପାଗୁଡ଼ା ସଂରକ୍ଷିତ ଜଙ୍ଗଲରୁ ଏକ

**ବନ୍ଧୁକ, ଗୁଳି ଓ ବିପୁଳ ସାମଗ୍ରୀ ଜବତ**

ବଡ଼ ମାଓ ଡମ୍ପ ଠାବ କରାଯାଇଥିବା ବେଳେ, ରଘୁବାରୀରୁ ହୋଇଥିବା ଏହି ଜବତ ଗତ ଏକ ମାସ ମଧ୍ୟରେ ଦ୍ୱିତୀୟ ବଡ଼ ସଫଳତା। ରାୟଗଡ ପୁଲିସ, ଏସଓଜି, ଡିଭିଏଫ୍ ଓ ସିଆରପିଏଫ୍‌ର ମିଳିତ ସହଯୋଗରେ ଆଗାମୀ ଦିନରେ ମଧ୍ୟ କମ୍ବିଂ, ସର୍ଚ୍ଚ ଓ ଏରିଆ ଡୋମିନେସନ୍ ଅପରେସନ୍ ଜାରି ରହିବ ବୋଲି ଏସପି କହିଛନ୍ତି।

# ଟ୍ରେନ୍‌ରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ

ବେଲଗୁଣ୍ଠା,୪।୭(ସମିସ): ଟ୍ରେନ୍‌ରୁ ଖସି ପଡ଼ି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ଉଦୁରା ପଞ୍ଚାୟତ ଅନ୍ତର୍ଗତ କୋକଲୁଣ୍ଡା ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ପୁଅ ଆଲୋକ ବେହେରା (୨୫)। ସୁରେନ୍ଦ୍ର ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କର ସମସ୍ତ ପରିବାର ସଦସ୍ୟ ବାହାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ସୁରେନ୍ଦ୍ର ବହୁ ବର୍ଷ ହେବ ତାଳଚେରର ଏକ ରୋଟି କମ୍ପାନୀରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟକରୁଥିବା କରୁଥିବା ବେଳେ ସୁରେନ୍ଦ୍ରଙ୍କ ସାନ ପୁଅ ଆଲୋକ ଘରର ଦୁର୍ବଳ ଆର୍ଥିକ ଅବସ୍ଥା ଯୋଗୁଁ ପ୍ରାଥମିକ ବିଦ୍ୟାଳୟରୁ ହିଁ ପାଠରେ ଡୋରି ବାନ୍ଧି ୮ ବର୍ଷ ତଳେ ନିଜ ସାଙ୍ଗ ସାଥିଙ୍କ ସହିତ ସୁରତ ଚାଲି ଯାଇଥିଲେ। ସେ ସୁରତରେ ୭ ବର୍ଷ କାମ କରିବା ପରେ ୮ ମାସ ତଳେ ମୁମ୍ବାଇରେ ଆସି କାମ କରୁଥିଲେ। ଗତ ୨୯ ତାରିଖ ଦିନ ସେ ତାଳଚେର ଆସିବା ପାଇଁ ମୁମ୍ବାଇରୁ ଟ୍ରେନ୍ ରେ ଚଢ଼ିଥିଲେ। କିନ୍ତୁ ରାତି ୨ଟା ୩୦ ସମୟରେ ନାସିକ ପଖରେ ଆଲୋକ ଅସାବଧାନତା ବଶତଃ ଟ୍ରେନ୍‌ରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ରେଳ



ସୁରକ୍ଷା ବାହିନୀକୁ ଜଣାଇବା ପରେ ରେଲୱେ ପୋଲିସ ଆଲୋକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ନାସିକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ନାସିକ ସିଟି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଏକ ତାରିଖ ଦିନ ୧୨ ଘଣ୍ଟା ୨୦ ମିନିଟ୍ ସମୟରେ ଆଲୋକ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଖବର ପାଇ ଆଲୋକଙ୍କ ଭାଇ ଏବଂ ଭିଣୋଇ ନାସିକରେ ପହଞ୍ଚିଥିଲେ। ଏକ ତାରିଖରେ ହିଁ ଆଲିକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ଭାଇଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଆଲୋକଙ୍କ ଶବକୁ ଗ୍ରାମକୁ ଆଣିବା ନିମନ୍ତେ ତାଙ୍କ ପରିବାର ଲୋକଙ୍କ ପକ୍ଷେ ଅର୍ଥର ଅଭାବ ଥିବାରୁ ସେମାନେ ନାସିକରେ ହିଁ ଶବ ସତ୍କାର କରିଦେଇଥିଲେ। ଫଳରେ ଆଲୋକଙ୍କ ବାପା, ମା ଏବଂ ଭଉଣୀ ତାଙ୍କର ଶେଷ ଦର୍ଶନ ମଧ୍ୟ କରିପାରି ନ ଥିଲେ। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଉଦୁରା ସମିତି ସଭ୍ୟ ସୁଧାଂଶୁ ଶେଖର ପୋଲାଇ ପ୍ରଶାସନ ନିକଟରେ ଦାବି କରିଛନ୍ତି।

**ଶେଷ ସମୟରେ ମୁହଁ ବି ଦେଖି ପାରିଲେନି ବାପାମାଆ**

## ୯ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

ଭୁବନେଶ୍ୱର,୪।୭(ସମିସ): ଭାରତର ଉପରାଷ୍ଟ୍ରପତିଙ୍କ ଚଳିତ ଜୁଲାଇ ୯ ତାରିଖରେ ଓଡ଼ିଶା ଆସୁଛନ୍ତି। ଉପରାଷ୍ଟ୍ରପତିଙ୍କ ଗସ୍ତକୁ ସଫଳ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ, ଉପରାଷ୍ଟ୍ରପତି ୯ ତାରିଖରେ ଭୁବନେଶ୍ୱର କୃଷି ଶିକ୍ଷା ସଦନ ଠାରେ ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ଲେଟର ଅଫ୍ ଅଥରାଇଜେସନ୍'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାସହ ଖୋର୍ଦ୍ଧାସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ(ନାଇଜର) ର ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିବେ। ଉପରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା, ପ୍ରୋଟୋକଲ, ଯାତାୟତ, ଚିକିତ୍ସା, ମୌଳିକ ସୁବିଧା ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି।

**ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ**

୪ ଦିନ ରୋଗୀ ଦହଗଞ୍ଜ ପରେ ଆଲୋଚନାକୁ ଆସିଲେ ରାଜ୍ୟ ସରକାର

# ଡାକ୍ତର ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୪।୭ (ସମିସ): ଚାରି ଦିନ ହେଲା ଆନ୍ଦୋଳନରେ ଥିଲେ ଡାକ୍ତର। ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ ସାରା ରାଜ୍ୟରେ ରୋଗୀମାନେ ଦହଗଞ୍ଜ ହେଲେ। କେଉଁଠି ବଞ୍ଚିଥିବା ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା ମିଳିଲାନି ତ କେଉଁଠି ମୃତ୍ୟୁ ପରେ ବ୍ୟବଚ୍ଛେଦ ହୋଇ ନ ପାରି ପଡ଼ି ରହିଲା। ଶବ। ଆଉ କେତେକ ସ୍ଥାନରେ ଭୟରେ ରୋଗୀମାନେ ନ ଆସିବାରୁ ଡାକ୍ତରଖାନା ଶଯ୍ୟା ବି ଖାଲି ହୋଇଗଲା। ଏପଟେ ଡାକ୍ତରମାନଙ୍କୁ ଡରାଇବାକୁ ଯାଇ ସରକାର କାର୍ଯ୍ୟାନୁଷ୍ଠାନର ଧମକ ବି ଦେଲେ। ହେଲେ କିଛି ସୁଫଳ ମିଳିଲା ନାହିଁ, ଓଲଟା ଦିନକୁ ଦିନ ସମସ୍ୟା ବଢ଼ି ସ୍ଥିତି ବିଗିଡ଼ିବାରେ ଲାଗିଲା। ସ୍ୱାସ୍ଥ୍ୟ ସେବା ନ ମିଳିବା ଭଳି ଗୁରୁତର ସମସ୍ୟାରେ ସାରା ରାଜ୍ୟବାସୀ ଘାଣ୍ଟି ହେବା ପରେ ଶେଷରେ ସରକାର ଡାକ୍ତରମାନଙ୍କ ଦାବି ସଂପର୍କରେ ଆଲୋଚନା ପାଇଁ ରାଜି ହେଲେ। ଆଲୋଚନା ପରେ ଗତ ୧ ତାରିଖଠାରୁ ଆରମ୍ଭ ହୋଇଥିବା ଡାକ୍ତର ଆନ୍ଦୋଳନ ଶନିବାର ସ୍ଥଗିତ ହୋଇଛି।

ଶନିବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମ୍‌ସା)ର କର୍ମକର୍ତ୍ତା ପ୍ରାୟ ସାଢ଼େ ୩ ଘଣ୍ଟା ଆଲୋଚନା କରିଥିଲେ। ଆଲୋଚନାରେ ଡାକ୍ତରଙ୍କ ଦାବି ପୂରଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବା ସହ ଅନ୍ୟାନ୍ୟ କେତେକ ନିଷ୍ପତ୍ତି ପରେ ଡାକ୍ତରମାନେ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତି ନେଇଛନ୍ତି। ଶନିବାରଠାରୁ ଡାକ୍ତରମାନେ ନିଜ କର୍ମକ୍ଷେତ୍ରରେ ଯୋଗ ଦେଇଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଲୋଚନା ପରେ ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଓମ୍‌ସା କାର୍ଯ୍ୟନିର୍ବାହୀ ପରିଷଦର କର୍ମକର୍ତ୍ତାଙ୍କ ସହ ସେମାନଙ୍କର ୧୦ ଦଫା ଦାବି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ସେମାନଙ୍କର ଦାବିଗୁଡ଼ିକୁ କେମିତି ଆଗାମୀ ଦିନରେ ସମୟ ଅନୁସାରେ କାର୍ଯ୍ୟକାରୀ କରାଯାଇ ପାରିବ, ସେନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। କମିଟିରେ ଅର୍ଥ ବିଭାଗର ସଚିବ ଅଧ୍ୟକ୍ଷ ଥିବାବେଳେ ସ୍ୱାସ୍ଥ୍ୟ, ଜିଏ, ଓ ଆଇନ ବିଭାଗର ସଚିବ ସ୍ଥାନ ପାଇଛନ୍ତି। ଆସନ୍ତା ୨୨ ତାରିଖରେ କମିଟିର ପ୍ରଥମ ବୈଠକ ବସିବ। ଓମ୍‌ସା ପକ୍ଷରୁ କମିଟି ସମ୍ମୁଖରେ ନିଜ ଦାବି ବାବଦରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯିବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ ସୂଚନା ଦେଇଛନ୍ତି।

**ଗଠନ ହେଲା ଉଚ୍ଚସ୍ତରୀୟ କମିଟି**

**ଆସନ୍ତା ୨୨ରେ ବସିବ ବୈଠକ**

ସଂଘର ୧୦ ଦଫା ଦାବି ମଧ୍ୟରେ ଡାକ୍ତରଖାନାରେ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳି, ସରକାରୀ କ୍ୱାର୍ଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ଅନ୍ତର୍ଭୁକ୍ତ ରହିଛି। ଏହି ପରିପ୍ରେକ୍ଷୀରେ ଓମ୍‌ସାର ରାଜ୍ୟ ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ସରକାରଙ୍କ ସହ ଆଲୋଚନା ଫଳପ୍ରଦ ହେବାରୁ ଆନ୍ଦୋଳନ ସ୍ଥଗିତ ରହିଲା। ସରକାର ଦାବି ପୂରଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିବା ବେଳେ ଆମେ ନିଜର ଦାବି କମିଟି ସାମ୍ନାରେ ଉପସ୍ଥାପନ କରିବୁ। ରାଜ୍ୟର ଚିକିତ୍ସା ସେବାର ଗୁଣାତ୍ମକ ମାନ ବୃଦ୍ଧି ହେବାର ଆମର ଲକ୍ଷ୍ୟ ଅଟେ। ଆସନ୍ତା ୧ରୁ ୨ ମାସ ମଧ୍ୟରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଡାକ୍ତର ମିଶ୍ର ଆଶାବ୍ୟକ୍ତ କରିଛନ୍ତି।


ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶୈକ୍ଷିକ ସଙ୍କଟ

# ୫୬୦୦ ପଦ ଫାଙ୍କା; ଅତିଥି ଶିକ୍ଷକ ନିଯୁକ୍ତି ହେଉନି

ଭୁବନେଶ୍ୱର, ୪।୭(ସମିସ): ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ବହୁ ଶିକ୍ଷକ ପଦ ଫାଙ୍କା ପଡ଼ିଛି। ଶିକ୍ଷକମାନେ ଅବସର ନେବା ପରେ ନୂତନ ନିଯୁକ୍ତି ହେଉନାହିଁ। ଖାଲି ପଦରେ ଅତିଥି ଶିକ୍ଷକ ମଧ୍ୟ ଏବେଯାଏଁ ନିଯୁକ୍ତ ହୋଇନାହାନ୍ତି। ଶିକ୍ଷାବର୍ଷ ଆରମ୍ଭରୁ ଏପରି ଅବ୍ୟବସ୍ଥା ଲାଗି ରହିଥିବାବେଳେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପ୍ରଭାବିତ ହେଉଛି। ରାଜ୍ୟରେ ୨୦୦୪ ରୁ ଏବେଯାଏଁ ଅନୁଦାନ ପାଇଥିବା ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସଂଖ୍ୟା ପ୍ରାୟ ଶୂନ୍ୟ ହୋଇଗଲାଣି। ପ୍ରତିମାସରେ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀଙ୍କ ସ୍ଥାନରେ ନୂତନ ନିଯୁକ୍ତି ବ୍ୟବସ୍ଥା ନାହିଁ। ଖାଲି ହୋଇଥିବା ପଦ ସଂଖ୍ୟା ଇତିମଧ୍ୟରେ ପ୍ରାୟ ୫,୬୦୦ରୁ ଅଧିକ ହେଲାଣି। ଅଧିକାଂଶ ବିଦ୍ୟାଳୟ ଜଣେ ବା ଦୁଇଜଣ ଶିକ୍ଷକରେ ଚାଲୁଛି। ଏସବୁ ବିଦ୍ୟାଳୟରେ ନିୟମିତ ଶିକ୍ଷକ ନିଯୁକ୍ତି ପାଇଁ ମଧ୍ୟ କୌଣସି ସରକାରୀ ବ୍ୟବସ୍ଥା ନାହିଁ। ଏଣୁ ଏସବୁ ବିଦ୍ୟାଳୟରେ ପଢୁଥିବା ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ରାଜ୍ୟରେ ନୂତନ ଜାତୀୟ ଶିକ୍ଷା ନୀତି ଲାଗୁ କରିବାକୁ ସରକାର ତତ୍ପରତା ପ୍ରକାଶ କରିଥିଲେ ମଧ୍ୟ ଶିକ୍ଷକ ଅଭାବ ଦୂର କରିବାକୁ କୌଣସି ପଦକ୍ଷେପ ନେଇ ନାହାନ୍ତି। ଅତିଥି ଅଧ୍ୟାପକ ନିଯୁକ୍ତ କରି ପାଠପଢ଼ା ହେଉଥିଲେ ମଧ୍ୟ ଚଳିତବର୍ଷ ଏହା ବିଳମ୍ବ ହୋଇଛି। ଏଣୁ ଏସ୍ଏସ୍‌ବି ମାଧ୍ୟମରେ ସ୍ଥାୟୀ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରିବା ସହ ଚଳିତବର୍ଷ ଅବିଳମ୍ବେ ଅତିଥି ଶିକ୍ଷକ ନିଯୁକ୍ତ କରିବାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓସ୍ତା) ଦାବି କରିଛି। ସଂଘର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି ଯେ ଶିକ୍ଷକ ଅଭାବରୁ ଭାଙ୍ଗିବାକୁ ବସିଥିବା ଏହି ବିଦ୍ୟାଳୟଗୁଡ଼ିକୁ ପୁନଃକ୍ଷମ କରିବାକୁ ସରକାର ଦୂରଦୃଷ୍ଟି ସମ୍ପର୍ଣ୍ଣ ପଦକ୍ଷେପ ନିଅନ୍ତୁ। ସରକାର +୩ ଏବଂ +୨ ରେ ଶିକ୍ଷାବର୍ଷ ଆରମ୍ଭରୁ ଅତିଥି ଅଧ୍ୟାପକ ନିଯୁକ୍ତି ଦେଇ ସାରିଥିବାବେଳେ ମାଧ୍ୟମିକ ବିଦ୍ୟାଳୟ ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି।

# କଙ୍ଗାରୁ କୋର୍ଟରୁ ବାଦ୍ ପଡ଼ିନାହାନ୍ତି ପୂର୍ବ ସାମରିକ କର୍ମଚାରୀ

ବ୍ରହ୍ମପୁର,୪।୭(ସମିସ): ଡିଜିଟାଲ ଯୁଗରେ ବି କୁସଂସ୍କାରରୁ ବାଦ ପଡିନାହାନ୍ତି ପୂର୍ବ ସାମରିକ କର୍ମଚାରୀ ଓ ସେମାନଙ୍କ ପରିବାର। ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ସାମାନ୍ୟତମ ମନାନ୍ତରକୁ ନେଇ ସମାଜରେ ନିଆଁ ପାଣକୁ ବନ୍ଦ କରି ସାମାଜିକ ବାସନ୍ଦ କରାଯାଉଛି। ଯାହାଫଳରେ ସମାଜରେ ବଞ୍ଚିବା ଦୁର୍ବିସହ ହୋଇପଡୁଛି। ଯାହା ଜଣେ ବ୍ୟକ୍ତିର ମାନବିକ ଅଧିକାରକୁ ଖୋଲାଖୋଲି ଉଲଂଘନ ମଧ୍ୟ କରୁଛି। ଏଭଳି କଳୁଷିତ ପ୍ରଥାକୁ କେହି ପସନ୍ଦ କରୁନଥିଲେ ହେଁ ସେମାନଙ୍କ ଉପରେ ପ୍ରତିବନ୍ଧକ ଲାଗିବାର ଆଶଙ୍କା କରି ଏହାର ପ୍ରତିବାଦରେ କେହି ମୁହଁ ଖୋଲିବାକୁ କେହି ସାହାସ ମଧ୍ୟ କରୁନାହାନ୍ତି। ଯାହାର ସୁଯୋଗ ନେଇ କିଛି ବ୍ୟକ୍ତିବିଶେଷ ସମାଜରେ ନିଜର ପତିଆରା ଜାହିର କରୁଛନ୍ତି। ଏହା ଏକ ମାନସିକ ନିର୍ଯାତନା ଛଡା ଆଉ କିଛି ନୁହେଁ। ଏଭଳି ନିର୍ଯାତନାରୁ ବାଦ ପଡୁନାହାନ୍ତି ଖୋଦ୍ ଆମ ଦେଶର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ତଥା ନିଜ ଜୀବନର ଅନେକ ସମୟ ଉତ୍ସର୍ଗୀକୃତ କରିଥିବା ପୂର୍ବ ସେନା କର୍ମଚାରୀ ଓ ସେମାନଙ୍କ ପରିବାର। ଏଭଳି ଘଟଣା ଦେଖିବାକୁ ମିଳିଛି ଗୋପାଳପୁର ଥାନା ଅନ୍ତର୍ଗତ ନାରାୟଣପୁର ପଞ୍ଚାୟତରେ। ଜଣେ ଜଣେ କରି ପର୍ଯ୍ୟାୟ କ୍ରମେ ୧୪ଟି ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି। ବାସନ୍ଦ ହୋଇଥିବା ୧୪ଟି ପରିବାର ମଧ୍ୟରୁ ୭ଜଣ ହେଉଛନ୍ତି ପୂର୍ବ ସେନା କର୍ମଚାରୀ। ନିଜ ଉପରେ ତଥା ସେମାନଙ୍କ ପରିବାର ଉପରେ ହେଉଥିବା ସାମାଜିକ ନିର୍ଯାତନାକୁ ନେଇ ସେମାନେ ପ୍ରତିବାଦ କରିବାରୁ କାହାର ବିଦ୍ୟୁତ୍ ତ କାହାର ପାନୀୟ ଜଳ ଯୋଗାଣକୁ ବିଚ୍ଛିନ୍ନ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ସେମାନଙ୍କ ଉପରେ ଆର୍ଥିକ ଜରିମାନା ସେପୁଣି ସର୍ବାଧିକ ଏକ ଲକ୍ଷ ପର୍ଯ୍ୟନ୍ତ କରାଯାଇଛି। ସାମାଜିକ ବାସନ୍ଦ ହୋଇଥିବା ପରିବାରର ସଦସ୍ୟଙ୍କ ସହିତ ସମ୍ପର୍କ ରଖିବା ଅଭିଯୋଗକୁ କେହି ଶୁଣୁନଥିବା ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁହଁ ଖୋଲିବା ସହିତ ସେମାନଙ୍କର ମାନବିକ ଅଧିକାର ଉଲ୍ଲଂଘନ ହେଉଥିବା ଅଭିଯୋଗ କରିଛନ୍ତି। ସମସ୍ୟା ନେଇ ସେମାନେ ରାଜ୍ୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ତଦନ୍ତ ଜାରି ରହିଥିବା ସେମାନେ



■ ସାମାନ୍ୟ ମତାନ୍ତରରୁ ନିଆଁପାଣି ବାସନ୍ଦ ସହିତ ଦେବାକୁ ପଡୁଛି ଆର୍ଥିକ ଜରିମାନା
■ ଭୟରେ ନାରାୟଣପୁର ଗାଁର ୧୪ପରିବାର, ମାନବାଧିକାର ଉଲ୍ଲଂଘନ ଅଭିଯୋଗ

ଅଭିଯୋଗରେ ଅନ୍ୟମାନଙ୍କ ଉପରେ ୧୦ହଜାର ପର୍ଯ୍ୟନ୍ତ ଆର୍ଥିକ ଜରିମାନା ମଧ୍ୟ ଜାରି କରାଯାଇଛି। ସାମାଜିକ ବାସନ୍ଦର ଶିକାର ପରିବାର ସଦସ୍ୟଙ୍କୁ ଗ୍ରାମରେ ରହିବାରେ ନାନାଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି କଳୁଷିତ ପ୍ରଥାର ତଳେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଏକଛତ୍ରବାଦ ତଥା ତାଲିବାନୀ ଶାସନକୁ ବିରୋଧ କରି ନ୍ୟାୟ ପାଇଁ ଥାନା ଓ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କେଉଁଠାରୁ ମଧ୍ୟ ସେମାନଙ୍କୁ ନ୍ୟାୟ ମିଳିବା ଦୂରେ ଥାଉ ସେମାନଙ୍କ କହିଛନ୍ତି। ଗ୍ରାମରେ ଏକ ନିର୍ଦ୍ଦେଷ୍ଟ ଗୋଷ୍ଠୀର ଲୋକେ ସମାଜର ଅର୍ଥ ଆତ୍ମସାତ ବା ହଡପ କରିବାକୁ ମସୁଧା କରିବା ସହିତ ନିଜର ଆଧିପତ୍ୟ ଜାହିର କରିବାକୁ ଯାଇ ଏଭଳି କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ସହିତ ସମାଜୋର ସେମାନଙ୍କୁ ନିଜ ପରିବାର ବର୍ଗଙ୍କ ସହିତ ବଞ୍ଚିବାର ସୁଯୋଗ ଦିଆନଗଲେ ଚରମ ନିଷ୍ପତ୍ତି ନେବାକୁ ସେମାନେ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଶିମିଳିପାଳ ରିସର୍ଟ ପ୍ରକଳ୍ପରୁ ହଟିଲା ହୋଟେଲ ସୋନାର ବାଂଲା

**ବନ ବିଭାଗ ସତ୍ୟପାଠରେ କହିଲା; ଆମେ କିଛି ଜାଣିନୁ, କୌଣସି ସ୍ଥଳ ପରିଦର୍ଶନରେ ଯୋଗ ଦେଇନାହୁଁ**

ବାରିପଦା,୪।୭(ସମିସ): ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଇକୋ-ସେନସିଟିଭ୍ ଜୋନ୍ (ଇଏସଜେଡ) ଭିତରେ ପ୍ରସ୍ତାବିତ ହୋଟେଲ ଓ ରିସର୍ଟ ପ୍ରକଳ୍ପ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପୂର୍ବାଞ୍ଚଳ ବେଞ୍ଚରେ ଚାଲୁଥିବା ମାମଲାରେ ଗୁରୁତ୍ୱପୂର୍ଣ୍ଣ ବିକାଶ ଘଟିଛି। ହୋଟେଲ ସୋନାର ବାଙ୍ଗଲା ତାହାର ସତ୍ୟପାଠରେ ପ୍ରକଳ୍ପରୁ ସମ୍ପୂର୍ଣ୍ଣ ହଟିବା ଘୋଷଣା କରିଛି। ସୋନାର ବାଙ୍ଗଲା ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠରେ କୁହାଯାଇଛି ଯେ, ପ୍ରାରମ୍ଭରେ ଶାମାଖୁଣ୍ଟା ବ୍ଲକ୍ ଲକ୍ଷ୍ମୀପୋଷି ମୌଜାର ପ୍ରାୟ ୧୦୦ ଏକର ଜମିରେ ହସ୍‌ପିଟାଲିଟି ପ୍ରକଳ୍ପ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରାଯାଇଥିଲା ଓ କିଛି ପ୍ରାଥମିକ ପଦକ୍ଷେପ ନିଆଯାଇଥିଲା। ସ୍ଥାନ ପରିଦର୍ଶନ ମଧ୍ୟ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସ୍ଥାନ ପରିଦର୍ଶନ ଓ ବିଭିନ୍ନ ଦିଗର ସମୀକ୍ଷା ପରେ ପ୍ରକଳ୍ପ ଆଗକୁ ନେବାକୁ ନିଷ୍ପତ୍ତି ନିଆଯାଇନାହିଁ। ବର୍ତ୍ତମାନ ଉକ୍ତ ଜମି ସହ କୌଣସି ପ୍ରକାରର ସମ୍ପର୍କ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏଥିସହିତ ମାମଲାରୁ ନିଜର ନାମ ବାଦ୍ ଦେବାକୁ ମଧ୍ୟ ଅନୁରୋଧ କରାଯାଇଛି।

ଅନ୍ୟପକ୍ଷରେ ବାରିପଦା ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ଆଇନଜୀବୀ ସଚିଦାନନ୍ଦ ଆଚାର୍ଯ୍ୟଙ୍କ ସତ୍ୟପାଠରେ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର ଉପସ୍ଥାପିତ ହୋଇଛି। ସେ କହିଛନ୍ତି, ଡିଆଇପିଏ, ଆଇପିଆଇସିଓଏଲ କିମ୍ବା ହୋଟେଲ ସୋନାର ବାଙ୍ଗଲା ପକ୍ଷରୁ କଥିତ ସ୍ଥଳ ପରିଦର୍ଶନ ସମ୍ପର୍କରେ ବନ ବିଭାଗର କୌଣସି ଜ୍ଞାନ ନ ଥିଲା। ବନ ବିଭାଗକୁ ପରାମର୍ଶ କରାଯାଇ ନ ଥିଲା ଓ ଏଥିରେ ବନ ବିଭାଗର କୌଣସି ଭୂମିକା ନ ଥିଲା। ତାଙ୍କ ସତ୍ୟପାଠରେ ଉଲ୍ଲେଖ ଅଛି ଯେ, ଖାତା ନମ୍ବର ୧୨୩, ପ୍ଲଟ ନମ୍ବର ୧୩୮ (ପାହାଡ଼ କିସମ) ର ଜମି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଇକୋ ସେନସିଟିଭ ଜୋନ୍ ସୀମା ଭିତରେ ଅଛି ଓ ବାଲଡିହା ରିଜର୍ଭ ଫରେଷ୍ଟରୁ ମାତ୍ର ୬୮୦ ମିଟର ଦୂରରେ ଅବସ୍ଥିତ। ଏହି ଜମି ପାଇଁ କୌଣସି ପ୍ରକାରର ବାଣିଜ୍ୟିକ ପ୍ରକଳ୍ପ ପାଇଁ କୌଣସି ଅନୁମତି ବା କ୍ଲିୟରାନ୍ସ ଦିଆଯାଇନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏହି ପ୍ରକଳ୍ପ ନେଇ ପରିବେଶବିତଙ୍କ ଅଭିଯୋଗ ପରେ ଏନଜିଟି ଅନ୍ତରୀଣ ଆଦେଶ ଜାରି କରି ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିଆଇପିଏ, ଆଇପିଆଇସିଓଏଲ/ଡିଆଇପିଏ ଓ ହୋଟେଲ ସୋନାର ବାଙ୍ଗଲାକୁ ବିବାଦୀୟ ଜମିରେ କୌଣସି ନିର୍ମାଣ କାର୍ଯ୍ୟ ନ କରିବାକୁ ବାରଣ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ଏହା ସୁନିଶ୍ଚିତ କରିବାକୁ କୁହାଯାଇଛି। ଆବେଦନକାରୀଙ୍କ ଆଇନଜୀବୀ ଆକାଶ ଶର୍ମା କହିଛନ୍ତି, ପ୍ରତିପକ୍ଷଙ୍କ ନିଜ ସତ୍ୟପାଠରୁ ସ୍ପଷ୍ଟ ଯେ, ଇକୋ-ସେନସିଟିଭ୍ ଜୋନ୍ ଭିତରେ ବାଣିଜ୍ୟିକ ପ୍ରକଳ୍ପ ପାଇଁ ପ୍ରାରମ୍ଭିକ ପଦକ୍ଷେପ ନିଆଯାଇଥିଲା। ପରିବେଶ ସୁରକ୍ଷା ଦୃଷ୍ଟିରୁ ଏନଜିଟିଙ୍କ ହସ୍ତକ୍ଷେପ ସମ୍ପୂର୍ଣ୍ଣ ନ୍ୟାୟ ସଙ୍ଗତ। ବର୍ତ୍ତମାନ ମାମଲାଟି ଏନଜିଟିରେ ବିଚାରାଧୀନ ରହିଛି। ଏହି ଘଟଣା ଶିମିଳିପାଳ ପରି ସମ୍ବେଦନଶୀଳ ଇକୋ-ସେନସିଟିଭ୍ ଅଞ୍ଚଳରେ ପର୍ଯ୍ୟଟନ ଓ ବାଣିଜ୍ୟିକ ପ୍ରକଳ୍ପ ପାଇଁ ଥିବା କଡ଼ା ନିୟମ ଓ ପରିବେଶ ସୁରକ୍ଷାର ଗୁରୁତ୍ୱକୁ ପୁନଃ ସ୍ମରଣ କରାଇଦେଇଛି।



## ଭୁବନେଶ୍ୱର + ପୁରୀ

**ଭୂଦାନ ଜମି ବିକ୍ରି ମାମଲା**

# ଧରାପଡ଼ିଲେ ମାଷ୍ଟରମାଇଣ୍ଡ ଠକ ଦମ୍ପତି

ଭୁବନେଶ୍ୱର, ୪।୭ (ସମିସ):

ଭୂଦାନ ଜମିକୁ ନିଜର କହି ବିକ୍ରି ମହଙ୍ଗା ପଡ଼ିଛି। ଅଭିଯୋଗ ପାଇବା ପରେ ମାଷ୍ଟରମାଇଣ୍ଡ ଠକ ଦମ୍ପତିଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବଡ଼ଗଡ଼ ଥାନା ମଇଁଷିଖାଲ ବସ୍ତିର ସନାତନ ପ୍ରଧାନ ଓରଫ୍ ସନା (୪୯) ଓ ପତ୍ନୀ ରୀନା ପ୍ରଧାନ (୩୯)।

**ସରକାରୀ ଜମିକୁ ନୋଟାରୀ ଚୁକ୍ତିନାମା କରି ବିକୁଥିଲେ**

**ଦମ୍ପତିଙ୍କ ଜାଲରେ ପଡ଼ିଛନ୍ତି ୫୦ ଲୋକ**

**ଠକି ନେଇଛନ୍ତି କୋଟିଏ ଟଙ୍କାରୁ ଅଧିକ**

ପୁଲିସ ସୂଚନାନୁସାରେ, ନୂଆପଲ୍ଲୀ ଅଞ୍ଚଳର ଦୀପକ କୁମାର ନାୟକ ରାଜଧାନୀରେ ଜମି କିଣିବାକୁ ଯୋଜନା କରୁଥିବା ବେଳେ ସନା ସଂସ୍ପର୍ଶରେ ଆସିଥିଲେ। ସନା ଓ ସର୍ବେଶ୍ୱର ନାୟକ ତାଙ୍କୁ ଭୂଦାନ ଅଞ୍ଚଳରେ ଏକ ଜମି ବିକ୍ରି କରିଥିଲେ। ଏହାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ଏକ ନୋଟାରି ଚୁକ୍ତିନାମା ହେବା ସହିତ ଦୀପକ ଏକ ଲକ୍ଷ ୧୫ ହଜାର ଟଙ୍କା ଦେଇଥିଲେ। ଟଙ୍କା ଦେବାପରେ ସେହି ଜମିରେ ଘର ନିର୍ମାଣ କରିଥିଲେ। କିନ୍ତୁ ଗତ ଏପ୍ରିଲ ମାସରେ ବିଡିଏ ଓ ବିଏମସି ପକ୍ଷରୁ ଉକ୍ତ ଘରକୁ ଭାଙ୍ଗି ଦେଇଥିଲେ। ସର୍ବେଶ୍ୱର ଓ ସନା ମିଶି ଭୂଦାନ ଜମିକୁ ନିଜର ବୋଲି କହି ବିକ୍ରି କରି ଦେଇଥିବା ଦୀପକ ଜାଣିବାକୁ ପାଇଥିଲେ। ଦୀପକ ଏନେଇ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଦୀପକଙ୍କ ଠାରୁ ନୋଟାରି ଚୁକ୍ତିନାମା ଓ ଟଙ୍କା କାରବାରର ଦସ୍ତାବିଜ ଜବତ କରିଥିଲା। ଆଜି ବିଜେବି ନଗରରୁ ସନାକୁ ଗିରଫ କରିଛି। କେବଳ ଦୀପକ ନୁହଁନ୍ତି, ଏମିତି ୫୦ରୁ ଅଧିକ ଲୋକଙ୍କୁ ସନା ତା' ଜାଲରେ ପକାଇଥିବା ଜଣାପଡ଼ିଛି। ଏଯାଏଁ ଆସିଥିବା ଅଭିଯୋଗ କ୍ରମେ ଭରତପୁର ଥାନା ପୁଲିସ ସନା ନାମରେ ୧୨ଟି ଠକେଇ ମାମଲା ରୁଜୁ କରିଛି।





ସେପଟେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଭୁଇଁପୁରର ପ୍ରଦୀପ କୁମାର ସାହୁ ଜମି କିଣିବା ପାଇଁ ଚାହୁଁଥିବା ବେଳେ ସନାତନ ତାଙ୍କୁ ଭୂଦାନ ଜମି କିଣିବାକୁ ପ୍ରବର୍ତ୍ତାଇଥିଲା। ଉଭୟପକ୍ଷ କଥାବାର୍ତ୍ତା ହେବାପରେ ଜମି ମୂଲ୍ୟ ଏକ ଲକ୍ଷ ୭୫ ହଜାର ଟଙ୍କା ବୋଲି ସ୍ଥିର ହୋଇଥିଲା। ଦୀପକ ବିଭିନ୍ନ ପର୍ଯ୍ୟାୟରେ ସନାର ଆକାଉଣ୍ଟକୁ ୧ ଲକ୍ଷ ୫ ହଜାର ଓ ତା'ର ପତ୍ନୀ ରିନାଙ୍କ ଆକାଉଣ୍ଟକୁ ୭୦ ହଜାର ଟଙ୍କା ଦେଇଥିଲେ। ହେଲେ ଟଙ୍କା ନେବାପରେ ପତିପତ୍ନୀ ଜମି ଯୋଗାଇ ନଥିଲେ କି ଟଙ୍କା ମଧ୍ୟ ଫେରାଇ ନଥିଲେ। ପ୍ରଦୀପ ଯୋଗାଯୋଗ କରିବାରୁ ଠକ ଦମ୍ପତି ଆଉ ଧରାଛୁଆଁ ଦେଇନଥିଲେ। ପରବର୍ତ୍ତୀ ସମୟରେ ଟଙ୍କା ଦେବାକୁ ମନା କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପ୍ରଦୀପଙ୍କ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ବିଜେବି ନଗର ସ୍ଥିତ ଘରେ ଚଢ଼ଉ କରି ରିନାଙ୍କୁ ଗିରଫ କରିଛି। ଗିରଫ ଦମ୍ପତି ଭୂଦାନ ଜମି ବିକ୍ରି ଘଟଣାର ମାଷ୍ଟର ମାଇଣ୍ଡ ହୋଇଥିବା ବେଳେ ସର୍ବେଶ୍ୱର ସେମାନଙ୍କୁ ସହଯୋଗ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଭୂଦାନ ଜମିକୁ ନିଜ ଜମି ବୋଲି କହି ୫୦ରୁ ଅଧିକ ଲୋକଙ୍କ ଠାରୁ କୋଟିଏରୁ ଅଧିକ ଟଙ୍କା ଠକି ନେଇଥିବା ପୁଲିସ ଜାଣିବାକୁ ପାଇଛି।

---

**ଆମେ ଗାଁରୁ ଆସିଛୁ**

## ଗାଁଠୁ ସୁନ୍ଦର ଆଉ କିଛି ନାହିଁ




ଭୁବନେଶ୍ୱର,୪।୭ (ସମିସ): ସୁନ୍ଦର ପରିବେଶରେ ପରିପୂର୍ଣ୍ଣ ମୋ ଗାଁ। ବିଲ ବାଡି, ବଡ ବରଗଛ, ପୋଖରୀ, ମନ୍ଦିର ଆଦିକୁ ନେଇ ଆମ ଗାଁ ବେଶ ମନୋରମ ଦିଶେ। ଯେତେ ଦେଖିଲେ ବି ମନ ଭରେନି। ସେଇ ମାଟିରେ ଗଢି ହେଇଛି ଜୀବନର କେତେ ଅଭୁଲା ସ୍ମୃତି। ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ସେଠି ନିଜର ଭଳିଆ ଲାଗନ୍ତି।

ଏପରି ଜଣେ ଗାଁ ପ୍ରେମୀ ହେଲେ ପ୍ରକାଶ କୁମାର ମହାରଣା। ତାଙ୍କ ଗାଁ ହେଉଛି ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ତାଳସରଠାରେ ବୋଲି ସେ କୁହନ୍ତି। ଦୀର୍ଘ ୪୦ ବର୍ଷ ହେଲାଣି ଭୁବନେଶ୍ୱରରେ ରହୁଛନ୍ତି। ବର୍ତ୍ତମାନ ତାଙ୍କର ଠିକଣା ହେଉଛି ୟୁନିଟ ୫ ଅଞ୍ଚଳ। କର୍ମମୟ ଜୀବନ ସିନା ତାଙ୍କୁ ଭୁବନେଶ୍ୱର ଯାଏଁ ଟାଣି ଆଣିଥିଲା। ହେଲେ ମନରେ ଗାଁ ପାଇଁ ଥିବା ସେ ସ୍ୱତନ୍ତ୍ର ସ୍ଥାନକୁ ସହର କେବେ ବଦଳେଇ ପାରିନଥିଲା। ସେ କୁହନ୍ତି, ଗାଁ ମୋର ସବୁବେଳେ ସୁନ୍ଦର। ନଇ ଏବଂ ବାଡି ବଗିଚା, କ୍ଷେତ, ଡ୍ୟାମ ଆଉ ଗାଁର କାଜୁ ଜଙ୍ଗଲ ସେଥିରେ ଆହୁରି ସୁନ୍ଦରତା ଭରିଦିଏ। ପିଲାବେଳେ ସାଙ୍ଗସାଥୀ ମେଳରେ କେତେ ଖୁସି ଲାଗେ ସେ ବାଡି ତୋଟା ବୁଲିବା। ଯାହା ସମୟ ସହ ଏବେ ସ୍ୱପ୍ନ ପରି ଲାଗୁଛି। ଗାଁର ସ୍ନେହ ଭଲ ପାଇବା ସହରରେ ବେଶ ଖୋଜା ପଡେ। ଜାଗର, ଗଣେଶ ପୂଜା, ରଜ ଭଳି ପର୍ବପର୍ବାଣୀରେ ଗାଁ ପୁରା ଉତ୍ସବ ମୁଖର ହୋଇଉଠେ। ସବୁଜ କିଆରି, ଗାଁ ନଈ ନିଜ ସହ କେତେ କେତେ ସ୍ମୃତିକୁ ଜାବୁଡି ଧରିଛି। ହେଲେ ସହରରେ ପାଳନ ହେବା ନହେବା ଏକା ପରି ଲାଗେ। କାରଣ ଗାଁରେ ସମସ୍ତଙ୍କ ଘରେ ପିଠାପଣାର ମହକ ଘର ଦାଣ୍ଡ ଯାଏଁ ମହକୁଥାଏ। ଘରେ ଘରେ ଭୋଜି ଭାତ ନିମନ୍ତ୍ରଣ ରହେ। ଗାଁରେ ଧବଳେଶ୍ୱର ଓ ତାଳେଶ୍ୱର ମନ୍ଦିର ରହିଛି। ସେଠାରେ ପୂଜାପର୍ବ ସମୟରେ ଶହ ଶହ ଲୋକଙ୍କ ଭିଡ ହୋଇଥାଏ ବୋଲି ସେ କହିଛନ୍ତି। କିନ୍ତୁ ସହରରେ ପଡେଶୀ ସହ ମଧ୍ୟ ଭଲରେ ଟିକିଏ କଥା ହେବା ଦୂରରେ ଥାଉ ଚିହ୍ନି ନାହାନ୍ତି ଯେମିତି। ଗାଁର ଚାଳଘର, ଗଛଛାଇ, ଭାଇଚାରା ଏଠି ସବୁଖୋଜା ପଡେ। କାରଣ ସହରୀ ଜୀବନ ସବୁବେଳେ ବ୍ୟସ୍ତବହୁଳ। ଗାଁ ସମସ୍ତଙ୍କୁ ଏକଜୁଟ କରି ରଖେ ଏବଂ ଗାଁଠୁ ସୁନ୍ଦର ଆଉ କିଛି ନାହିଁ। ସେଥିପାଇଁ ସମୟ ମିଳିଲେ ସେ ଅନେକ ସମୟରେ ଗାଁକୁ ଯାଇଥାନ୍ତି। ଯେଉଁଠି ତାଙ୍କୁ ସବୁକିଛି ଫେରି ପାଇଲା ଭଳି ଲାଗେ।

---

# ସିଂହାସନ ବେଦୀ କୋଣରେ ପଟା ବାଡ଼ିଆ



**ଶ୍ରୀକ୍ଷେତ୍ର ରଥଖଳାରୁ...**

ପୁରୀ, ୪।୭ (ସମିସ): ମହାପ୍ରଭୁଙ୍କ ଚଳିତ ବର୍ଷର ଘୋଷଯାତ୍ରାକୁ ଆଉ ୧୨ ଦିନରୁ କମ୍ ସମୟ ଥିବାବେଳେ ଶ୍ରୀନଅର ସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ରଥ ନିର୍ମାଣ କାର୍ଯ୍ୟ ୭୫ତମ ଦିନରେ ପହଞ୍ଚିଛି। ତିନିରଥର ଚାରି ପାଶ୍ୱର୍ରେ ମଣ୍ଡଣି ବତା ଏବଂ ହାତୀ ଆଳ ମାଳ ବାଡ଼ିଆ କାର୍ଯ୍ୟ କରାଯିବ। ସେଥିପାଇଁ ଶନିବାର ତିନିରଥର ଚାରି ପାଶ୍ୱର୍ରେ ଦୁଇଟି ଲେଖାଏଁ କଣି ଫାଉଡ଼ିର ସଂଯୋଗ କାର୍ଯ୍ୟ କରାଯାଇଛି। ସେହିପରି ତିନିରଥର ମହାରଣା ଏବଂ ଭୋଇ ସେବକମାନଙ୍କ ସହଯୋଗରେ ତିନିରଥ ଉପର ସିଂହାସନ ବେଦୀ ଆଗ, ପଛ ଏବଂ ପାଶ୍ୱର୍ ଚାରି କୋଣଗୁଡ଼ିକରେ ପଟା ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ଚିତ୍ରକାର ସେବକମାନେ ତିନିରଥର ପ୍ରଭାଗୁଡ଼ିକର ରୂପ ଖୋଦେଇ ଅଂଶରେ ରଙ୍ଗ ଚିତ୍ର କାର୍ଯ୍ୟ ଆରମ୍ଭ କରିବା ସହ ତିନିରଥର ସାରଥୀ ଘୋଡ଼ା ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦରଜୀ ସେବକମାନେ ତିନିରଥର ବତା କନାରେ ବିଳାସ ପଟି, ତିନିରଥ ଦୁଆରବେଢ଼ାର ୧୨ଟି ଚନ୍ଦ୍ରଶାଳୀ ପାଇଁ କନା କଟା ଶେଷ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନିରଥର ପ୍ରଭା ବିଡ଼ିଆ କଣ୍ଟା ନିର୍ମାଣ ସହ ରଥରେ କନା ପକା କାର୍ଯ୍ୟ ପାଇଁ କୋଠ ସୁଆଁସିଆମାନଙ୍କ ନିମନ୍ତେ ସାଜ ସରଞ୍ଜାମ ନିର୍ମାଣ ଜାରୀ ରଖିଥିବାବେଳେ ପାହି ମହାରଣାମାନେ ରଥଯାତ୍ରାରେ ସେବା ପୂଜା ନିମନ୍ତେ ସମସ୍ତ କାଠ ସରଞ୍ଜାମ ନିର୍ମାଣ ଶେଷ କରି ଆବଶ୍ୟକୀୟ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି।

---

**ଫୁଲୁରୀ ତେଲର ଅଭୁଲା ଅନୁଭୂତି**

# ରାତି ୧୨ରେ ମିଳିଥିଲା କେତକୀ ଫୁଲ

ପୁରୀ,୪।୭ (ସମିସ): ମହାପ୍ରଭୁଙ୍କ ଅଣସର ଗୁପ୍ତ ନୀତି ପାଇଁ ପରମ୍ପରା ମୁତାବକ ବଡ଼ଓଡ଼ିଆ ମଠ ଫୁଲୁରୀ ତେଲ ଯୋଗାଇ ଦେଉଛି। ଏହି ଫୁଲୁରୀ ତେଲ ପ୍ରସ୍ତୁତିରେ ଅନେକ ଅନୁଭୂତି ସାଉଣ୍ଟିଛନ୍ତି ବଡ଼ଓଡ଼ିଆ ମଠର ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ। ଏକ ଅଭୁଲା ଅନୁଭୂତି ସମ୍ପର୍କରେ ସେ କହିଛନ୍ତି, ୧୯୯୭ ମସିହାର କଥା। ତେଲ ପ୍ରସ୍ତୁତି ପାଇଁ ସମସ୍ତ ଉପାଦାନ ଯୋଗାଡ଼ ହୋଇସାରିଥିଲା। ହେଲେ ଫାଲ୍‌ଗୁନ ମାସରେ କେତକୀ ଫୁଲ ମିଳିଲା ନାହିଁ। ଏହି ଫୁଲ ଚନ୍ଦନପୁରସ୍ଥିତ ବ୍ରାହ୍ମଣ ଆଳିନ୍ଦିଆସ୍ଥିତ ଖମାର ପାଖର ଜଣେ ମାଳୀ ଯୋଗାଇଥା'ନ୍ତି। ସେ ପ୍ରାୟ ଜାଗରଠାରୁ ଦୋଳପୂର୍ଣ୍ଣିମା ମଧ୍ୟରେ ଏହାକୁ ଆଣି ମଠରେ ପହଞ୍ଚାନ୍ତି। ହେଲେ ସେ ବର୍ଷ ୧୫ ଦିନ ଅତିକ୍ରାନ୍ତ ହେଲାଣି କିନ୍ତୁ ସେ ଫୁଲ ଆଣି ପହଞ୍ଚାଇ ନ ଥିଲେ। ଖବର ନେବାରୁ ଜଣାପଡ଼ିଲା ତାଙ୍କର ପରଲୋକ ହୋଇଯାଇଛି। ମଠରେ ଆଣି ଫୁଲ ଦେଉଥିବା ତାଙ୍କ ପିଲା ବି ଜାଣି ନ ଥିଲେ। ତେଣୁ ଫୁଲ କେଉଁଠୁ ଆସିବ ଚିନ୍ତା ପଡ଼ିଥିଲା। କାରଣ ସେତେବେଳେ ପୁରୀରେ ବହୁ ବ୍ୟକ୍ତିଙ୍କ ବାଡ଼ିରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ମିଳି ନ ଥିଲା। ଏମିତି ଦିନେ ଦୁଇଦିନ ବିତିଗଲା। ରାତିରେ ଶୋଇବାକୁ ଗଲି। ହେଲେ ଫୁଲ କେଉଁଠୁ ଆସିବ, ଠାକୁରଙ୍କ ପାଇଁ ତେଲ ତିଆରି ହେବ ଏହି ଚିନ୍ତାରେ ନିଦ ହେଉ ନ ଥାଏ। ରାତି ପ୍ରାୟ ୧୨ଟା ପାଖାପାଖି ହେବ। ହଠାତ୍ ଜଣେ ବ୍ୟକ୍ତି ମଠରେ ପହଞ୍ଚିଲେ। ହାତରେ ଥାଏ କେତକୀ ଫୁଲ। ଏତେ ରାତିରେ ମଠରେ କାହିଁକି ବୋଲି ପଚାରିବାରୁ ସେ କହିଲେ ତାଙ୍କ ଘର ଗଞ୍ଜାମ ଆଠଗଡ଼ ଅଞ୍ଚଳରେ। ସେ ଆଠଗଡ଼ ରାଜବାଟୀରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଲାଗି ପାଇଁ ୪ଟି କେତକୀ ଫୁଲ ଆଣି ଆସିଥିଲେ। ହେଲେ ଠାକୁରଙ୍କ ପାଖରେ ଏବେ ଆଉ କେତକୀ ଫୁଲ ଲାଗି ହୋଇପାରିବନାହିଁ ବୋଲି ତାଙ୍କୁ ସିଂହଦ୍ୱାରରେ କେତେଜଣ କହିଲେ। ସେତେବେଳକୁ ରାତି ପ୍ରାୟ ସାଢ଼େ ୧୧ଟା ବାଜିଲାଣି। କେଉଁଠି ରହିବେ ବୋଲି ସମ୍ପୃକ୍ତ ବ୍ୟକ୍ତି ଚିନ୍ତାରେ ଥିବାବେଳେ ଶ୍ରୀମନ୍ଦିରର ଜଣେ ଜେଟିପି ତାଙ୍କୁ ମଠକୁ ପଠାଇଥିଲେ। ରାତି ପ୍ରାୟ ୧୨ଟା ପାଖାପାଖି ହେବ ମଠରେ ପହଞ୍ଚିଲେ। ଠାକୁରଙ୍କ ପାଇଁ ଆଣିଥିବା କେତକୀ ଫୁଲ ଆଉ ଲାଗି ହେବନାହିଁ ବୋଲି ତାଙ୍କ ମନ ନିରାଶ ଥିଲା। ମହାପ୍ରଭୁଙ୍କ କୃପା। ସେଦିନ ସେ ବ୍ୟକ୍ତି ଜଣକ କେତକୀ ଫୁଲ ପ୍ରଦାନ କଲେ। ମହାପ୍ରଭୁଙ୍କ ପାଇଁ ଫୁଲୁରୀ ତେଲରେ ଏହା ବ୍ୟବହାର ହେବ ଏବଂ ଏହି ତେଲ ଶ୍ରୀଅଙ୍ଗରେ ବର୍ଷଯାକ ରହିବ ଶୁଣିବା ପରେ ସେ ଅତ୍ୟନ୍ତ ଖୁସି ହୋଇଯାଇଥିଲେ ବୋଲି ମହନ୍ତ ଅଧିକାରୀ କହିଛନ୍ତି।

---

**ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ପୁଲିସ ଡିଜି**

# ଜଗିବେ ୨୦୦ ପ୍ଲାଟୁନ ଫୋର୍ସ, ୧୨ ହଜାର ପୁଲିସ କର୍ମୀ

ପୁରୀ, ୪।୭ (ସମିସ): ପାଖେଇ ଆସିଲା ରଥଯାତ୍ରା। ଆଉ ୧୧ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ରଥଯାତ୍ରା ପାଇଁ ପୁଲିସ ପକ୍ଷରୁ ଯେଉଁସବୁ ପ୍ରସ୍ତୁତି କରାଯାଇଛି ତାହାର ସମୀକ୍ଷା କରିଛନ୍ତି ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ। ଶନିବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ଡିଜିପି ସୁରକ୍ଷା, ଶୃଙ୍ଖଳା, ଟ୍ରାଫିକ୍ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଏବଂ ଶୃଙ୍ଖଳିତ ଦର୍ଶନ ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରିଛନ୍ତି। ସମସ୍ତେ ଯେପରି ଶ୍ରୀକ୍ଷେତ୍ର ମାଟିରୁ ଭଲ ଅନୁଭୂତି ନେଇ ଫେରିବେ ପରାମର୍ଶ ଦେଇଛନ୍ତି ଡିଜି। ସେହିପରି ଭିଡ଼ ନିୟନ୍ତ୍ରଣ ସମୟରେ ଆଚରଣ ଏବଂ ଉଚ୍ଚାରଣରେ ସଂଯମତା ରକ୍ଷା କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଅତିରିକ୍ତ ପୁଲିସ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଏସ୍‌ପି ପ୍ରତୀକ୍ ସିଂହ ପୁଲିସର ପ୍ରସ୍ତୁତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବୈଠକ ଶେଷରେ ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି, ରଥଯାତ୍ରା କିପରି ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ତାହା ଉପରେ ପୁଲିସ ଫୋକସ୍ ଦେଇଛି। ରଥଯାତ୍ରା ପାଇଁ ଓଡ଼ିଶା ପୁଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ସୁରକ୍ଷା ଦାୟିତ୍ୱରେ ୨୦୦ ପ୍ଲାଟୁନ ପୁଲିସ ଫୋର୍ସ ସହ ୧୨ ହଜାର ପୁଲିସ କର୍ମୀ ମୁତୟନ ରହିବେ। ଏଥିରେ ଟ୍ରାଫିକ୍ କନେଷ୍ଟବଳ, ଏପିଆର୍ କନେଷ୍ଟବଳ, ହୋମ୍‌ଗାର୍ଡ, ସିଏପିଏଫ୍ ମୁତୟନ ହେବେ। ୨୦୦ରୁ ଊର୍ଦ୍ଧ୍ୱ ଓଏସ୍ଏପି ଆଇଆର୍ ବାଟାଲିୟନ ଫୋର୍ସ ରହିବେ। ପ୍ରାୟ ୩ ହଜାର ହୋମ୍‌ଗାର୍ଡ ଓ ୧୦ କମ୍ପାନୀ ସିଏପିଏଫ୍ ମୁତୟନ ରହିବେ। ରାପିଡ୍ ଆକ୍ସନ ଫୋର୍ସ, ସିଆର୍‌ପିଏଫ୍ ମଧ୍ୟ ସୁରକ୍ଷା ବ୍ୟବସ୍ଥାରେ ସାମିଲ୍ ହେବେ। ବୈଠକରେ ଫୋର୍ସମାନଙ୍କ ରହଣି ଉପରେ ଆଲୋଚନା ହୋଇଛି। ସେହିପରି ଡିଜିପି ଆହୁରି କହିଛନ୍ତି ଯେ, ଚଳିତ ବର୍ଷ ରଥଯାତ୍ରାରେ ପୁଲିସ ପାଇଁ ବର୍ଷା ବଡ଼ ଚାଲେଞ୍ଜ ହୋଇପାରେ। ତେଣୁ ସମସ୍ତ ବାଧାବିଘ୍ନକୁ ସାମ୍ନା କରିବା ପାଇଁ ପୁଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ସମସ୍ତଙ୍କ ସହଯୋଗରେ ସୁରକ୍ଷିତ ଏବଂ ଶୃଙ୍ଖଳିତ ରଥଯାତ୍ରା ହୋଇପାରିବ। ଓଡ଼ିଶା ପୁଲିସର ପୋର୍ଟାଲ, ଟ୍ରାଫିକ୍ ଆଡ୍‌ଭାଇଜରିକୁ ଶ୍ରଦ୍ଧାଳୁମାନେ ସବୁ ସମୟରେ ମାନିବାକୁ ନିବେଦନ କରିଛନ୍ତି ପୁଲିସ ଡିଜି। ସମ୍ପୂର୍ଣ୍ଣ ଶ୍ରୀକ୍ଷେତ୍ରକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯିବ। ଅତିରିକ୍ତ ପୁଲିସ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ରଥଯାତ୍ରା ସୁପରିଚାଳନା ଦାୟିତ୍ୱରେ ରହିବେ ବୋଲି ଡିଜିପି କହିଛନ୍ତି।

---

**ପୁଲିସ ଜାଲରେ ପ୍ରେମୀ ଯୁଗଳ**

# ଲୁଟୁଥିଲା ପ୍ରେମିକ, ବନ୍ଧକ ରଖୁଥିଲା ପ୍ରେମିକା

**ସହଯୋଗୀ ପିନ୍ଧୁଥିଲା ମହିଳା ପୋଷାକ ● ନମ୍ବର ପ୍ଲେଟରେ ମାରିଥିଲେ ପ୍ଲାଷ୍ଟର ପ୍ୟାରିସ୍ ● ମାସକରେ ଲୁଟିଛନ୍ତି ୬ ସୁନା ଚେନ୍**

ଭୁବନେଶ୍ୱର, ୪।୭ (ସମିସ):

ପ୍ରେମିକ ରାଜଧାନୀ ସାରି ବୁଲିବୁଲି ସୁନା ଚେନ୍ ଲୁଟ୍ କରୁଥିଲ। ଆଉ ପ୍ରେମିକା ସେହି ସୁନା ଚେନକୁ ବ୍ୟାଙ୍କରେ ବନ୍ଧକ ରଖି ଟଙ୍କା ଆଣୁଥିଲା। ଖାଲି ସେତିକି ନୁହେଁ, ପୁଲିସ ନଜରରୁ ବର୍ତ୍ତିବାକୁ ପ୍ରେମିକର ସହଯୋଗୀ ମହିଳା ପୋଷାକ ପିନ୍ଧୁଥିଲା। ଏଭଳି ଢଙ୍ଗରେ ଲୁଟପାଟ କରୁଥିବା ପ୍ରେମୀ ଯୁଗଳଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଗଡ଼ ଖୋରଧାର ଦେବୀପ୍ରସାଦ ରାଉଳ ଓରଫ୍ ସୋନୁ (୨୩) ଓ ତା'ର ପ୍ରେମିକା ତଥା ଜଗତସିଂହପୁର ଢ଼ିଙ୍କିଆର ରଶ୍ମିତା ବିଜୁଳି (୨୧)। ଘଟଣାରେ ସଂପୃକ୍ତ ସହଯୋଗୀ ପ୍ରତ୍ୟୁଷ ବଳବନ୍ତରାୟ ଓରଫ୍ ଅଂଶୁ ଫେରାର ରହିଛି।

ପୁଲିସ ସୂଚନାନୁସାରେ, ପାତ୍ରପଡ଼ା ଶ୍ରୀକ୍ଷେତ୍ର ଗ୍ରୀନଉଡ୍ ଆପାର୍ଟମେଣ୍ଟରେ ରହୁଥିବା ବରିଷ୍ଠ ନାଗରିକ ନମିତା ପାଣି ଗତ ମେ' ମାସ ୧୦ ତାରିଖ ସକାଳେ ଡେଲଟା ଛକକୁ ଛତୁ କିଣିବାକୁ ଯାଇଥିଲେ। ଛତୁ କିଣା କାର୍ ପାଖକୁ ଫେରୁଥିବା ବେଳେ ସୋନୁ ଓ ଅଂଶୁ ଏକ ବାଇକରେ ଆସି ତାଙ୍କ ବେକରୁ ସୁନାଚେନ୍ ଛଡ଼ାଇ ନେଇ ଷ୍ଟୁଆର୍ଟ ସ୍କୁଲ୍ ଆଡ଼କୁ ପଳାଇଥିଲେ। ଲୁଟ୍ ବେଳେ ତଳେ ପଡ଼ିଯାଇ ନମିତା ଆହତ ହୋଇଥିଲେ। ଲୁଟେରା ଜଣକ ଗାଡ଼ି ଚଳାଉଥିବା ବେଳେ ପଛରେ ଜଣେ ମହିଳା ବସିଥିବା ନମିତା ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ କ୍ରମେ ନୂଆପଲ୍ଲୀ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରି ଗାଡ଼ିକୁ ଚିହ୍ନଟ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ନମ୍ବର ପ୍ଲେଟରେ ପ୍ଲାଷ୍ଟର ପ୍ୟାରିସ୍ ମାରିଥିବାରୁ, ତାହା ସମ୍ଭବ ହୋଇନଥିଲା। ଅଭିଯୁକ୍ତମାନେ ସେହିଦିନ ଖଣ୍ଡଗିରି ଓ ତମାଣ୍ଡୋ ଥାନା ଅଞ୍ଚଳରୁ ମଧ୍ୟ ସୁନା ଚେନ୍ ଝାମ୍ପି ନେଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ସିସିଟିଭି ଫୁଟେଜରୁ ପୁଲିସ ସୋନୁକୁ ଚିହ୍ନଟ କରିଥିଲା।

ଗଡ ଖୋରଧାରେ ଚଢ଼ଉ କରି ସୋନୁକୁ ଉଠାଇ ଆଣିବା ପରେ ପୁରା ଘଟଣା ପଦାକୁ ଆସିଥିଲା। ସୋନୁ ତା'ର ସହଯୋଗୀ ଅଂଶୁ ସହ ମିଶି ମେ' ୧୦ ଠାରୁ ଜୁନ୍ ୯ ତାରିଖ ମଧ୍ୟରେ ରାଜଧାନୀରୁ ୬ଟି ସୁନା ଚେନ୍ ଲୁଟ୍ କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ସୋନୁ ଓ ଅଂଶୁ ସୁନା ଚେନ୍ ଲୁଟ୍ କରିବା ପରେ ସେଗୁଡ଼ିକୁ ବିକ୍ରି କରୁନଥିଲେ। ସୋନୁ ତା'ର ପ୍ରେମିକା ରଶ୍ମିତାକୁ ଲୁଟ୍ ସୁନା ଚେନ୍ ଦେଇ ଦେଉଥିଲା। ରଶ୍ମିତା ବିଭିନ୍ନ ସୁନା ଋଣ ସଂସ୍ଥାରେ ସୁନା ଚେନ୍ ବନ୍ଧକ ରଖି ସୋନୁକୁ ଟଙ୍କା ଦେଉଥିଲା। ଏହାସହ ନିଜେ କମିସନୀ ମଧ୍ୟ ନେଉଥିଲା। ଏକଥା ଜାଣିବା ପରେ ବୋଲଗଡ଼ରେ ଲୁଚିଥିବା ପ୍ରେମିକା ରଶ୍ମିତାକୁ ଉଠାଇ ଆଣିଥିଲା ପୁଲିସ। ତା' ଠାରୁ ଏକ ସୁନା ଚେନ୍ ଜବତ ହୋଇଥିଲା। ସେପଟେ ସୋନୁ ନାମରେ ବେସରକାରୀ ଋଣ ସଂସ୍ଥାରେ ବନ୍ଧକ ଥିବା ଚେନକୁ ମଧ୍ୟ ଜବତ କରିଛି ପୁଲିସ। ସୋନୁ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ୧୦ ଟି ସମାନ ପ୍ରକାର ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।





**ମହିଳା ପୋଷାକ, କୃତ୍ରିମ କେଶ**

ସୋନୁ ଓ ଅଂଶୁ ମିଶି ରାଜଧାନୀରେ ଆତଙ୍କ ଖେଳାଇ ସୁନା ଚେନ୍ ଲୁଟ୍ କରୁଥିଲେ। ଅଂଶୁ ପୁଲିସ ନଜରରୁ ହଟିବା ମହିଳା ପୋଷାକ ପିନ୍ଧୁଥିବା ବେଳେ କୃତ୍ରିମ କେଶ ଲଗାଉଥିଲା। ଫଳରେ ଲୁଟ୍‌ର ଶିକାର ହେଉଥିବା ବ୍ୟକ୍ତିବିଶେଷ ଅଂଶୁକୁ ମହିଳା ବୋଲି ଭାବୁଥିଲେ। ତେବେ ଏମିତିରେ ସେମାନଙ୍କ କାରନାମା ସରିନଥିଲା। ସହଜରେ ଖସିଯିବା ପାଇଁ ଅଭିଯୁକ୍ତମାନେ ଗାଡ଼ି ନମ୍ବର ପ୍ଲେଟରେ ପ୍ଲାଷ୍ଟର ପ୍ୟାରିସ୍ ମାରି ଦେଉଥିଲେ ବୋଲି ସୋନୁ ପୁଲିସକୁ କହିଥିଲା। ଯାହା ଦ୍ୱାରା ପୁଲିସ ମଧ୍ୟ ବାଉଳା ହେଉଥିଲା।

---

**ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ**

ଭୁବନେଶ୍ୱର, ୪।୭ (ସମିସ): ନୂଆପଲ୍ଲୀ ଥାନା ଆଇଆର୍‌ସି ଭିଲେଜ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୯ ବର୍ଷିୟା ନାବାଳିକାଙ୍କୁ ଦେଖି ଜଣେ ୩୮ ବର୍ଷିୟ ଯୁବକ ଅଶ୍ଳୀଳ ଇଙ୍ଗିତ କରିଥିଲେ। ନାବାଳିକା ଚିତ୍କାର କରିବା ପରେ ତାଙ୍କ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ଏକାଠି ହୋଇଯାଇଥିଲେ। ଯାହାଫଳରେ ମାଡ଼ ଭୟରେ ଉଲଗ୍ନ ଅବସ୍ଥାରେ ଥିବା ଯୁବକ ଜଣଙ୍କ ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ନୂଆପଲ୍ଲୀ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏହାର ପ୍ରାଥମିକ ଅନୁସନ୍ଧାନ ଆରମ୍ଭ କରିଛି ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, ଶନିବାର ସକାଳୁ ନାବାଳିକା ଟ୍ୟୁସନ ପଢ଼ିବାକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ରାସ୍ତାକଡ଼ରେ ଯୁବକ ଜଣଙ୍କ ଛିଡା ହୋଇଥିଲେ। ନାବାଳିକାଙ୍କୁ ଦେଖିବା ମାତ୍ରେ ଯୁବକ ଜଣଙ୍କ ତାଙ୍କୁ ପ୍ରଥମେ କିଛି ଅଶୀଳ ଇଙ୍ଗିତ କରିଥିଲେ। ଏହାପରେ ରାସ୍ତା ଉପରେ ନିବସ୍ତ୍ର ହୋଇପଡ଼ିଥିଲେ।

# ଭୁବନେଶ୍ୱର ସିଟି



ଗତକାଲିଠାରୁ ଲାଗି ରହିଛି ଝିପିଝିପି ବର୍ଷା । ଫଳରେ ରାଜଧାନୀରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି । ସହରର ପ୍ରମୁଖ ଅଞ୍ଚଳ ସମେତ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ବର୍ଷାଜଳ ନିଷ୍କାସିତ ହୋଇ ନ ପାରିବାରୁ ଅଳ୍ପ ବର୍ଷା ହେଲେ ମଧ୍ୟ ରାଜଧାନୀରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି । ବିଶେଷକରି ରାଜଧାନୀର ବସ୍ତିଠାରୁ ଆରମ୍ଭ କରି ତଳି ଅଞ୍ଚଳରେ ପାଣି ଜମି ରହୁଛି । ଏମିତି କି ଯୋଜନାବଦ୍ଧ ଭାବେ ହୋଇଥିବା ଆପାର୍ଟମେଣ୍ଟ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା କ୍ରମେ ଉତ୍କଟ ହେବାରେ ଲାଗିଛି । ଦୁଇଦିନର ଲଗାଣ ବର୍ଷାରେ ବୈଭବନଗର ଅଞ୍ଚଳର ଲୋକେ ଜଳବନ୍ଦୀ ସମସ୍ୟା ଭୋଗୁଥିବା ବେଳେ ରାଜଧାନୀର ଅନ୍ୟ ଅଞ୍ଚଳ ମଧ୍ୟ ସମାନ ଅବସ୍ଥା । ଅନେକ ବସ୍ତିର ଲୋକେ ଦୁଇଦିନ ହେଲା ଘରୁ ବାହାରି ପାରୁ ନାହାଁନ୍ତି । ଏମିତି କି ଗତକାଲି ବର୍ଷା ଆରମ୍ଭରୁ ବସ୍ତିର ପିଲାମାନେ ସ୍କୁଲ ଯାଇପାରି ନାହାନ୍ତି । ତେବେ ଏହି ବର୍ଷା ଯଦି ଆସନ୍ତାକାଲି ପର୍ଯ୍ୟନ୍ତ ଲାଗି ରହେ ତେବେ ଅବସ୍ଥା ଆହୁରି ଭୟଙ୍କର ହେବ ବୋଲି ଆଶଙ୍କା କରାଯାଉଛି ।







# ତୁହାକୁତୁହା ବର୍ଷାରେ ଅସ୍ତବ୍ୟସ୍ତ ରାଜଧାନୀ



## ବିଚ୍ଛିନ୍ନ ବୈଭବନଗର

### ଘର ଛାଡ଼ିଲେ ସ୍ଥାନୀୟ ଲୋକେ

ଭୁବନେଶ୍ୱର,୪।୭ (ସମିସ):

ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି । କୌଣସି ଜରୁରୀ କାମରେ ବାହାରକୁ ଯିବା ତ ଦୂରର କଥା ଘର ବାହାରକୁ ବାହାରିଲେ ଆଣ୍ଠୁଏ ପାଣିରେ ପଶି ଯିବାକୁ ପଡୁଛି । ଏଭଳି ଦୃଶ୍ୟ କେଉଁ ଅପହଞ୍ଚ ଇଲାକାର ନୁହେଁ ବରଂ ଖୋଦ୍ ରାଜଧାନୀ ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର-୪ ଅଧୀନରେ ରହିଥିବା ବୈଭବନଗର ଦୃଶ୍ୟ । ୩ଦିନ ହେବ ଲଗାଣ ବର୍ଷାରେ ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି ଏହି ଅଞ୍ଚଳ । ଜାତୀୟ ରାଜପଥକୁ ଲାଗିରହିଥିବା ବୈଭବ ନଗର ଏବେ ସମ୍ପୂର୍ଣ୍ଣ ଜଳମଗ୍ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । କେହି କେହି ନିଜ ଘର ଛାଡ଼ି ଗାଁ ଏବଂ ସମ୍ପର୍କୀୟଙ୍କ ଘରକୁ ଚାଲିଯାଉଥିବା ଦେଖିବାକୁ ମିଳିଛି ।

ରାଜଧାନୀର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷାରେ ଜଳବନ୍ଦୀ ସମସ୍ୟା ଦେଖିବାକୁ ମିଳିଛି । ବିଶେଷ କରି କେତେକ ସ୍ଥାନରେ ଡ୍ରେନେଜ ବ୍ୟବସ୍ଥା ନଥିବା ବେଳେ ଯେଉଁଠାରେ ଡ୍ରେନ୍ ରହିଛି ତାହା ଆବର୍ଜନାରେ ପୋତି ହୋଇଯାଇଥିବାରୁ ବର୍ଷାପାଣି ନିଷ୍କାସନ ହୋଇନପାରି ଜଳବନ୍ଦୀ ପରିଓ୍ତିତ ଉପୁଜୁଥିବା କୁହାଯାଉଛି । ସମାନ ସ୍ଥିତି ମଧ୍ୟ ବୈଭବନଗରରେ ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏଠାରେ ଦୁର୍ବଳ ଡ୍ରେନେଜ୍ ବ୍ୟବସ୍ଥା ପାଇଁ ସମ୍ପୂର୍ଣ୍ଣ ଅଞ୍ଚଳ ଜଳମଗ୍ନ । ରାସ୍ତା ଓ ଆବାସିକ ଅଞ୍ଚଳରେ ବର୍ଷା ପାଣି ଜମି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି । କେଉଁଠି ଆଣ୍ଠୁଏ ତ କେଉଁଠି ପେଟେ ପାଣି । ଏଥିପାଇଁ ପ୍ରାୟ ସପ୍ତାହେ ହେବ ଛାତ୍ରାଛାତ୍ରୀମାନେ ସ୍କୁଲ୍ କଲେଜ ଯିବାରୁ ବଞ୍ଚିତ ହୋଇଛନ୍ତି । କେବେଳ ସେତିକି ନୁହେଁ ରୋଗୀଟିଏ ସଂକଟାପନ୍ନ ଅବସ୍ଥାରେ ମଧ୍ୟ ଡାକ୍ତରଖାନା ଯିବା ଅସମ୍ଭବ ହୋଇପଡୁଛି । ଯେଉଁମାନଙ୍କ ଘରେ ଚାରି ଚକିଆ ଯାନ ରହିଛି ସେମାନେ ପାଦାକୁ ବାହାର କରିବା ସମ୍ଭବ ହୋଇ ନ ଥିବା ବେଳେ ଓଲା, ରାପିଡୋ ଆଦି ଆପ୍ଲିକେସନ୍‌ରୁ ବୁକିଂ କଲେ ମଧ୍ୟ ସେମାନେ କ୍ୟାନସଲ କରିଦେଉଥିବା ଅଞ୍ଚଳବାସୀ କହିଛନ୍ତି । ଏମିତି ଏତେ ପାଣିରେ ଅଞ୍ଚଳକୁ ଆମ୍ବୁଲାନ୍ସ ଯାଇପାରୁନଥିବା ମଧ୍ୟ କୁହାଯାଉଛି । ତେବେ ଅଞ୍ଚଳବାସୀଙ୍କ ଭୟ କେବଳ ସେତିକିରେ ସରି ନାହିଁ, ୪ରୁ ୫ ଦିନ ଧରି ପାଣି ଜମି ରହିଥିବାରୁ ଡେଙ୍ଗୁ ଓ ଅନ୍ୟାନ୍ୟ ମଶାବାହିତ ରୋଗର ଆଶଙ୍କା ବଢ଼ିଯାଇଛି । ବିଷାକ୍ତ ଶରୀସୃପ ମଧ୍ୟ ଘର ଭିତରକୁ ପଶି ଯାଉଥିବା ଲୋକେ ଅଭିଯୋଗ କରିଛନ୍ତି । ଏନେଇ ପୂର୍ବରୁ ବିଏମସି ଗ୍ରିଭାନ୍ସ ସେଲରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ । ପିଲା ଏବଂ ବରିଷ୍ଠ ନାଗରିକମାନେ ସବୁଠୁ ଅଧିକ ଆଶଙ୍କାରେ ଅଛନ୍ତି । ତେଣୁ ତୁରନ୍ତ ଜଳ ନିଷ୍କାସନ, ନାଳ ସଫା ଭଳି ଜରୁରୀକାଳୀନ ପଦକ୍ଷେପ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ୱାର୍ଡର କର୍ପୋରେଟରଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ ।

■ କୁବେରପୁରୀରେ ଯମଯନ୍ତ୍ରଣା

## ପାଣି କାଦୁଅରେ ଭାସୁଛି ଗାଡ଼ିମୋଟର



ରାଜଧାନୀର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହେଉଛି ଆଇଗିଣିଆସ୍ଥିତ କୁବେରପୁରୀ ଅଞ୍ଚଳ । ଯେଉଁଠାରେ ରାଜ୍ୟର ବିଭିନ୍ନ ସ୍ଥାନକୁ ପନିପରିବା ପଠାଯାଇଥାଏ । ପୂରା ରାଜ୍ୟବାସୀ କଞ୍ଚା ପରିବା ପାଇଁ ଏହା ଉପରେ ନିର୍ଭର କରନ୍ତି । ଏଠାରେ ପ୍ରାୟ ୫୦ରୁ ଅଧିକ ଆଳୁ ପିଆଜ ଗୋଦାମ ସମେତ କଞ୍ଚା ପରିବା ଗୋଦାମ ରହିଛି । ଏଠାକୁ ପ୍ରତ୍ୟେକ ଦିନ ହଜାରରୁ ଅଧିକ ପରିବା ବୋଝେଇ ଟ୍ରକ୍ ଆସୁଥିବା ବେଳେ ରାଜ୍ୟ ବାହାରୁ ଶତାଧିକ ଟ୍ରକ ଆସୁଛି । ଏହା ଉପରେ ପ୍ରତ୍ୟେକ ଦିନ ୪ରୁ ପାଞ୍ଚ ହଜାର ଲୋକେ ନିର୍ଭର କରୁଛନ୍ତି । କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ କୁବେରପୁରୀ ଏବେ ଯମପୁରରେ ପରିଣତ ହୋଇଛି । ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଭିତରେ ପାଣି ଜମିବା ସହ କାଦୁଅ ସଫା କରାଯାଉ ନ ଥିବାରୁ ଏଠାରେ ଆଣ୍ଠୁଏ କାଦୁ ଜମି ରହୁଛି । ଅବର୍ଜନା ମଧ୍ୟ ନିୟମିତ ସଫା କରାଯାଉ ନାହିଁ । ଫଳରେ କୁବେରପୁରୀ ଅଞ୍ଚଳରେ ଦୁର୍ଗନ୍ଧରେ ଫାଟି ପଡୁଛି । ଆବର୍ଜନା ଯୋଗୁଁ ପରିସର ଏବେ ମଶାଙ୍କ ଏନ୍ତୁଡ଼ିଶାଳ ପାଲଟିଛି । ଭିତରେ ରହୁଥିବା କର୍ମଚାରୀ ଏବଂ ବ୍ୟବସାୟୀମାନେ ଦୟନୀୟ ଅବସ୍ଥାରେ ରହୁଛନ୍ତି ।

## ବର୍ଷାଜନିତ ସମସ୍ୟା ପାଇଁ ବିଏମ୍‌ସିର ବ୍ୟାପକ ପ୍ରସ୍ତୁତି

# ୨୩ ଜଳବନ୍ଦୀ ଅଞ୍ଚଳ ଚିହ୍ନଟ, ୮ ରାଟ୍ ପ୍ରସ୍ତୁତ



ଭୁବନେଶ୍ୱର, ୪।୭ (ସମିସ):

ମୌସୁମୀ ବର୍ଷାଜନିତ ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପୂର୍ବ ପ୍ରସ୍ତୁତି ସକ୍ରିୟ ଭାବେ କାର୍ଯ୍ୟ କରୁଛି । ପରିସ୍ଥିତିର ମୁକାବିଲା କରିବା ପାଇଁ ବର୍ଷା ପୂର୍ବରୁ ସମସ୍ତ ଅଂଶୀଦାର, ଲାଇନ ଡିପାର୍ଟମେଣ୍ଟ, ବିଦ୍ୟୁତ୍, ଡ୍ରେନେଜ୍, ଅଗ୍ନିଶମ, ୱାଟକୋ, ଆର୍‌ଆଣ୍ଡବି, ଓପିଟିସିଏଲ୍ ପ୍ରଭୃତି ବିଭାଗର ଉଚ୍ଚପଦାଧିକାରୀଙ୍କୁ ନେଇ ମେୟର ସୁଲୋନଚା ଦାସ ଓ କମିସନର ଚଞ୍ଚଳ ରାଣାଙ୍କ ଉପସ୍ଥିତିରେ ଟେବୁଲ-ଟପ୍ ଅଭ୍ୟାସ କରାଯାଇଥିଲା । ସେହି ଆଲୋଚନା ଏବଂ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ ଜାରି ରହିଛି । କମିସନର ଶ୍ରୀ ରାଣା ଦୈନିକ କାର୍ଯ୍ୟାନ୍ୱୟ ସମୀକ୍ଷା କରୁଛନ୍ତି । ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହିତ ଅତିରିକ୍ତ କମିସନରମାନେ ନିୟମିତ ଯୋଗାଯୋଗରେ ରହିଛନ୍ତି । ଜଳବନ୍ଦୀ ତଥା ବର୍ଷାଜନିତ ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ଗଠନ ହୋଇଥିବା ରାପିଡ୍ ଆକ୍ସନ ଟିମ୍ ବା ରାଟ୍ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛି । ଅପରପକ୍ଷେ ମେୟର ମଧ୍ୟ ଜଳବନ୍ଦୀ ମୁକ୍ତ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଡ୍ରେନେଜ୍ ଡିଭିଜନ ଚଳିତ ବର୍ଷା ପୂର୍ବରୁ ଡ୍ରେନଗୁଡିକରୁ ପଙ୍କୋଦ୍ଧାର କାର୍ଯ୍ୟ ଶେଷ କରିବା ଏବଂ ଉଦ୍ଧାର ପଙ୍କକୁ ବର୍ଷା ପୂର୍ବରୁ ସ୍ଥାନାନ୍ତର କରିଦେଇଥିବାରୁ ଚଳିତ ବର୍ଷ ଜଳବନ୍ଦୀ ପରିସ୍ଥିତି ଅନେକ ଅଞ୍ଚଳରେ ସୃଷ୍ଟି ହୋଇନାହିଁ । ପ୍ରମୁଖ ଡ୍ରେନଗୁଡିକ ସହ ୮୦ ପ୍ରତିଶତ ଆଭ୍ୟନ୍ତରିଣ ଡ୍ରେନ ସଫେଇ କାର୍ଯ୍ୟ ଶେଷ ହୋଇଯାଇଛି ।

ଜଳବନ୍ଦୀ ସମସ୍ୟାର ସମାଧାନ କରିବା ପାଇଁ ମୋଟ ୮ଟି ରାପିଡ ଆକ୍ସନ ଟିମ୍ ଗଠନ କରାଯାଇଛି । ପ୍ରତି ଜୋନରେ ୨ଟି ଲେଖାଏଁ ରାପିଡ ଆକ୍ସନ ଟିମଙ୍କୁ ନିୟୋଜିତ କରାଯାଇଛି । ଏଥିପାଇଁ ପ୍ରତ୍ୟେକ ଜୋନରେ ଜଣେ ଲେଖାଏଁ ଡ୍ରେନେଜ୍ ଡିଭିଜନର ଏଇଇ କିମ୍ବା ଜେଇଙ୍କୁ ନୋଡାଲ ଅଫିସର ଭାବେ ନିୟୋଜିତ କରାଯାଇଛି । ଜରୁରିକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ମୁଖ୍ୟାଳୟରେ ଜଣେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଆଉ ୨ଗୋଟି ଟିମକୁ ରିଜର୍ଭ ରଖାଯାଇଛି । ସମଗ୍ର ସହରରେ ମୋଟ ୨୩ ଗୋଟି ଜଳବନ୍ଦୀ ଅଞ୍ଚଳ ଚିହ୍ନଟ କରାଯାଇଛି । ସେହିସବୁ ସ୍ଥାନରେ ବର୍ଷା ପୂର୍ବରୁ ପାଣି ପମ୍ପ ମହଜୁଦ୍ ରଖାଯାଇଛି । ପ୍ରତ୍ୟେକ ଜୋନରେ

### ବିଭିନ୍ନ ସ୍ଥାନ ବୁଲି ଦେଖିଲେ ମେୟର, କମିସନର

### ଡେଙ୍ଗୁ, ମ୍ୟାଲେରିଆ ଓ ଭେକ୍ଟରଜନିତ ରୋଗ ପାଇଁ ୭୦ କର୍ମଚାରୀ

ଜରୁରୀକାଳୀନ ପରିସ୍ଥିତି ପାଇଁ ଗୋଟିଏ ଲେଖାଏଁ ମୋବାଇଲ୍ ଡିୱାଟରିଂ ପମ୍ପ ୟୁନିଟ୍ ସହ ଆବଶ୍ୟକ ଯନ୍ତ୍ରପାତି ଓ ସଂରଜାମ ମହଜୁଦ୍ ରଖାଯାଇଛି । ବର୍ଷା ଜଳର ମୁକ୍ତ ପ୍ରବାହକୁ ସୁନିଶ୍ଚିତ କରିବା ପାଇଁ ପ୍ରତି ଜୋନରେ ଆବର୍ଜନା, ସିଆଣ୍ଡଡି ବର୍ଜ୍ୟବସ୍ତୁ ଏବଂ ସବୁଜ ବର୍ଜ୍ୟ ଉଠାଇବାକୁ ପର୍ଯ୍ୟାପ୍ତ ସଂଖ୍ୟକ ଯାନ, ଯନ୍ତ୍ରପାତି ଓ ମାନବସମ୍ବଳ ଯୋଗାଇ ଦିଆଯାଇଛି । କ୍ଷେତ୍ର ସମନ୍ୱୟ ପାଇଁ କଣ୍ଟ୍ରୋଲ ରୁମରେ ଜଣେ ପରିମଳ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ବରିଷ୍ଠ ଅଧିକାରୀ ଏବଂ ଏସ୍‌ଆଇଙ୍କ ସହିତ ବାସ୍ତବ ପର୍ଯ୍ୟବେକ୍ଷଣ, ମାର୍ଗଦର୍ଶନ ଓ ଜରୁରୀକାଳୀନ ସମନ୍ୱୟ ପାଇଁ ୱାର୍ଡ ଏସ୍‌ଆଇଙ୍କ ସହ ୱାକିଟକି ମାଧ୍ୟମରେ ଯୋଗାଯୋଗ କରାଯାଉଛି । ବର୍ଷା ଋତୁରେ ହେଉଥିବା ଭେକ୍ଟର ଜନିତ ରୋଗ ନିୟନ୍ତ୍ରଣ ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି । ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ, ୟୁଏମ୍‌ଏସ୍‌ୟୁ ଙ୍କୁ ନେଇ ବିଏମ୍‌ସି ଅଞ୍ଚଳରେ ଡେଙ୍ଗୁ, ମ୍ୟାଲେରିଆ ଏବଂ ଅନ୍ୟାନ୍ୟ ଭେକ୍ଟର ଜନିତ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ୭୦ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ସେମାନେ ମଶା ଉତ୍ସ ହ୍ରାସ କରିବା କାର୍ଯ୍ୟ ଜାରି ରଖିଛନ୍ତି । ୨୫ଟି ଫଗିଙ୍ଗ ମେସିନ ମଧ୍ୟ କାର୍ଯ୍ୟ କରୁଛି । ସ୍ୱାସ୍ଥ୍ୟ ସର୍ବେକ୍ଷଣ ଏବଂ ପରିବେଶ, ବୃକ୍ଷ କାଟିବାରେ ସହାୟତା କରିବା ପାଇଁ ୫୦ ଜଣ ଇଣ୍ଟର୍ଣ୍ଣଙ୍କୁ ନିୟୋଜିତ କରାଯାଇଛି ।

ଉପୁଡି ପଡିଥିବା ବୃକ୍ଷ କିମ୍ବା ଭାଙ୍ଗିଯାଇଥିବା ଡାଳଗୁଡିକୁ କାଟିବା ପାଇଁ ସ୍ୱତନ୍ତ୍ର ଭାବେ ତାଲିମପ୍ରାପ୍ତ ତଥା ଉତ୍ସର୍ଗୀକୃତ ବୃକ୍ଷ କଟାଳିଙ୍କୁ ନିୟୋଜିତ କରାଯାଇଛି । ସେମାନଙ୍କୁ ୬ ଗୋଟି ହାଇଡ୍ରୋଲିକ୍ ମେସିନ ଓ ଆବଶ୍ୟକ କଟର ଦିଆଯାଇଛି । ୬ ଗୋଟି ହାଇଡ୍ରୋଲିକ ମଧ୍ୟରୁ ପରିବେଶ ଉପବିଭାଗକୁ ୩ ଗୋଟି ଏବଂ ବିଦ୍ୟୁତ୍ ଉପବିଭାଗକୁ ୩ ଗୋଟି ଦିଆଯାଇଛି । ଜରୁରୀକାଳୀନ ପରିସ୍ଥିତି ପାଇଁ ସମସ୍ତ ସାମଗ୍ରୀ ମହଜୁଦ୍ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । କୌଣସି ସ୍ଥାନରେ ସାମାନ୍ୟତମ ଅସୁବିଧା ହେଲେ ୧୯୨୯କୁ କଲ୍ କରି ଜଣାଇବାକୁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି । ବିଏମ୍‌ସି ମୁଖ୍ୟାଳୟସ୍ଥିତ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ରୁମରେ ତିନି ସିଫ୍ଟରେ ଭିତ୍ତିରେ କାର୍ଯ୍ୟ ହେଉଛି । ପ୍ରତି ସିଫ୍ଟରେ ୬୦ ଜଣ ଲେଖାଏଁ କର୍ମଚାରୀ ଉପସ୍ଥିତ ରହୁଛନ୍ତି । ଯେ କୌଣସି ସ୍ଥାନରୁ କଲ୍ ଆସିବା ମାତ୍ରେ ସଜାଗ ରହିଥିବା ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ହେଉଛନ୍ତି । ଏ କ୍ଷେତ୍ରରେ ଅଗ୍ନିଶମ ବିଭାଗ କର୍ମଚାରୀ ମଧ୍ୟ ସହାୟତା କରୁଛନ୍ତି । ମୌସୁମୀ ଜନିତ ବର୍ଷା ହେଉଥିବାରୁ କମିଶନରଙ୍କ ଦ୍ୱାରା ଦୈନିକ କାର୍ଯ୍ୟାନ୍ୱୟର ସମୀକ୍ଷା କରାଯାଉଛି । ଯେ କୌଣସି ପରିସ୍ଥିତିର ମୁକାବିଲା କରିବାକୁ ସମସ୍ତେ ପ୍ରସ୍ତୁତ ରହିବା ପାଇଁ କୁହାଯାଇଛି । ଆଜି ମାନନୀୟା ମେୟର ସୁଲୋଚନା ଦାସ ଏବଂ ଟିମ ବିଏମ୍‌ସି ବିଭିନ୍ନ ଜଳବନ୍ଦୀ ଅଞ୍ଚଳ ବୁଲି ଦେଖିଛନ୍ତି । ୪ ନମ୍ବର ଓ୍ୱାର୍ଡ ଅନ୍ତର୍ଗତ ମିଲେନିୟମ ସିଟି ଜଳବନ୍ଦୀ ସ୍ଥିତି ଦେଖିଥିଲେ । ତେବେ ସଂପୃକ୍ତ ବିଲ୍ଡର ସେହି ରାସ୍ତାକୁ ବିଏମ୍ ସିକୁ ହସ୍ତାନ୍ତର କରିନଥିବାରୁ, ସେଠାରେ ବିଏମ୍ ସି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାରିବ ନାହିଁ । ତେବେ ମେୟର ସଂପୃକ୍ତ ଅଂଚଳରୁ ତୁରନ୍ତ ଜଳ ନିଷ୍କାସନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସଂଗେ ସଂଗେ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପାଣିପମ୍ପ ଦ୍ୱାରା ରାସ୍ତାରୁ ଜଳ ନିଷ୍କାସନ କରିଥିଲେ । ମେୟରଙ୍କ ସହ ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ସ୍ଥାନୀୟ କର୍ପୋରେଟର, ବିଏମ୍‌ସିର ଅଧିକାରୀମାନେ ଉପସ୍ଥିତ ଥିଲେ ।

ସୃଜନିକା

ସକାଳ
THE SAKALA
www.sakalaepaper.com

# ଉଡ଼ାଣ





ଡ. ସ୍ମୃତି ପଟ୍ଟନାୟକ

ନିରୋଦ ବାବୁ ରବିବାର ଦିନ ସଂଧ୍ୟାରେ ମହାନଦୀ ବିହାରର ଜଗନ୍ନାଥ ଉଦ୍ୟାନରେ ବୁଲୁଥାନ୍ତି, ସୋହମ୍ ତା' ସାଙ୍ଗ ରବିନ୍ ସହ ସିମେଣ୍ଟ ବେଞ୍ଚ ଉପରେ ବସି ଗପସପ କରୁଥାଏ। ନିରୋଦ ବାବୁଙ୍କୁ ଦେଖି ଅଙ୍କଲ୍ ନମସ୍କାର କହି ପୁଣି ଗପସପରେ ମନ ଦେଲା। କିଛି ସମୟ ପାର୍କରେ ଚାଲିବା ପରେ ନିରୋଦ ବାବୁ ଜଗନ୍ନାଥ ମନ୍ଦିର ଗଲେ। ମନ୍ଦିରରେ ଆଳତି ହେଉଥାଏ। ଲୋକଗହଳି ଥାଏ। ନିରୋଦ ବାବୁ ଗୋଟାଏ କୋଣକୁ ଛିଡ଼ା ହେଇଥିଲେ।

ଆଳତି ସରିଲା ପରେ ଠାକୁରଙ୍କ ଚନ୍ଦନ ତୁଳସୀ ପାଇ ଆସିଲା ବେଳକୁ ଗେଟ୍ ସାମ୍ନାରେ ଚାହା ଦୋକାନୀ ରାମୁ କହିଲା "ସାର୍ ନମସ୍କାର, ଆପଣଙ୍କୁ ଦେଖି ଅଦା ପକା ଚା' କରିଛି।" ରାମୁର ଚା' ସ୍ୱାଦ ନିଆରା, ଯିଏ ଥରେ ପିଇଛି ସେ ତା' ଚା' ପ୍ରେମରେ ପଡ଼ିବା ଥୟ। ସୋହମ୍ କେତେବେଳେ ଏକୁଟିଆ ଆସି ତାଙ୍କ ପାଖରେ ଛିଡ଼ା ହୋଇ ସବୁ କଥା ଶୁଣୁଥିଲା,ରାମୁ ଖୁସିରେ କହୁଥାଏ "ସାର୍ ଜାଣିଛନ୍ତି ଗୋଟିଏ ଭଲ ଖବର ଆପଣ ଶୁଣିଲେ ବହୁତ ଖୁସି ହେବେ। ଆପଣ ତ ଆସୁନଥିଲେ କିଛିଦିନ ହେଲାଣି, ମୁଁ ଆପଣଙ୍କୁ ବହୁତ ମନେ ପକାଉଥିଲି।"

ନିରୋଦ ବାବୁ କହିଲେ "ଚାକିରିରୁ ଅବସର ନେଲା ପରେ ମୁଁ ଏଠି ନଥିଲି କିଛିଦିନ ହେଲାଣି ଗାଁକୁ ଯାଇଥିଲି ମାସେ ରହିକି ଆସିଲି। ଗାଁରୁ ଆସିବାକୁ ଇଚ୍ଛା ହଉନଥିଲା। ବହୁତ ଭଲ ଲାଗୁଥିଲା ଗାଁର ପରିବେଶ ତା' ସହ ଗାଁ ଲୋକଙ୍କ ଅକୁଣ୍ଠିତ ସ୍ନେହ ଶ୍ରଦ୍ଧା, କିନ୍ତୁ ତମମାନଙ୍କ କଥା ସବୁ ମନେ ପଡ଼ିବାରୁ ଆସିଲି, ପୁଣି ଫେରିଯିବି, ଗାଁରେ ଗୋଟିଏ ବୈଷୟିକ ବିଦ୍ୟାଳୟ ଖୋଲିଛି। ତାଲିମପ୍ରାପ୍ତ ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇଛି। କିଛି ଗୋଟାଏ ନୂଆ କାମ କଲେ ଭଲ ଲାଗିବ।" ନିରୋଦ ବାବୁ ଖୁବ୍ ପ୍ରଗଲ୍‌ଭ ହୋଇ ପଡୁଥିଲେ। ପ୍ରକୃତିସ୍ଥ ହେଲା ପରେ ପଚାରିଲେ "ଆରେ ରାମୁ କ'ଣ ଖୁସି ଖବର କହିବ କହୁଥିଲ, ଏବେ କୁହ।" ରାମୁ କହିଲା "ସାର୍ ମୋ ସାନ ଭାଇ ଏଥର କ୍ଲାଟ୍ ପରୀକ୍ଷାରେ କୃତକାର୍ଯ୍ୟ ହେଇଛି। ଏବେ ସେ ନ୍ୟାସନାଲ୍ ଲ' ବିଶ୍ୱବିଦ୍ୟାଳୟରେ ଆଡ୍‌ମିସନ ନେଇପାରିବ।"

"ଆରେ ବାଃ ବହୁତ ଖୁସି ଖବର।"

ରାମୁ କହିଲା "ସାର୍! କରୋନାରେ ଆକ୍ରାନ୍ତ ହୋଇ ବାପା ଓ ବୋଉ ଦୁହେଁ ଆଗ ପଛ ହୋଇ ଚାଲିଗଲେ, ରହିଗଲୁ ସାନ ଭାଇ ଓ ମୁଁ।"

"ତମର ପରିଶ୍ରମ ଓ ସଚ୍ଚୋଟପଣିଆ ଯୋଗୁଁ ସବୁ ସମ୍ଭବ ହେଇପାରିଲା।"

ରାମୁ କହିଲା "ସାର୍ ମୋର ଗୋଟିଏ ଛୋଟିଆ ଅନୁରୋଧ ରଖିବେ। ଦୁଇ ବର୍ଷ ହେବ ମୋ' ବାହାଘର ହେଇଛି ବେଟର୍ ହାପ୍ ଲିଲିମାର ଭାରି ଇଚ୍ଛା, ଏଇ ଖୁସିରେ ଆମର ଶୁଭାକାଂକ୍ଷୀମାନଙ୍କୁ ଘରକୁ ଡାକି ଏକ ଟି' ପାର୍ଟି ଦେବା ପାଇଁ। ଆପଣ ଯଦି କିଛି ନ ଭାବନ୍ତି ଆସନ୍ତାକାଲି ସଂଧ୍ୟାବେଳେ ମ୍ୟାଡାମ୍‌ଙ୍କୁ ନେଇ ଆମ ଘରକୁ ନିଶ୍ଚୟ ଆସିବେ। ସାନଭାଇକୁ ଆଶୀର୍ବାଦ କରିବେ।" ରାମୁ ଇମୋସନାଲ୍ ହେଇଯାଉଥିଲା। ଆଖିରୁ ଆନନ୍ଦାଶ୍ରୁ ବୋହି ଯାଉଥିଲା।

ନିରୋଦ ବାବୁ କହିଲେ "ଏତେ ବଡ଼ ଖୁସି କଥା, ମୁଁ ମ୍ୟାଡାମ୍‌ଙ୍କ ସହ ଆସିବି, କଥା ଦେଲି ତମକୁ।"

ସୋହମ୍ ନୀରବ ହୋଇ ସେମାନଙ୍କ କଥୋପକଥନ ଶୁଣୁଥିଲା, ସେ କହିଲା "ଅଙ୍କଲ୍ ମୋର କ'ଣ ଇଚ୍ଛା ଅଛି ଜାଣନ୍ତି? ମୁଁ ଚାହୁଁଛି ପରିବେଶ ବିଜ୍ଞାନ ବିଷୟ ନେଇ ପଢ଼ିବି, ଭବିଷ୍ୟତରେ ଗବେଷଣା କରି ଲୋକମାନଙ୍କ ମନ ଭିତରେ ପରିବେଶ ପ୍ରତି ସଚେତନତା ଭାବ ସୃଷ୍ଟି କରିବି।"

"ବହୁତ ଭଲ କଥା।"

"ହେଲେ ଅଙ୍କଲ୍ ମୋ ମମି ଓ ପାପାଙ୍କର ଲକ୍ଷ୍ୟ ମୁଁ ନିଟ୍ ପରୀକ୍ଷାରେ କେମିତି ଭଲ ନମ୍ବର ରଖି ସରକାରୀ ମେଡିକାଲ୍ କଲେଜରେ ସିଟ୍‌ଟିଏ ପାଇବି। ବୋର୍ ହେଇଗଲିଣି, ଆଉ ପାରିବିନି, ଏଥର ମୋର ସେକେଣ୍ଡ ଚାନ୍‌ସ ଥିଲା। ହେଲେ ପ୍ରଶ୍ନ ପତ୍ର ଲିକ୍ ହେବା କାରଣରୁ ଆଉ ଥରେ ପରୀକ୍ଷା ହେବ। ମୋର ଆଉ ଥରେ ଦେବାକୁ ଜମାରୁ ଇଚ୍ଛା ନାହିଁ, ହେଜିଟେସନ୍ ଆସୁଛି, ମେଣ୍ଟାଲ୍ ଡିପ୍ରେସନ୍‌ରେ ରହୁଛି, କ'ଣ କରିବି ଜାଣି ପାରୁନି?"

ନିରୋଦ ବାବୁ କହିଲେ, "ଆଚ୍ଛା ଯାହା ତୋର ଲକ୍ଷ୍ୟ ତୁ ସେଇଆ କରିବୁ।"

"ଅଙ୍କଲ୍ ଆପଣ ବହୁତ ଭଲ, ଆପଣ ଆମ ଘରକୁ ନିଶ୍ଚିତ ଆସିବେ।"

ନିରୋଦ ବାବୁ ତାକୁ ପ୍ରତିଶ୍ରୁତି ଦେଲେ, ଗୋଟିଏ ଗଳିରେ ଦୁହିଁଙ୍କ ଘର। ତାପରେ ସୋହମ୍ ତାଙ୍କ ଘରକୁ ଗଲା। ରାତି ନଅଟା ହେଇଯାଇଥିଲା। ପତ୍ନୀ ବୀଣାଙ୍କୁ ଡିନର୍ ବେଳେ ସବୁ କହିଲେ। ରାତିରେ ଭଲ ନିଦ ହେଇନଥିଲା ନିରୋଦ ବାବୁଙ୍କୁ ସୋହମ୍ କଥା ଭାବୁଥିଲେ, ଆଜିକାଲି ବାପାମାଆମାନେ ନିଜପିଲାର ଇଚ୍ଛା ଅନିଚ୍ଛାକୁ ଚିନ୍ତା ନକରି ହାଇଲି ଆମ୍ବିସିଅସ୍ ହେଉଛନ୍ତି। ତା'ର ଫଳାଫଳ ପ୍ରତିଦିନ ଦେଖିବାକୁ ପଡୁଛି। ସକାଳୁ ଟିକିଏ ନିଦ ଲାଗିଯାଇଥିଲା,ବୀଣାଙ୍କ ପାଟିରେ ଉଠି ବସିଲେ। "କ'ଣ ହେଲା ?" ବ୍ୟସ୍ତ ହେଇ ପଚାରୁ ଥିଲେ ନିରୋଦ ବାବୁ।

"ସୋହମ୍ କାଲି ରାତିରେ ଅଧିକ ସ୍ଲିପିଂ ଟାବ୍‌ଲେଟ୍ ଖାଇ ଶୋଇ ପଡ଼ିଥିଲା। ତା'ର ପାପା ଜାଣିଲା ପରେ ତାକୁ ଆମ୍ବୁଲାନ୍ସରେ ଏବେ ହସ୍‌ପିଟାଲ୍ ନେଇକି ଗଲେ।

"କୋଉ ହସ୍‌ପିଟାଲ୍?"

"ଶକ୍ତି ହସ୍‌ପିଟାଲ୍।"

ନିରୋଦ ବାବୁ ମୁହଁ ଧୋଇ ପ୍ୟାଣ୍ଟ ସାର୍ଟ ଗଳାଇ ସ୍କୁଟିରେ ଯାଇ ପହଞ୍ଚିଲେ ହସ୍‌ପିଟାଲ୍‌ରେ। ସେତେବେଳକୁ ସୋହମ୍‌ର ଚେତା ଆସି ଯାଇଥିଲା, ଡାକ୍ତରଙ୍କ ଅକ୍ଲାନ୍ତ ଚେଷ୍ଟା ଯୋଗୁଁ ବିପଦ ସମୟ ଟଳି ଯାଇଥିଲା। ସାଲାଇନ୍ ଓ ଇଞ୍ଜେକ୍ସନ୍ ଚାଲିଥାଏ। ସୋହମ୍ ଜୁଳୁଜୁଳୁ କରି ଅନାଇଲା। କଥା କହି ପାରୁନଥାଏ। ନିରୋଦ ବାବୁ ତା' ପାଖରେ ବସିଲେ ତା' ମୁଣ୍ଡ ଉପରେ ହାତ ରଖିଲେ। ଧୀର ସ୍ୱରରେ କହିଲେ "ତୋର ଯାହା ଲକ୍ଷ୍ୟ ଅଛି ତାହା ନିଶ୍ଚୟ ପୂରଣ ହେବ। ଏଥିରେ କେହି ବାଧା ଦେବେନି। ମୁଁ ତୋତେ କଥା ଦେଉଛି।"

ସୋହମ୍ ମୁହଁରେ ହସର ରେଖାଚିତ୍ର ଫୁଟି ଉଠୁଥିଲା। ଦିନସାରା ବିତି ଯାଇଥିଲା ନିରୋଦ ବାବୁ ସୋହମ୍ ପାଖରେ ଥିଲେ। ସଂଧ୍ୟା ସାତଟାରେ ମୋବାଇଲ୍‌ରେ ରାମୁର ମେସେଜ୍ "ସାର୍ ଆସନ୍ତୁ ପ୍ଲିଜ୍। ସମସ୍ତେ ଆସିଗଲେଣି। ଆପଣଙ୍କ ଅପେକ୍ଷାରେ।" ନିରୋଦ ବାବୁ ଉତ୍ତର ରଖିଲେ "ରାମୁ ତୁମେ ଆରମ୍ଭ କର ପାର୍ଟି, ମୋର ଶୁଭେଚ୍ଛା ଓ ଶୁଭକାମନା ରହିଲା, ଉଡ଼ାଣ ଜାରି ରହୁ ଦେଖା କରି ସବୁ ଘଟଣା କହିବି।"

ସୋହମ୍ କଥା କହୁଥିଲା। ପାଣି ପିଇବ ବୋଲି କହୁଥିଲା। ନିରୋଦ ବାବୁ ତା' ମୁଣ୍ଡ ଆଉଁଷି ଦେଉଥିଲେ। କହିଲେ ସୋହମ୍ "Whatever you are, be a good one"। ପାଖ ମନ୍ଦିରର ଘଣ୍ଟ ଧ୍ୱନି ଶୁଭୁଥିଲା। ତା'ର ମମି, ପାପା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରୁଥିଲେ...। ■

ମହାନଦୀ ବିହାର, କଟକ
ମୋ: ୯୯୩୮୪୪୦୯୪୯

## ପୁସ୍ତକ ପରିଚୟ

### କୀର୍ତ୍ତିକଥା

ଶ୍ରୁତକୀର୍ତ୍ତି ତ୍ରିପାଠୀ




ଶବ୍ଦସ୍ପର୍ଶ
ଆଇ.ଆର୍.ସି. ଭିଲେଜ୍
ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ସାଂପ୍ରତିକ ସମାଜର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ପ୍ରକାଶ ପାଇଛି ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'କୀର୍ତ୍ତିକଥା' ପୁସ୍ତକ। ଏହି ପୁସ୍ତକରେ ସଂକଳିତ 'କ୍ଷୁଧା ଓ ଖାଦ୍ୟ ଅପଚୟ', 'ମହତ୍ତ୍ୱ ହରାଉଛି ପର୍ବପର୍ବାଣି', 'ଜହର ଜାଲରେ ଯୁବପିଢ଼ି', 'ବଢୁଛି ଅସମାନତାର ଗ୍ରାଫ୍', 'ନିଜ ଅଧିକାର ପ୍ରତି ସଚେତନତା', 'ସ୍ୱାଧୀନତା ପ୍ରାପ୍ତିର ସ୍ୱପ୍ନ ଏବେ ବି ଅପୂରଣୀୟ', 'ପୁରୁଷ ଭଳି ହେବ କାହିଁକି?', 'କାହିଁକି ବଢୁଛି ବିଦ୍ୟାର୍ଥୀଙ୍କ ଆତ୍ମହତ୍ୟା?' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର, ତଥ୍ୟ ଭିତ୍ତିକ ଓ ସଚେତନତାଧର୍ମୀ ହୋଇଛି। ମାନବିକତାର ଅବକ୍ଷୟ, ଲିଙ୍ଗଗତ ବୈଷମ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟପେୟ, ଆଧୁନିକ ଜୀବନ ଶୈଳୀ, ଭାଷା,ସାହିତ୍ୟ, ସଂସ୍କୃତି ଆଦି ପ୍ରସଙ୍ଗକୁ ଭିତ୍ତି କରି ଶ୍ରୁତକୀର୍ତ୍ତିଙ୍କ ପ୍ରବନ୍ଧଗୁଡ଼ିକ ରଚିତ। ପ୍ରତିଟି ପ୍ରବନ୍ଧରେ ରହିଛି ଏକ ସାମାଜିକ ବାର୍ତ୍ତା। ବିଭିନ୍ନ ସାମାଜିକ ପ୍ରସଙ୍ଗ, ଦୈନନ୍ଦିନ ଜୀବନର ସମସ୍ୟା ଓ ସମାଧାନକୁ ନେଇ ରଚିତ 'କୀର୍ତ୍ତିକଥା'ର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ବୋଲି ଆଶା କରାଯାଏ। ■

### ଜୀବନ ସଞ୍ଜ

ଡକ୍ଟର ମାନସୀ କର



ଅପୂର୍ବା
ୟୁନିଟ୍ -୩, ଖାରବେଳ ନଗର
ଭୁବନେଶ୍ୱର-୭୫୧୦୦୧
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୦୦ ଟଙ୍କା

ନିକଟରେ ପ୍ରକାଶ ପାଇଛି ଡକ୍ଟର ମାନସୀ କରଙ୍କ 'ଜୀବନ ସଞ୍ଜ' କବିତା ପୁସ୍ତକ। ଏହି ପୁସ୍ତକରେ ସଂକଳିତ 'ପିତୃତ୍ୱ', 'ହଜି ଯାଇଛି ମାଆ', 'ଗାଁ ମାଟି ମାଆ', 'ଏକାକୀତ୍ୱ', 'ଏକଲାପଣ', ' ଅବ୍ୟକ୍ତ', 'ଜୀବନ ସଞ୍ଜ', 'ଜଗନ୍ନାଥ ପ୍ରାଣ', 'ବାର୍ଦ୍ଧକ୍ୟର ବେଦନା', 'ସମର୍ପିତା ନାରୀ', 'ସ୍ମୃତିରେ ଅତୀତ', 'ବର୍ଷା', 'ଶୀତ', 'ପିତା ଈଶ୍ୱର', 'ଘର', 'ଠିକଣା', 'ମାଟିର ବାସ୍ନା', ମାଟି ମାଆର ଠିକଣା', 'ଆବେଗ', 'ବାପା' 'ଆଦି କବିତା ମନଛୁଆଁ ହୋଇଛି। 'ଜୀବନ ସଞ୍ଜ' ପୁସ୍ତକର କବିତାଗୁଡ଼ିକରେ ଜୀବନର ନାନା ଦୁଃଖ, ଯନ୍ତ୍ରଣା, ଆଶା, ନିରାଶା, ଈଶ୍ୱର ବିଶ୍ୱାସ, ପ୍ରକୃତି ପ୍ରୀତି, ମାନବୀୟ ଭାବାବେଗ, ସାମାଜିକ ବାସ୍ତବତା ଅତି ମାର୍ମିକ ଭାବେ ପ୍ରସ୍ଫୁଟିତ ହୋଇଉଠିଛି। ସେହିପରି ନାରୀ ଜୀବନର ଅନେକ ଅକୁହା କଥା, ବ୍ୟଥା ଓ ଆବେଗ କେତେକ କବିତାରେ ହୃଦୟସ୍ପର୍ଶୀ ଭାବେ ପ୍ରତିଫଳିତ ହୋଇଛି। କବିତାଗୁଡ଼ିକର ଛଳ ଛଳ ଭାବ, ସରଳ ଓ ବୋଧଗମ୍ୟ ଭାଷା, ଉପସ୍ଥାପନା ଶୈଳୀ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

# ପୁଅ ଫେରିଚି



ପ୍ରେମାନନ୍ଦ ଖଣ୍ଡୁଆଳ

କିଛି ପଚାରନି ପୁଅକୁ
ଧାନଉଁଷା ହାଣ୍ଡି ପରି ଏଡ଼େ ମୁହଁକରି
ବସିଥାଉ ବାରିପିଣ୍ଡାରେ
ଯା ଯେଝା କାମରେ ଯିଏ।

କିଏ କହୁଥିଲାକି ହରିଣ ଧରିବାକୁ
ଧାଁ ବଡ଼ ଖରା
ନିଦ ଖର୍ଚ୍ଚ କରି ଗଢ଼ ଇନ୍ଦ୍ରପୁରୀକୁ ରାସ୍ତା
ଡେଇଁ ଛିଣ୍ଡେଇ ଅଣ୍ଟି ଭର୍ତ୍ତି କର
ଆକାଶ କଇଁଆ!
ଏବେ କହିବୁ ଭାଗ୍ୟ ଦୋଷ
କାହିଁକି କଷ୍ଟ ଦଉଚ ଜଗନ୍ନାଥ
ଗଲା ଜନ୍ମରେ ବାପ, ମା'ଙ୍କ ନାଇଁ କର୍ମଫଳ
ଏ ଜନ୍ମରେ ଜୀବନ ଯାବତ ଜଞ୍ଜାଳ।

ଏବେ ମନକୁ ବୁଝା ବୁଝା ନୁର ବୋଉ
ବାରଣା ପଛକେ ଚାରଣା ହଉ
ପୁଅ ତ ଫେରିଚି ଘରକୁ,
ବିଲ୍ ପଇସା ନପାଇ ବିଜୁଳି କାଟିଚି
ଇଲେକ୍ଟ୍ରି ବାଲା କାଟୁ
ଛ' ମାସ ହେଲା ରାସନ କାର୍ଡ
ବନ୍ଧା ପଡ଼ିଚି ରତନା ଗୁଡ଼ିଆ ଘରେ ପଡ଼ିଥାଉ
ଦଶଥର ଦୁଆରକୁ ଆସି
ଧାର୍ ଟଙ୍କା ମାଗିଲାଣି ବିଶିଆ ରାଉତ

କୋଉ ଗୁଣିଆ ଫୁଙ୍କାରେ
ଗାଈ ଦୁଧ ବଦଳରେ ଦଉଚି ନହୁ
ମାଈ ବାଛୁରୀଟା ଝଡ଼ି ହେଲାଣି କଣ୍ଟା,
କବାଟକୁ ଆଉଜି ବସିଚି ପାଚିଲା ତାଳ
ବାପା ଗଲାଦିନରୁ ଆମ ମୁଣ୍ଡରେ ପାହାଡ଼।

ଯା' ନୁର ଉଠ୍
ଭଲ ବୋଲି ଯା' ସାଙ୍ଗରେ ଗଲୁ ସୁରଟ
ସିଏ ନିଗାଡ଼ି ପିଇଲା ତୋ ଝାଳ
ଛାଡ଼ ଛାଡ଼,
ଏବେ ହିଡ଼କୁ ଛୁଇଁ ନାଚୁଛି ପାଣି
ହାଣ୍ଡି ଫଟେଇ ସପ୍ନ ମାରିବ ଗଜା
କମରରେ ଗାମୁଛା କଷିଲେ
ଲାଉ ହେବେ ଲକ୍ଷ୍ମୀ ସା'ନ୍ତାଣୀ
ବାଦଲ ଫାଙ୍କରୁ ତୋ ଆଡ଼େ
କଣେଇ ଚାହିଁଲାଣି ସୂର୍ଯ୍ୟ ଦେବତା। ■

ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
ମୋ: ୯୩୩୭୩୧୩୬୭୫

# ମୁଁ ଡେରି କରେନା



ଅୟସ୍‌କାନ୍ତ

ମୁଁ ଡେରି କରେନା
ଡେରି ହୋଇଯାଏ
ମୋତେ ସତେ ରୋକେ କିଏ?
କମା, ଆଶ୍ଚର୍ଯ୍ୟଜନକ ଚିହ୍ନ କିଏ?
ମୁଁ ଯେ ଘାୟଲ କମା
କି ପଙ୍ଗୁ ପୂର୍ଣ୍ଣଚ୍ଛେଦକୁ ଡରେନା
ସ୍ୱୟଂ ସମ୍ପୂର୍ଣ୍ଣ ବାକ୍ୟ ହେବାକୁ
ଚେଷ୍ଟା କରୁଥାଏ
ସମୟର ତାଳ ମାନ ଲୟ ସହ
ତାଳ ମିଳେଇବାକୁ ମୋର ସାମର୍ଥ୍ୟ କାହିଁ!
ତମେ ବ୍ୟସ୍ତ
ଅନ୍ୟମାନେ ବି
ହେଲେ ମୋ ପାଇଁ ଅପେକ୍ଷା କରନା
ମୁଁ ନିଶ୍ଚିତ ପହଞ୍ଚିଯିବି
କେହି ହୁଏତ ନଥିବେ
କୁଆ କୋଇଲି କେହିବି
ତଥାପି ପହଞ୍ଚିବି
ତମେ ଦୋଷ ଦବନି ମୋତେ
ଏମିତି ହିଁ ହୁଏ
ମୁଁ ଡେରି କରେନା ମ'
ଡେରି ହୋଇଯାଏ

ମୋତେ ଛକିଥିବ ଡୁଙ୍ଗଡୁଙ୍ଗ ଗୁଣ୍ଡୁଚି
କୁନି କଉତୁକିଆ ବାଛୁରୀ
ଆମ୍ବଗଛରୁ ଖଟେଇ ହେଉଥିବା
ପୋଡ଼ା ମୁହାଁ ହନୁ
ହଠାତ୍ ସାଇକେଲରୁ ଖସି ପଡ଼ିଥିବା
କୁନି ପିଲା
ହଁ ସେ ସବୁ ଛାଡ଼ି ଯିବି କେମିତି
ଏଣେ ଖରା ସହ ତାଳଦେଇ
ଧାଇଁ ପାରୁନି ମେଘର ଛାଇ
ବରଗଛ ତଳେ ବିଶ୍ରାମ କରୁଛି
ଅନେକ ଜୀବର ହାଇ
ମୁଁ କେମିତି ଯିବି ଏ ସବୁ ଏଡ଼େଇଯାଇ
ମୋ ଛାଇ ସହ ଏ ସବୁ ବିଷୟରେ
ଆଳାପ ଚାଲୁଥାଏ
ମୁଁ ଡେରି କରେନା, ଡେରି ହୋଇଯାଏ

ଆସ୍ତେ ଚାଲେ
ପାଦ ତଳେ ମକଚି ହୁଏ କଣ୍ଟା ଝଟା
ଫୁଲ ପାଖୁଡ଼ା ପ୍ରଜାପତି ପର
କିଛି ଫିକା ପଡ଼ିଥିବା ଦସ୍ତଖତ
ଏ ସବୁ ଥରେ ନିରେଖି ନିଏ

ତମେ ଭାବନା ମୁଁ ଭୁଲିଗଲି
ନା ଭୁଲିବି କେମିତି
ଜୀବନର ଶ୍ରେଷ୍ଠ ଭୁଲ୍‌କୁ
ଭଲ ପାଇବାର ଭୁଲ୍
ଯୁଗ ଯୁଗ ପାଇଁ ମଣିଷ ଏ
ଭୁଲ୍ କରେ ଓ କରୁଥାଏ
ବିଶ୍ୱାସ କର
ମୁଁ ଡେରି କରେନା ମ'
ଡେରି ହୋଇଯାଏ! ■

ମୋ: ୮୭୬୩୩୯୩୧୧୬

ମୁଁ କାହିଁକି ଲେଖେ

# "ତରଙ୍ଗାୟିତ ଜୀବନର ପରିଣତି ମୋ କବିତାର କାନ୍‌ଭାସ୍"



ସୁଶାନ୍ତ କୁମାର ନାୟକ

ଅନେକ ପ୍ରଶ୍ନର ଉତ୍ତର ଅମୀମାଂସିତ। ଜୀବନ ପାଇଁ ଜୀବନର ପ୍ରଶ୍ନ ଯେତିକି ଦୁରୂହ, ପ୍ରେମ ପାଇଁ ପ୍ରେମର ପ୍ରଶ୍ନ ସେତିକି ଗୋଲକଧନ୍ଦାର ବିଷୟ। କାହିଁକି ନିଦାଘରେ କୃଷ୍ଣଚୂଡ଼ା ଫୁଟେ, ଗହୀର ମଝିରେ ଏକଲା ତାଳଗଛରେ କାହିଁକି ବାଇ ଚଢ଼େଇ ତା' ବସାରେ ଦୋଳି ଖେଳେ, ବଣ ପାରିହେଲେ ବେଣାପାଟ ସେପାଖେ କାହିଁକି ସବୁଜିମା ଦେଖାଯାଏ, ନିରନ୍ତର ଚଞ୍ଚଳ ଗତିରେ ତଟିନୀ ସମୁଦ୍ରକୁ ଛୁଇଁବାକୁ ପ୍ରୟାସ କରେ, କାହିଁକି ଫୁଲଟି ବୃନ୍ତରୁ ଝଡ଼ି ମାଟିରେ ମିଶିଯାଏ, କାହିଁକି ମେଘକୋଳରେ ବିଜୁଳିର ସ୍ଫୁରଣ ହୁଏ, କାହିଁକି ଶୂନ୍ୟ ପାଇଁ ପୂର୍ଣ୍ଣଟିଏ ଝୁରିହୁଏ, ବିଦେଶରେ ରହିଥିବା ପୁଅ ପାଇଁ ମାଆଟିଏ କାହିଁକି ଘାରିହୁଏ; ଏହି ଘାରିହେବା ଏବଂ ଘୂରିବା ମୋ ଭିତରେ ଆନ୍ଦୋଳିତ ସୃଜନ ଶକ୍ତିର ଆଧାର।

ବିଧବା ଆଖିର ଲୁହରେ ମୁଁ ଦେଖେ ସାତ ଦରିଆର କୋହ, ଅନୁଢ଼ା କିଶୋରୀର ମୁହଁରେ ମୁଁ ଦେଖେ ଭସା ମେଘରେ ଲୁଚକାଳି ଖେଳୁଥିବା ଜହ୍ନକୁ, 'ନାଆ ବାହି ସେ ପାଖକୁ ବଜାରି ନେଇ ଯାଉଥିବା ଡଙ୍ଗାକୁ ମୁଁ ପଚାରେ ସମୁଦ୍ରର ଠିକଣା। ମାଛ କାତିଆ ଆକାଶ ତଳେ ଲୁଚକାଳି ଖେଳୁଥିବା ପବନକୁ ମୁଁ ପଚାରେ ଖଣ୍ଡିଉଡ଼ା ପକ୍ଷୀର ଠିକଣା। ବାଟବଣା ବାଟୋଇର ଆଖିରେ ମୁଁ ଦେଖେ ନିଦାଘର ମରୀଚିକା। ଗାଁ ମଝି ମନ୍ଦିରରେ ଯେତେବେଳେ ଘଣ୍ଟଘଣ୍ଟା ଆଳତିର ଶବ୍ଦ ଶୁଭେ, ସେତେବେଳେ ମନେପଡ଼େ ବୋଉ। କ୍ଷେତରୁ ଫସଲ ଉଠିଲା ଦିନ ପେଟେ ଖାଇ ଘରକୁ ଫେରିଲା ପରେ ମନେ ପଡ଼ନ୍ତି ବାପା। କାର୍ତ୍ତିକର କାକର ଭିଜା ସକାଳେ ମୁରୁଜ ପକାରେ ମନେ ପଡ଼େ ବୁଢ଼ୀମାଆ। ଭୋକର ଭୂଗୋଳ ଭିତରେ ଲୁଚକାଳି ଖେଳିବା ଭିତରେ ଯୌବନର ଯବକାଚରେ ନିଜକୁ ଦେଖିଲାବେଳେ କେହିଜଣେ ପଛରୁ ଆସି ମୁଦିଦିଏ ଆଖି। ସେତେବେଳେ ମନେପଡ଼େ ପ୍ରେମିକା।

କାଉ କୋଇଲିର ଶବ୍ଦରେ ରାତି ନିଦ ଭାଙ୍ଗେ, ଆଖି ମଳିମଳି ଉଠିଲାବେଳକୁ ଜୀବନ ମତେ ଅଲେଖା କାଗଜ ଖଣ୍ଡେ ଧରାଇ ଦିଏ; ସେଥିରେ ବଣି, ବାଣୁଆ ଆଉ ବାଣର ଚିତ୍ର ଆଙ୍କେ। ଚିତ୍ର ଆଙ୍କିଲା ବେଳେ ମୁଁ ମୋତେ ଭୁଲିଯାଏ। ସେଇଠୁ ଆରମ୍ଭ ହୁଏ ମୋର କବିତା। ସେ ମୋର କଳ୍ପନାର ଚିତା।

ବୁଦୁବୁଦୁକିଆ ପତ୍ର ଗହଳରେ ମଳା ମଲ୍ଲିଫୁଲକୁ ଦେଖି ମୁଁ ହୁଏ ଆତ୍ମବିଭୋର। ଖରାବେଳେ ଗଛଛାଇରେ ଧକଉଥିବା କୁକୁର ମୁହଁକୁ ଦେଖି ମୁଁ ଯେତିକି ବିଷଣ୍ଣ, ଅଚିହ୍ନା ଯୋଗୀର କେନ୍ଦରାରେ ମୁଁ ସେତିକି ଆଚ୍ଛନ୍ନ। ସୃଜନର ନଇଟିଏ ଅନବରତ ବୋହି ଚାଲିଥାଏ। ମୋ ଭିତରେ ତା'ର ଖିଅ ଖୋଜିଲା ବେଳକୁ ମୁଁ ଭୁଲିଯାଏ ମୋର ପରିଚୟ ଓ ମୋର ପରିବାର। ବେଳେବେଳେ ଭୁଲ୍ ଠିକଣାରେ ଚିଠିଟିଏ ଉପଯୁକ୍ତ ପ୍ରାପକକୁ ନ ପାଇ ଯେମିତି ଫେରିଆସେ ପ୍ରେରକ ପାଖକୁ, ଠିକ୍ ସେହିପରି ମୋ ଠିକଣା ଖୋଜିଖୋଜି ବାଟବଣା ହୋଇ ଫେରିଆସେ ଅଚିହ୍ନା ଯାଗାକୁ। ପ୍ରିୟ ପରିଜନ, ଆତ୍ମୀୟସ୍ୱଜନ ସବୁବେଳେ ଅଭିନୟ ପରିଧି ଭିତରେ ବ୍ୟସ୍ତ ଓ ବିବ୍ରତ। ବୃତ୍ତ ଭିତରେ ବିନ୍ଦୁର ଠିକଣା ପରି ମୁଁ ନିଜକୁ ବାରମ୍ବାର ଆବିଷ୍କାର କରେ- ମୁଁ କିଏ? କେଉଁଠି ମୋର ଘର? ଆଉ ଯିବାକୁ ଅଛି କେତେ ଦୂର? ମାଟିର ମଲାଟ ଉପରେ ମଳିଚିଆ ହାତକୁ ଦେଖିଲେ ଖାଙ୍କଡ଼ା ପେଟର କଥା ମନେପଡ଼େ। ଭାତ ପାଇଁ ଭାଇର ବେକରେ ଭଗାରି ଛୁରୀ ମାରିଲାବେଳେ ହାଡ଼ର ହିଡ଼ ଉପରେ ଠିଆ ହୋଇ ଭାଇଭାଗର ଭାଗ ବଣ୍ଟନ ବେଳେ ମୋ ଲେଖନୀ ଅଟକିଯାଏ। ଆଖିରେ ଆସେ ଲୁହ, ମୁଁ ଲେଖେ କବିତା।

ଶୁଖି ଯାଇଥିବା ନଈରେ ତରଙ୍ଗ, ଫୁଟା ଡଙ୍ଗାର ମଙ୍ଗ, ଅନ୍ଧ ନାଉରୀର କାତ, ବେଣାପାଟର କଣ୍ଢେଇକୋଳି, ସୋରିଷ କ୍ଷେତରେ ସୁନାର ଫସଲ, ନିରବତା ଭିତରେ ହଜିଯାଇଥିବା ଗାଈଆଳର ଗୀତ, ସଦ୍ୟ ବିଧବା କପାଳରେ ଲେଖାଯାଇଥିବା ନିୟତି, ଦୃଶ୍ୟଅଦୃଶ୍ୟ ଭିତରେ ତରଙ୍ଗାୟିତ ଜୀବନର ପରିଣତି ମୋ କବିତାର କାନ୍‌ଭାସ୍। ଶିଉଳି ଲଗା ପଥରରେ ଅଚିହ୍ନା ନାରୀ ପାଦର ପାହୁଡ଼, ଅବାଟରେ ପଡ଼ିଚି ଅଚିହ୍ନା ଶବର ହାଡ଼, ଗାଆଁ ଶେଷ ମଶାଣିରେ କୁଢ଼କୁଢ଼ ମଢ଼, ଆସ ଶୀଘ୍ର ଯିବା ପଡ଼ିଯିବ ମନ୍ଦିର ପହଡ଼, ଭଙ୍ଗା ଦେଉଳର ଦିଅଁ, ଅକ୍ଷର ଅରଣ୍ୟ ଭିତରେ ଲୁଚିଥିବା କବିତାର ଧାଡ଼ିଟିଏ, ତାକୁ ଆବିଷ୍କାର କଲାବେଳକୁ ଦିନସବୁ ସରିଯାଏ।

ସାଧବବୋହୂକୁ ଦିନେ ପଚାରିଲି- ମାଟିର ରଙ୍ଗରେ ଏତେ ରଙ୍ଗାୟିତ କାହିଁକି? ନିରବରେ ଉତ୍ତର ଦେଲା- ଅଦୃଶ୍ୟ ଯେମିତି ମତେ ସଜେଇଲା ସେମିତି ମୁଁ ମାଟିର କୋଳରେ ଉଭା ହେଲି। ଆକଟର ଫାଟକ ପାଖରେ ଠିଆ ହେଇଥିବା ମଣିଷଟି ପରିଧି ବାହାରକୁ ଯାଇପାରେନା, ଯିବାକୁ ଚେଷ୍ଟା କଲେବି ଅଦୃଶ୍ୟ ବନ୍ଧନରେ ବାନ୍ଧି ହୋଇଯାଏ। ପ୍ରତ୍ୟେକ ବ୍ୟକ୍ତି ଅଦୃଶ୍ୟ ବନ୍ଧନରେ ବନ୍ଧା। ମନମୁକ୍ତ ଆକାଶର ବିହଙ୍ଗର ଦେହ, ଗୋଟିଏ ଜାଗାରେ ଥିଲାବେଳେ ମନ ଆଉ ଗୋଟିଏ ଜାଗାରେ ଥାଏ। ମନର ମାନସିକତା ଓ ଦେହର ଦୈହିକତା ଏକାକଥା ନୁହେଁ। ମନକୁ ଜାଣେ ମାନସୀ। ମାନସୀର ପେଡ଼ିରେ ପୂଜା ପାଉଥିବା ମଇନା ଦିନେ ପେଡ଼ି ଭାଙ୍ଗି ଅଜାଣତରେ ଚାଲିଯିବ, ଏକଥା ମନର ମାନସୀ ଜାଣେନା, ବିଶ୍ୱାସ ଥାଏ ନିଃଶ୍ୱାସ ନଥାଏ। ନିଆଁର ନଈ ଭିତରେ ନାବିକ ନାଆ ଧରି ଚାଲିଥାଏ। କେଉଁଠି କାହାକୁ ଭେଟିବ ସେ ଜାଣେନା। ହେଣ୍ଟାଳ ବନରେ ବାଘ, ଅଗାଧ ଜଳରେ କୁମ୍ଭୀର, ପରିବେଶ ଭୟଙ୍କର, ତଥାପି କାବ୍ୟନାୟକକୁ ବାହିବାକୁ ହେବ ନାଆ। ନାଆ ଟଳମଳ, ଅଗାଧ ଜଳ। ଜଣାପଡୁ ନାହିଁ ଥଳକୂଳ। ସେ ପାଖରେ ଘର, ଏ ପାଖରେ ମନ୍ଦିର, ମଝିରେ ଶ୍ମଶାନ ସୁନ୍ଦର। ମଶାଣି ଫେରା ମଣିଷମାନଙ୍କୁ ପଚାର ଜୀବନ ଜୀଇଁବାର ଉତ୍ତର।

ଶବ୍ଦ ଖେଳର ସବୁଜ ସନ୍ନ୍ୟାସୀଟି ମୁଁ। ଭାବକୁ ନେଇ ଶବ୍ଦ ଖୋଜୁଖୋଜୁ ଭୋକକୁ ଭୋକରେ ମାରି ଲୁହ ବତୁରା ଆକାଶରେ ମୁଁ ଶ୍ରାବଣକୁ ଦେଖେ। କେଉଁଠି ଚିଲ, କେଉଁଠି ଛଞ୍ଚାଣ ସବୁକଥା ଭୁଲିଯାଏ। ନିରୀହ ଚାତକର ଶୋଷକଥା ମନେପଡ଼େ। କବିତା ଲେଖିବସେ। ସେ ଆସିଲାବେଳେ ମୋ ଭିତରେ ମୁଁ ନଥାଏ। ଆକାଶକୁ ପାଦଟେକି ବାଉଳା ପବନରେ ଗୀତ ବୋଲୁଥାଏ। ଘୂର୍ଣ୍ଣିଟିଏ ଝଡ଼ର ରୂପନେଲା ପରି ଭାବଟିଏ କବିତାରେ ରୂପନିଏ। କବିତା ମୋ ପ୍ରେୟସୀ, କବିତା ମୋ ମାନସୀ। ଯାହା ପାଇଁ ମୁଁ ଭୁଲିଯାଏ, ଦିନରାତି ଦୁଃଖରାଶି। ସେ ମୋ ହାତରେ ଧରେଇଦିଏ ବଂଶୀ, ବଂଶୀରେ ଧୂନ୍ ଦେଲାବେଳକୁ ସେ ନ ଥାଏ ମୋ ପାଖରେ। ମୁଁ ସତର୍କ ହେଲାବେଳକୁ କେହି ଜଣେ ଆସିଥିଲା, ବଂଶୀଟିଏ ନେଇଗଲା ମୁଁ ଜାଣେନା- ସେ ନ ଜାଣିବା ସୂତ୍ରଟି ମୋର କବିତା।

ତାରା ଭର୍ତ୍ତି ଆକାଶ ଭିତରେ ସଞ୍ଜୁଆ ତାରାକୁ ଖୋଜିବାକୁ ଚେଷ୍ଟା କରେ। ସଞ୍ଜୁଆ ତାରାଟି ଗୋଠ ବାହୁଡ଼ା ଗାଈ ପଛେପଛେ ଆସିଥାଏ। ଗାଈ ଖୁରାରୁ ଛିଟିକି ପଡ଼ିଥିବା ଧୂଳିରେ ମୋ ପୃଥିବୀକୁ ମୁଁ ଆବିଷ୍କାର କରେ। ଘାସଫୁଲର ଲୁହ ଭିତରେ ଅଗଣିତ ଜନତାର ଦୁଃଖକୁ ମୁଁ ଚିହ୍ନେ, ରଫ୍‌ଖାତାରେ ଲୁଚିଯାଇଥିବା ପେନ୍‌ସିଲ୍‌ର ଗାର ମୋର ଅତୀତ। ଭଙ୍ଗାକାଚ ବିଛା ରାସ୍ତାରେ ଚାଲୁଥିବା ଜୀବନ ବର୍ତ୍ତମାନ। ପରିତ୍ୟକ୍ତ କୂଅର ଅନ୍ଧାର ପରି ମୋର ଭବିଷ୍ୟତ। ଯୁଦ୍ଧର ଘନଘଟା ବିଭୀଷିକା ଭିତରେ ଛିଣ୍ଡା ଦଉଡ଼ିରେ ଦୋଳି ଖେଳୁଥିବା ଜୀବନ, ଶୂନ୍‌ଶାନ ମଶାଣିରେ ଜଳୁଥିବା ଜୁଇକୁ ପଚାରେ ଜୀବନ କ'ଣ ସୁନ୍ଦର? ସବୁବେଳେ ପଢ଼ିପାରେନା ମୋ ନିଜ ହାତଲେଖା ଅକ୍ଷର। କବିତାରେ ସମୟର ସ୍ୱାକ୍ଷର।

ନିରବଚ୍ଛିନ୍ନ ଅବସୋସ ମୋର ଭାବକୁ ଶବ୍ଦରେ ପ୍ରକାଶ କରେ। ଶବ୍ଦ ସବୁ ହୋଇଯାଏ ଅଦୃଶ୍ୟ ଈଶ୍ୱରୀ। ଦେହ ଭୁଲିଯାଏ ପାଟ ପୀତାମ୍ବରୀ। ଲେଖନୀ ହୃଦୟରେ ସଂଚାର କରେ ଚେତାବନୀ। ମୋର ଧମନୀରେ ସ୍ପନ୍ଦିତ ହୁଏ ସୃଜନର ସଞ୍ଜୀବନୀ। ■

ପଞ୍ଚବଟୀ ନଗର, ୨ୟ ଲେନ୍
ରାୟଗଡ଼-୭୬୫୦୦୧
ମୋ: ୭୬୦୮୦୨୫୬୧୬

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ୯ ଜିଲ୍ଲାରେ...

ସୋନପୁରରେ ୫୨ ମିଲିମିଟର, ଭଦ୍ରକରେ ୪୦.୨ ମିଲିମିଟର ବର୍ଷା ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତାକାଲି ଅର୍ଥାତ୍ ରବିବାର ବରଗଡ଼, ସମ୍ବଲପୁର ଓ ନୂଆପଡ଼ାରେ ପ୍ରବଳରୁ ଅତିପ୍ରବଳ ସ୍ଥଳବିଶେଷରେ ମାତ୍ରାଧିକ ପ୍ରବଳ ବର୍ଷା ହେବ। ସେଥିପାଇଁ ସଂପୃକ୍ତ ଜିଲ୍ଲାଗୁଡ଼ିକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସୋନପୁର, ବଲାଙ୍ଗୀର, କଳାହାଣ୍ଡିରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦବ୍ୟତୀତ ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ବର୍ଷାର ପ୍ରଭାବରୁ ବିଭିନ୍ନ ନଦୀଗୁଡ଼ିକରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଥିବା ବେଳେ ପାଣିପାଗ ବିଜ୍ଞାନୀମାନେ ସ୍ଥିତି ପ୍ରତି ଦୃଷ୍ଟି ରଖିଛନ୍ତି। ପାଣିପାଗ ବିଜ୍ଞାନୀ ଡ. ଉମାଶଙ୍କର ଦାସଙ୍କ ଅନୁଯାୟୀ ଗତ ୪ ଦିନର ବର୍ଷା ଫଳରେ ରାଜ୍ୟରେ ନିଅଣ୍ଟିଆ ବର୍ଷାର ୨୯ ପ୍ରତିଶତ ପୂରଣ ହୋଇଛି। ଗତ ଜୁନ ୧ ତାରିଖରୁ ୩୦ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୧୧୦.୩ ମିଲିମିଟର ବର୍ଷା ହୋଇଥିବା ବେଳେ ଏହା ସ୍ୱାଭାବିକଠାରୁ ୪୭ ପ୍ରତିଶତ କମ୍ ଅଟେ।

## ମୁକାବିଲା ପାଇଁ...

୬ଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ଏବଂ ୩୮ଟି ବ୍ଲକ ସହ ୩ଟି ସହରାଞ୍ଚଳର ୪ଟି କେନ୍ଦ୍ରରେ ୫୦ରୁ ୧୦୦ ମିଲିମିଟର ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୯୪.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଏହା ସ୍ୱାଭାବିକ ହାର ୪୩.୭ ମିଲିମିଟର ତୁଳନାରେ ୧୧୫.୮ ପ୍ରତିଶତ ଅଧିକ ରହିଛି। ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ସତର୍କ ସ୍ତରରୁ ତଳେ ପ୍ରବାହିତ ହେଉଛନ୍ତି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ। ରେଡ୍, ଅରେଞ୍ଜ ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ସମସ୍ତ ଜିଲ୍ଲାରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସଜାଗ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଭାବେ ଜଳବନ୍ଦୀ, ତଳିଆ ଅଞ୍ଚଳରେ ଜଳଜମା, ସହରାଞ୍ଚଳର ଅଣ୍ଡରପାସ୍ ବନ୍ଦ, କଚ୍ଚା ରାସ୍ତା ଓ ଦୁର୍ବଳ ସଂରଚନାର କ୍ଷୟକ୍ଷତି, ଫସଲର ସମ୍ଭାବ୍ୟ କ୍ଷତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ସେହିପରି ବଜ୍ରପାତ ସମୟରେ ସୁରକ୍ଷିତ ସ୍ଥାନରେ ରହିବା, ପାଣିପାଗ ସମ୍ବନ୍ଧୀୟ ସରକାରୀ ସୂଚନା ଉପରେ ନଜର ରଖିବା ଏବଂ ସମସ୍ତ ପରାମର୍ଶକୁ ପାଳନ କରିବା ପାଇଁ ଲୋକମାନଙ୍କୁ ଅନୁରୋଧ କରାଯାଇଛି। ଜୁଲାଇ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀମାନଙ୍କୁ ମାଛ ଧରିବା ପାଇଁ ନଯିବାକୁ ପରାମର୍ଶ ଦିଆଯାଇଛି। ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର୍ ସମସ୍ତ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ପରିସ୍ଥିତି ଉପରେ ସତତ ନଜର ରଖିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସାମଗ୍ରିକ ପରିସ୍ଥିତି ସ୍ୱାଭାବିକ ରହିଛି ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ରହିଛନ୍ତି ବୋଲି କୁହାଯାଇଛି।

## ଜୁଲାଇ ୨୦ରୁ...

ଅଭାବ ରହିଛି। ସଂସଦକୁ ସରଗରମ କରିବାକୁ ଥିବା ଦ୍ୱିତୀୟ ପ୍ରସଙ୍ଗଟି ହେଉଛି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ। ସଂସଦରେ ସେ କହିଥିଲେ ଯେ ଅପରେସନ ସିନ୍ଦୂରରେ ଭାରତର କୌଣସି ଯବାନ ପ୍ରାଣ ହରାଇ ନାହାନ୍ତି। କିନ୍ତୁ ସରକାର ଏବେ ୬ ଯବାନ ସହିଦ ହୋଇଥିବା ସ୍ୱୀକାର କରିଛନ୍ତି। ରାଜନାଥ ସଂସଦକୁ ବିଭ୍ରାନ୍ତ କରିଥିବାରୁ ତାଙ୍କୁ ବହିଷ୍କାର କରିବା ଲାଗି ବିରୋଧୀ ଦଳ ନୋଟିସ ଦେଇଛନ୍ତି। ଏହାସହିତ ମମତାଙ୍କ ଟିଏମସି ସମେତ ବିଭିନ୍ନ ଦଳରେ ଚାଲିଥିବା ବିଭାଜନ ଓ ଦଳବଦଳ ଘଟଣାକୁ ନେଇ ମଧ୍ୟ ବିରୋଧୀ ଦଳ ସରକାରଙ୍କୁ ଟାର୍ଗେଟ କରିପାରନ୍ତି। ଏଥିପାଇଁ ସେମାନେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି।

## ରାଜଧାନୀ ଡ୍ରେନ୍‌ରେ...

ଯାଇଛନ୍ତି। ଡ୍ରେନରେ ଥିବା ଅଳିଆରେ ଯୁବକ ଜଣକ ପୋତି ହୋଇଯାଇଥିବା ଆଶଙ୍କା କରାଯାଉଛି ବୋଲି ରାଜ୍ୟ ଫାୟାର ଆଣ୍ଡ ଏମର୍ଜେନ୍ସି ସର୍ଭିସେସ କମାଣ୍ଡ ସେଣ୍ଟର ପକ୍ଷରୁ ସୂଚନା ଦିଆଯାଇଛି। । ସ୍ଥିତି ଅନୁଧ୍ୟାନ କରିବାକୁ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଏମ୍‌ସି କମିସନର ଚଞ୍ଚଳ ରଣା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭୁବନେଶ୍ୱର ମେୟର ସୁଲୋଚନା କହିଛନ୍ତି, ଖବର ପାଇ କର୍ପୋରେଟର, ଅଧିକାରୀଙ୍କ ସମେତ ଆମେ ଘଟଣାସ୍ଥଳରେ ପହଞ୍ଚିଛୁ। ଏହି ଡ୍ରେନ ସଫା ମଧ୍ୟ ହୋଇଥିଲା। ବର୍ଷା ଯୋଗୁ ଡ୍ରେନ-୪ର ସବୁ ଅଳିଆ ଘଟଣାସ୍ଥଳରେ ହିଁ ଜମିଯାଇଛି।

ସୂଚନାଯୋଗ୍ୟ ଯେ ଏହି ଡ୍ରେନ୍‌ରେ ୩ବର୍ଷ ହେବ ଲେକ୍ ନ୍ୟୁଟ୍ରାଲ ପ୍ରୋଜେକ୍ଟ କାମ ଚାଲିଛି। ପ୍ରକଳ୍ପ କାର୍ଯ୍ୟ ଶେଷ ହେବାର ନାମ ଧରୁନି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢି ପାରୁନାହିଁ। ନିର୍ମାଣାଧୀନ ପ୍ରକଳ୍ପ ସ୍ଥାନରେ ପୂର୍ବରୁ ସୁରକ୍ଷାକର୍ମୀ ମୁତୟନ ହୋଇଥିଲେ। ଏହି ବିପଦସଙ୍କୁଳ ସ୍ଥାନକୁ କାହାରିକୁ ଯିବାକୁ ଅନୁମତି ଦିଆଯାଉ ନଥିଲା। ହେଲେ ଏବେ ଡ୍ରେନ୍ ମୁକୁଳା ଏବଂ ବିଶାଳ ବିପଦଜନକ ସ୍ଥାନରେ ସୁରକ୍ଷାକର୍ମୀଙ୍କ ଅଭାବ ଲୋକଙ୍କୁ ବିପଦ ମୁହଁକୁ ଠେଲି ଦେଇଛି। ମୁକୁଳା ଡ୍ରେନ୍‌ରେ କେତେ ମୁଣ୍ଡ ଗଲେ ପ୍ରଶାସନ ଏବଂ ସରକାର ଚେତିବେ ବୋଲି ପ୍ରଶ୍ନ କରାଯାଇଛି।

## ଥାନା କ୍ୱାର୍ଟର୍ସରେ...

ସମ୍ପର୍କରେ ଜୋନ୍ ଏସିପି ସୁଧାଂଶୁ ଜେନାଙ୍କୁ ସୂଚନା ଦିଆଯାଇଥିଲା। ପରେ ଏସିପିଙ୍କ ଉପସ୍ଥିତିରେ କବାଟ ଭଙ୍ଗା ଯିବାରୁ ବିୟୁଟିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପୁଲିସ ପକ୍ଷରୁ ଉକ୍ତ ରୁମକୁ ସିଲ୍ କରାଯାଇଛି। ପୁଲିସ କମିସନର ଦେବଦତ୍ତ ସିଂ ଏବଂ କଟକ ଡିସିପି ଖିଲାରୀ ଋଷିକେଶଙ୍କ ସମେତ ମୃତ ଆଇଆଇସିଙ୍କ ସ୍ୱାମୀ ଓ ପରିବାର ଲୋକେ ଏସସିବିରେ ପହଞ୍ଚିଥିଲେ। ସାଇଣ୍ଟିଫିକ ଟିମ୍ ସାହାଯ୍ୟରେ ଘଟଣାସ୍ଥଳରୁ ତଥ୍ୟ ପ୍ରମାଣ ସଂଗ୍ରହ କରାଯାଇଛି। ଗତ କିଛି ମାସ ତଳେ ଇନ୍ସପେକ୍ଟର ବିଉଟି ମହାନ୍ତି ଚାଉଳିଆଗଞ୍ଜ ଥାନାରେ ଦାୟିତ୍ୱ ନେଇଥିଲେ। ଏହା ପୂର୍ବରୁ ସେ କଟକ ମହିଳା ଥାନା, ଭୁବନେଶ୍ୱର ପାହାଳ ଥାନା, କଟକ ମର୍କତନଗର ଥାନାରେ ଇନ୍ସପେକ୍ଟର ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ଗୋଟିଏ ପୁଅ ଅଛି। କଟକ ସଦର ଥାନା ଅଞ୍ଚଳରେ ଥିବା ବାପ ଘରେ ନିକଟରେ ସେ ପୁଅର ଜନ୍ମଦିନ ପାଳନ କରିଥିଲେ। ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରୀମତୀ ମହାନ୍ତିଙ୍କ ସ୍ୱାମୀ ମୁମ୍ବଇରେ ରହନ୍ତି। ତେବେ ଆତ୍ମହତ୍ୟା ପଛର ସଠିକ କାରଣ ଜଣାପଡିନାହିଁ। ଇନ୍ସପେକ୍ଟର ବିଉଟି ମହାନ୍ତି ମୁଣ୍ଡ ବିନ୍ଧା ରୋଗରେ ପୀଡ଼ିତ ଥିଲେ ବୋଲି କିଛି ସହକର୍ମୀ କହିଛନ୍ତି। ପ୍ରାୟ ସମୟ ସେ ମୁଣ୍ଡ ବିନ୍ଧା ଔଷଧ ମଧ୍ୟ ଖାଉଥିଲେ। ମୁଣ୍ଡ ବିନ୍ଧା ଉପରେ ଅତ୍ୟଧିକ କାମ ଚାପ ଯୋଗୁଁ ସେ ବ୍ୟତିବ୍ୟସ୍ତ ହୋଇପଡୁଥିଲେ। ଏମିତିକି ନିଜର ଶାରୀରିକ ଅସୁସ୍ଥତା ପାଇଁ ସେ ଚାଉଳିଆଗଞ୍ଜ ଥାନାରୁ ଅନ୍ୟତ୍ର ବଦଳି ପାଇଁ ଡିସିପିଙ୍କୁ ଆବେଦନ ମଧ୍ୟ କରିଥିଲେ ବୋଲି ସୂଚନା ମିଳିଛି। ଅନ୍ୟପଟେ, ପାରିବାରିକ ବିବାଦ ଉପରେ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।

## ଦୁର୍ଘଟଣାରେ ୩...

ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡ଼ିଛି। ଏକ ଅଜଣା ଗାଡି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଏହା ଏକ ଘରୋଇ ବସ ବୋଲି ଆନୁମାନ କରାଯାଉଛି। ତେବେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହା ବାଲିଗୁଡ଼ା ପୋଲିସ ତଦନ୍ତ କରୁଥିବା ଜଣାପଡିଛି। ମୃତକ ଶୁଭମଙ୍କ ପରିବାର ଲୋକ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଆସି ଶବ ଚିହ୍ନଟ କରିଥିବା ବେଳେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ସୂଚନା ରହିଛି।

## "ଅଟକାଇବାକୁ ହେଲେ...

ତାଙ୍କ ଦଳର କର୍ମୀ ଓ ନିର୍ବାଚିତ ପ୍ରତିନିଧିଙ୍କୁ ପ୍ରଶାସନ ଧମକଚମକ ଦେବା ସହିତ ମିଥ୍ୟା ମାମଲାରେ ଫସାଉଛି। ଏହା ଆଦୌ ଗ୍ରହଣୀୟ ନୁହେଁ ଏବଂ ଏହା ବିରୋଧରେ ସେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଆସନ୍ତା ୨୧ ତାରିଖରେ ଟିଏମ୍‌ସି ସମାବେଶ ହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ନିର୍ବାଚନ ପରେ ଟିଏମ୍‌ସିର ବନିର୍ବାଚିତ ୮୦ ଜଣ ବିଧାୟକଙ୍କ ମଧ୍ୟରୁ ୬୦ ଜଣ ବିଧାୟକ ଦଳରୁ ଅଲଗା ହୋଇଯାଇଥିବା ବେଳେ ୨୦ ଜଣ ଦଳୀୟ ସାଂସଦ ଅନ୍ୟ ଏକ ଛୋଟ ଦଳରେ ସାମିଲ ହୋଇ ଏନ୍‌ଡିଏକୁ ସମର୍ଥନ ଘୋଷଣା କରିଛନ୍ତି। ଏହାକୁ ନେଇ ମମତା ଭୀଷଣ କ୍ଷୁବ୍ଧ ହୋଇଛନ୍ତି।

## ଦାନ ସୁନାକୁ...

ପାଖରୁ ସବୁଠାରୁ ଅଧିକ ନଗଦ ଟଙ୍କା ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୮ ଜଣଙ୍କୁ ଗିରଫ କରାଯାଇସାରିଲାଣି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଗତ ୫ ବର୍ଷର ଆକାଉଣ୍ଟ ଏବଂ ନିର୍ମାଣ ଖର୍ଚ୍ଚର ପୁନଃ ଅଡିଟ୍ କରାଯିବ। ପୂର୍ବରୁ ଟ୍ରଷ୍ଟ ବୈଠକରେ କେବଳ ନଗଦ ଟଙ୍କାର ସମୀକ୍ଷା ହେଉଥିଲା, ସୁନା-ରୁପାର ଷ୍ଟକ୍ ଉପରେ ନିୟମିତ ଆଲୋଚନା ହେଉନଥିଲା।

ଭକ୍ତମାନଙ୍କଠାରୁ ମିଳିଥିବା ମୂଲ୍ୟବାନ ଧାତୁର ଗୁଣବତ୍ତା ପରୀକ୍ଷା ପାଇଁ ପ୍ରଥମ ପର୍ଯ୍ୟାୟରେ ୯୪୪ କିଲୋଗ୍ରାମ ରୁପା ସରକାରୀ ଟଙ୍କଶାଳକୁ ପଠାଯାଇଥିଲା। ଏହି କାରବାରର ସମସ୍ତ ସରକାରୀ ରେକର୍ଡକୁ ମଧ୍ୟ ଏସଆଇଟି ଯାଞ୍ଚ କରୁଛି। କଂଗ୍ରେସ ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରିବାକୁ ଦାବି କରିବାରୁ ଏହାକୁ ନେଇ ଏବେ ରାଜନୀତି ମଧ୍ୟ ସରଗରମ ହୋଇଛି। ଗିରଫଦାରୀ ଏବଂ ଇସ୍ତଫା ପରେ ଆସନ୍ତା ଜୁଲାଇ ୬ ତାରିଖ ବୈଠକରେ ଟ୍ରଷ୍ଟ ଏକ ବଡ଼ ନିଷ୍ପତ୍ତି ନେଇପାରେ।

## ବଦ୍ରିନାଥରେ ବି...

ଆଣିବା ସହ ନିରପେକ୍ଷ ତଦନ୍ତ ଦାବି କରିଥିଲା। ଏହି ଘଟଣା ଉପରେ ସ୍ପଷ୍ଟୀକରଣ ଦେଇ ମନ୍ଦିର ସମିତିର ଅଧ୍ୟକ୍ଷ ହେମନ୍ତ ଦ୍ୱିବେଦୀ କହିଛନ୍ତି ଯେ, ଅଭିଯୋଗ ଆସିଥିବା ସଂପୃକ୍ତ କର୍ମଚାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏକ ଆଭ୍ୟନ୍ତରୀଣ ତଦନ୍ତ କମିଟି ଗଠନ କରାଯାଇଛି ଏବଂ ଦୋଷୀ ସାବ୍ୟସ୍ତ ହେଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ଦିରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୋହନ ସିଂହ ରଙ୍ଗାଡ଼ କହିଛନ୍ତି ଯେ ଅଭିଯୋଗ ପରେ ମନ୍ଦିର ପରିସରର ସୁରକ୍ଷା କାମେରା (ସିସିଟିଭି) ଯାଞ୍ଚ କରାଯାଇଛି। କିନ୍ତୁ ସେହି ଭିଡିଓ ସେତେଟା ସ୍ପଷ୍ଟ ନଥିବାରୁ ସମସ୍ତ ତଥ୍ୟ, ପ୍ରମାଣ ଏବଂ ପକ୍ଷମାନଙ୍କ ବୟାନ ଆଧାରରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯିବ।

## ଇ-୨୦ ପେଟ୍ରୋଲକୁ...

ସାରୋଗୀ ଭାରତର ଜୈବ ଇନ୍ଧନ କାର୍ଯ୍ୟକ୍ରମ ଏବଂ ଇ-୨୦ ପେଟ୍ରୋଲ ପ୍ରସଙ୍ଗରେ ବିସ୍ତୃତ ଭାବରେ ଆଲୋଚନା କରି କହିଛନ୍ତି ଯେ, ପେଟ୍ରୋଲ ରେ ଇଥାନଲ୍ ମିଶ୍ରଣ ହେବା ଫଳରେ ଗାଡ଼ିର ମାଇଲେଜ୍ ହ୍ରାସ ପାଉଛି।

ଏକ ରିପୋର୍ଟରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ କିଛି ବୀମା କମ୍ପାନୀ ଇଥାନଲ୍-ମିଶ୍ରିତ ଇନ୍ଧନ ଦ୍ୱାରା ହୋଇଥିବା ଇଞ୍ଜିନ୍ କ୍ଷତି କ୍ଷେତ୍ରରେ କ୍ଷତିପୂରଣ ଦେବାକୁ ମନା କରିଦେଇଛନ୍ତି। ତଥାପି, ସରକାର ପରେ ସ୍ପଷ୍ଟ କରିଥିଲେ ଯେ ଏହା ସତ୍ୟ ନୁହେଁ। ମନ୍ତ୍ରଣାଳୟ ସ୍ପଷ୍ଟ ଭାବରେ କହିଛି ଯେ ଇ-୨୦ ପେଟ୍ରୋଲ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଏହାର ବ୍ୟବହାର ମୋଟର ବୀମା କ୍ଲେମ୍ ଉପରେ ନକାରାତ୍ମକ ପ୍ରଭାବ ପକାଇବ ନାହିଁ। ଏଭଳି ପ୍ରସଙ୍ଗ ଏବେ ଗାଡ଼ି ମାଲିକଙ୍କ ଚିନ୍ତାକୁ ଆହୁରି ବଢ଼ାଇଦେଇଛି। ଯାହାଫଳରେ ଇ-୨୦ ପେଟ୍ରୋଲ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବର୍ତ୍ତମାନ ଅନିଶ୍ଚିତତା ଜାରି ରହିଛି।

ଏସବୁ ବ୍ୟତୀତ ଇ-୨୦ ଇନ୍ଧନକୁ ନେଇ ସାରା ଦେଶରେ ବିତର୍କ ଚାଲିଛି। ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ଯୁକ୍ତି ହେଉଛି ଇ-୨୦ ଇନ୍ଧନ ପର୍ଯ୍ୟାପ୍ତ ପରୀକ୍ଷଣ ବିନା କୋଟି କୋଟି ନାଗରିକଙ୍କ ଉପରେ ଲାଗୁ କରାଯାଇଥିବା ଏକ ପରୀକ୍ଷଣ। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା, ଯେଉଁଠାରେ ସରକାର କହିଥିଲେ ଯେ ଏହି ନୀତିକୁ ବୈଜ୍ଞାନିକ ଭାବରେ ଯାଞ୍ଚ କରାଯାଇଛି ଏବଂ ଜାତୀୟ ଶକ୍ତି ସୁରକ୍ଷା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଅପରପକ୍ଷେ ଆମ ଆଦମୀ ପାର୍ଟି (ଆପ୍)ର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲ୍ ଲୋକଙ୍କ ଉପରେ ଇ-୨୦ ପେଟ୍ରୋଲ୍ ବାଧ୍ୟତାମୂଳକ ଭାବେ ଲାଗୁ କରାଯିବାକୁ କଡ଼ା ବିରୋଧ କରିଛନ୍ତି। ସେ କହିଛନ୍ତି ଯେ ସମଗ୍ର ଦେଶ ମୋଦି ସରକାରଙ୍କ ପାଇଁ ଏକ ପ୍ରୟୋଗଶାଳା। ଏବେ, ସରକାର ଜୋରଜବରଦସ୍ତି ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲକୁ ଜନସାଧାରଣଙ୍କ ଉପରେ ଲଦି ଦେଉଛନ୍ତି। ଏଥିରେ ଗାଡ଼ିର ମାଇଲେଜ୍ ୩୦% ହ୍ରାସ ପାଉଛି। ମଧ୍ୟ ପ୍ରାଚ୍ୟ ସଙ୍କଟ ମଧ୍ୟରେ ଯେତେବେଳେ ଭାରତ ଏହାର ନିକଟତମ ଏବଂ ସବୁଠାରୁ ବିଶ୍ୱସ୍ତ ବନ୍ଧୁ ଭୁଟାନକୁ ଏହି ନୂତନ, ସବୁଜ ଇନ୍ଧନ ଇ-୨୦ ପେଟ୍ରୋଲ ଅଫର କଲା, ସେତେବେଳେ ଭୁଟାନର ବାଣିଜ୍ୟ ବିଭାଗ ଏହାକୁ ନବୋକୁ ରୋକ୍‌ଠୋକ୍ ମନା କରିଦେଇଛି। ଭୁଟାନ ଜୋର ଦେଇ କହିଛି, ଯେ ପର୍ଯ୍ୟନ୍ତ ସମ୍ଭବ ସେ କେବଳ ପୁରୁଣା ଏବଂ ସାଧାରଣ ପେଟ୍ରୋଲ ଭାରତଠାରୁ ନେବ।

---

### GOVERNMENT OF ODISHA
### PANCHAYAT SAMITI, PADMAPUR

19001/134/2627

E-Mail: ori-rpadmapur@nic.in

**INVITATION FOR BIDS (IFB)**

**e-Procurement Notice**

IDENTIFICATION NO. 03/2025-26 OF PANCHAYAT SAMITI, PADMAPUR

No. 2256/IX-74/2026 (S&ME, Tender) Dev Dated: 01.07.2026

1. The Panchayat Samiti, Padmapur invites **Percentage Rate Bids in Single Cover System in ONLINE MODE** for construction of **Building Works (Civil + Electrification)** as detailed in the **Detailed Tender Call Notice (D.T.C.N.)** from eligible class of contractors.
2. **No. of Works:** 03 (Three) Nos.
3. **Cost of Tender Paper:** Rs. 6,000/- (Rupees Six Thousand) only.
4. **Class of Contractor: "D" & "C" Class.**
5. **Date & Time of availability in website & receipt online:** 11:30 Hrs. of **06.07.2026 to** 17:00 Hrs. of **21.07.2026**
6. **Date of Opening of Technical Bid: 24.07.2026 at 11:30 Hrs.**
7. The bidder has to participate in **ONLINE** bidding only. Further details can be seen from the State Government Portal website: https://tendersodisha.gov.in
8. Any **Corrigendum/Addendum** will be displayed on the website https://tendersodisha.gov.in only.

Sd/- Kuresh Chandra Jani, OAS-A (JB)
Block Development Officer, Padmapur

OIPR-19001/19430/1/26-27/0001

---

यूनियन बैंक ऑफ इंडिया Union Bank of India

### ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଗାଡ଼ି ନିଲାମ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଦଖଲ ନିଆଯାଇଥିବା ନିମ୍ନଲିଖିତ ଗାଡ଼ିଗୁଡ଼ିକୁ ଆମର **ସମ୍ପୃକ୍ତ ଶାଖା** ପରିସରରେ ତା.୨୧.୦୭.୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସର୍ବସାଧାରଣରେ ନିଲାମ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|---|
| ୧. | ଆଚାର୍ଯ୍ୟ ବିହାର ଶାଖା | ପ୍ରୀତିମୟୀ ଷଡଙ୍ଗୀ | HYUNDAI GRAND i10 NIOS, Regd. No.: 23BH5684H | ଟ.୩,୦୦,୦୦୦/- (ଜିଏସ୍‌ଟି ବ୍ୟତୀତ) /ଟ.୩୦,୦୦୦/- |
| ୨. | ବୁଦ୍ଧେଶ୍ୱରୀ କଲୋନୀ ଶାଖା | ପରମଜିତ୍ ସିଂ | JCB NEW 3 DX 2WD/ BACKHOE LOADER, Regd. No.: OD33AJ3471 | ଟ.୧୯,୧୨,୦୦୦/- (ଜିଏସ୍‌ଟି ବ୍ୟତୀତ) / ଟ.୧,୯୧,୨୦୦/- |

ଗାଡ଼ିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ତା.୨୦.୦୭.୨୦୨୬ରିଖ ସୁଦ୍ଧା ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ

ଗାଡିର ଯାଞ୍ଚ ଏବଂ ଅନ୍ୟ କୌଣସି ସୂଚନା ପାଇଁ ଇଚ୍ଛୁକ ନିଲାମଧାରୀମାନେ ସମ୍ପୃକ୍ତ ଶାଖା ମୁଖ୍ୟ (ଆଚାର୍ଯ୍ୟ ବିହାର ଶାଖା, ମୋ.: ୯୦୦୨୯୨୪୦୮ ଏବଂ ବୁଦ୍ଧେଶ୍ୱରୀ କଲୋନୀ ଶାଖା, ମୋ.: ୯୮୩୬୬୩୮୯୪୩)ଙ୍କ ସହ ଯୋଗାଯୋଗ କରନ୍ତୁ।

**ନିୟମ ଏବଂ ସର୍ତ୍ତାବଳୀ:**

୧. ଗାଡ଼ିଗୁଡିକ "ଯେଉଁଠାରେ ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ୱାରେଣ୍ଟି ଏବଂ ଇଣ୍ଡେମିନିଟିଜ୍ ବିନା ବିକ୍ରୟ କରାଯିବ।
୨. ବିକ୍ରୟ ମୂଲ୍ୟ ନିମିତ୍ତ ପ୍ରଯୁଜ୍ୟ ଜିଏସ୍‌ଟି ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୩. ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବ ମୁଦ ଲଫାପାରେ ରଖି ଲଫାପା ଉପରେ "ଗାଡି ନଂ............ କ୍ରୟ ନିମନ୍ତେ କୋଟେସନ୍" ଉଲ୍ଲେଖ କରି ତତ୍‌ସହିତ **ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ** ପୃଥକ୍ ଲଟ୍‌ରେ **"ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ" ସପକ୍ଷରେ ଡ୍ର କରାଯାଇ ଏବଂ ଭୁବନେଶ୍ୱରକୁ ପେ**ଠ ଦର୍ଶାଇ ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ **ତା.୨୦.୦୭.୨୦୨୬ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା** ଦାଖଲ କରିବା ଆବଶ୍ୟକ।
୪. ନିର୍ଦ୍ଦିଷ୍ଟ ଗାଡ଼ିର ଟେଣ୍ଡରଗୁଡ଼ିକ ସମସ୍ତ ଟେଣ୍ଡରଦାତାଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ନିଲାମ ପାଇଁ ସର୍ବୋଚ୍ଚ ବିଡ୍‌କୁ ଫ୍ଲୋର୍ ପ୍ରାଇସ୍ ଭାବେ ବିବେଚନା କରାଯିବ।
୫. ସଂରକ୍ଷିତ ମୂଲ୍ୟ ଠାରୁ କମ୍ ମୂଲ୍ୟର ପ୍ରସ୍ତାବର ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ।
୬. ସଫଳ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଚୂଡ଼ାନ୍ତ ନିଲାମ ରାଶିର ୨୫% ସଙ୍ଗେ ସଙ୍ଗେ ଜମା କରିବାକୁ ପଡ଼ିବ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ **୭ଦିନ ମଧ୍ୟରେ** ଜମା କରିବାକୁ ପଡ଼ିବ।
୭. ଯଦି ବିଡ୍ ରାଶିର ୨୫% (ଅମାନତ ରାଶି ବାଦ୍ ଦେଇ) ନିଲାମ ତାରିଖ ଦିନ ଏବଂ/କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ବିଡ୍ ରାଶି ପୈଠ କରିବାକୁ ବିଫଳ ହୁଅନ୍ତି, ତେବେ ନିମ୍ନସ୍ୱାକ୍ଷରକାରୀଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ପୂର୍ବରୁ ଜମା ହୋଇଥିବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରାଶିକୁ ବାଜ୍ୟାପ୍ତ କରାଯିବ।
୮. ଟେଣ୍ଡର ଥରେ ଦାଖଲ ହେବା ପରେ ନିଲାମ ସମ୍ପୂର୍ଣ୍ଣ ନହେବା ଯାଏଁ କୌଣସି ପ୍ରକାରେ ଫେରସ୍ତ କରାଯିବ ନାହିଁ।
୯. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବଗୁଡ଼ିକୁ ଗ୍ରହଣ/ପ୍ରତ୍ୟାଖ୍ୟାନ/ପରିବର୍ତ୍ତନ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସମସ୍ତ ପ୍ରସଙ୍ଗରେ ବ୍ୟାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୦. ଯେଉଁମାନେ କେବଳ ଅମାନତ ରାଶି ଦାଖଲ କରିଛନ୍ତି ସେମାନଙ୍କୁ ଟେଣ୍ଡର ତଥା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ।
୧୧. **ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ଏହା ଏକ ନୋଟିସ୍ ଭାବେ ବିବେଚନା କରାଯିବ।**
୧୨. ଗାଡି ସମ୍ବନ୍ଧୀୟ ସମସ୍ତ ବୈଧାନିକ ଦେୟ / ଅଣ-ବୈଧାନିକ ଦେୟ / ବକେୟା ଦେୟ ଯଦି କିଛି ଥାଏ, ତାହା ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୧୩. ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ **www.unionbankofindia.bank.in** ଦେଖନ୍ତୁ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୪.୦୭.୨୦୨୬** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

---

### ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: GEM/2026/B/7741538 • ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: 30.07.2026, ଅପରାହ୍ନ 3.00 ଘଣ୍ଟା, କାର୍ଯ୍ୟର ନାମ ଓ ସ୍ଥାନ: କୋଟି ଡିପୋ, ଇନ୍ଦୋର ଏବଂ DADN ସହିତ ରତଲାମ ମଣ୍ଡଳର ଅନ୍ୟାନ୍ୟ ଡିପୋରୁ ବିଭିନ୍ନ ୱର୍କସପ, ଡିପୋ ଓ ଷ୍ଟୋରକୁ ଭାରତୀୟ ରେଳବାଇ ନେଟୱର୍କ ମାଧ୍ୟମରେ ବୋଗି, ହ୍ୱିଲ୍ ସେଟ୍ ଏବଂ ଅନ୍ୟାନ୍ୟ ରେଳ ସାମଗ୍ରୀର ସଡ଼କ ପରିବହନ କାର୍ଯ୍ୟ, ଏବଂ ଏହାର ବିପରୀତ ଦିଗରେ କିମ୍ବା ଯେକୌଣସି ସ୍ଥାନରୁ ଯେକୌଣସି ସ୍ଥାନକୁ 3 ବର୍ଷ ପାଇଁ ପରିବହନ। କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.73,891,243.22/-। ଜମା କରିବାକୁ ଥିବା ଅମାନତ ଜମା: ଟ.519,460/-। କାର୍ଯ୍ୟ ସମାପ୍ତି ଅବଧି: କାର୍ଯ୍ୟାଦେଶ (LOA) ଜାରି ତାରିଖଠାରୁ 03 ବର୍ଷ। ଟେଣ୍ଡର ଖୋଲାଯିବା କାର୍ଯ୍ୟାଳୟର ଠିକଣା: ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟ, ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳ। ଟେଣ୍ଡର ଦାଖଲ କରିବାର ଶେଷ ତାରିଖ ଓ ସମୟ: 30.07.2026 ତାରିଖ ଅପରାହ୍ନ 3.00 ଘଣ୍ଟା। ୱେବସାଇଟ୍ ଓ ନୋଟିସ୍ ବୋର୍ଡ ସମ୍ବନ୍ଧୀୟ ସୂଚନା: ଟେଣ୍ଡର ଦସ୍ତାବିଜଗୁଡ଼ିକ GEM ୱେବସାଇଟ୍ (www.gem.gov.in) ରୁ ଡାଉନଲୋଡ୍ କରାଯାଇପାରିବ। ଟେଣ୍ଡରଦାତାଙ୍କୁ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ସୂଚନା କାର୍ଯ୍ୟ ସମୟ ମଧ୍ୟରେ ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରାଯାଇପାରିବ। CRY/06/129

Like us on: facebook.com/WesternRly

---

### DISTRICT WELFARE OFFICE, RAYAGADA

Notice No.: 3556, Date: 24.06.26

**QUOTATION CALL NOTICE** 26001/28/2627

Sealed Quotations are invited with following term & conditions from interested reputed Private Manpower Service Provider for providing services of Manpower on contractual (Outsourced) Basis to District Welfare Office, Rayagada.

For details visit: **www.rayagada.odisha.nic.in**

Sd/-
District Welfare Officer, Rayagada

OIPR-26001/26045/1/26-27/0002

---

### Government of Odisha "e" procurement Notice

34001/443/2627

**Bid Identification No. PWDK- 10/2026-27**

No. G2/6243, Dt. 30.06.2026

e-mail : eepwdkeonjhar@yahoo.com

GOVT. OF ODISHA

| | | |
|---|---|---|
| 1 | No. of the work :- | 01 Nos. Road & 01 No. Building Work |
| 2 | Estimated cost :- | From 33.84 Lakhs to ₹. 61.57 Lakh |
| 3 | Period of completion :- | From 02 (Two) to 03 (Three) Calendar Months. |
| 4 | Date and Time of availability of Bid document in the portal:- | From 10.00 Hr **08.07.2026** to 17.00 HR of **23.07.2026** |
| 5 | Last date / Time for receipt of bids in the portal :- | 17.00 Hr of **23.07.2026.** |
| 6 | Date of opening of Bid from Portal :- | 10.30 Hr of **24.07.2026.** |
| 7 | Name and address of the officer inviting Bid :- | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal **"http://tendersodisha.gov.in"**

Superintending Engineer
Keonjhar (R&B) Division

OIPR-34001/34004/1/26-27/0005

---

### GOVERNMENT OF ORISSA
### OFFICE OF THE SUPERINTENDING ENGINEER
### RURAL WORKS DIVISION KARANJIA (MAYURBHANJ)

25001/642/2627

E-mail ID: - eerwkaranjia@yahoo.com

Letter No.4377 / WE // Date:-29.06.2026

**"E-Procurement Noticefor Special Repair of Building works for year 2026-27.**

**Bid Identification No – RWDKNJ– 06 / 2026-27.**

| | | |
|---|---|---|
| 1. | Name of the work | Building Works (As per Annexure) |
| 2. | Estimated Cost | **Rs. 1.69 toRs.5.08 LakhsApproximately (As per Annexure).** |
| 3. | Class of Contractor | **' D' &'C' Class, (As per Annexure)** |
| 4. | Period of Completion | As per Annexure |
| 5. | Tender Paper Cost | **Rs.4,000/-&Rs.2, 000/-towards cost of bid as mentioned in Annexure of Building Works.** |

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Online RWDKNJ-06/ 2026-27 | Dt. 07.07.26 at 11.00 A.M | Dt.15.07.26 up to 5.00 P.M | Dt.14.07.26 up to 1.00 P.M. | Dt.17.07.26 at 11.00 P.M |

Executive Engineer
R.W. Division, Karanjia

OIPR-:25001/25086/1/26-27/0008

---

### GOVERNMENT OF ODISHA
### DEPARTMENT OF WATER RESOURCE
### OFFICE OF THE SUPERINTENDING ENGINEER
### NABARANGPUR IRRIGATION DIVISION

32001/489/2627

NABARANGPUR, DIST-NABARANGPUR (ODISHA)

Email ID: senidivision@gmail.com

Lr. No.: 1100, Dated: 02.07.2026

**E-PROCUREMENT NOTICE**

**BID IDENTIFICATION NO. SE-NID-01/2026-27 (01-02)**

1. **Nature of the work:** Bank Protection Work.
2. **Total No. of works:** 02 (Two) Nos.
3. **Tender cost of the works:** ₹43.41 Lakhs to ₹31.51 Lakhs (excluding GST).
4. **Class of Contractor:** 'C' & 'B' Class.
5. **Period of completion:** 02 (Two) Months.
6. **Other details as follows:**

| Procurement Officer | Bid Identification No. | Availability of Bid Online | | Last Date & Time of Seeking Tender Clarification | Date, Time & Place of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Nabarangpur Irrigation Division, Nabarangpur | SE-NID-01/2026-27 (01-02) | 08.07.2026 (10.00 AM) | 22.07.2026 (up to 05.00 PM) | 10.07.2026 up to 5.00 PM | 23.07.2026 at 11.00 AM in the Office of the Superintending Engineer, Nabarangpur Irrigation Division, Nabarangpur |

Further details can be seen from the Government website: **www.tendersodisha.gov.in**

**Addendum/Corrigendum/Cancellation**, if any, will be published on the Government website only.

Sd/- Superintending Engineer
Nabarangpur Irrigation Division
Nabarangpur

OIPR-32001/32361/1/26-27/0001

---

### GOVERNMENT OF ODISHA
### OFFICE OF THE SUPERINTENDINGENGINEER
### RURAL WORKS DIVISION: GUNUPUR

25001/639/2627

Lr.No.3219, Dated.30.06.2026 — e-mail id: **eerwgunupur@gmail.com**

**GEPNIC e-Procurement Notice**

**(Bid Identification No.-SERWGNP-Online-08/2026-27)**

| | | |
|---|---|---|
| 1 | Name of the Work | : Construction & Maintenance of Road Works |
| 2 | Total No. of Works | : 63Nos (Percentage rate tender) |
| 3 | Estimated Cost | : As mentioned in Col. 3 of TCN Annexure |
| 4 | Class of Contractor | : As mentioned in Col. 4 of TCN Annexure |
| 5 | Period of Completion | : As mentioned in Col. 6 of TCN Annexure |
| 6 | EMD | : As mentioned in Col. 5 of TCN Annexure |
| 7 | Paper Cost | : As mentioned in Col. 7 of TCN Annexure |
| 8 | Other details: | |

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Gunupur | SERWGNP-Online-08/2026-27 | 06.07.2026 at 11.00 A.M | 15.07.2026 up to 5.00 P.M. | 17.07.2026 at 11.00 A.M |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website www.tendersodisha.gov.in Any subsequent addendum or corrigendum will be made available in the above website.

Superintending Engineer,
Rural Works Division, Gunupur

OIPR-25001/25170/1/26-27/0006

---

## AFFIDAVIT

I, LAXMIKANTA PANIGRAHI, S/O - JAYA KRUSHNA PANIGRAHI resident of At - Shastri Nagar, Ranikona, PO/PS - Semiliguda, Dist - Koraput - 764036, Odisha declare by this Affidavit No.2975, Dated 03/07/2026, that now onwards I shall be known as **LAKSHMI KANTA PANIGRAHI** for all future purposes.

## AFFIDAVIT

I Barsharani Swain D/o- Susanta Swain residing, At-Abdalpur, Po-Baidyarajpur Ps-Jajpur Dist-Jajpur, Odisha, Pin-755007, declare by Court Affidavit vide no 9665 Dt-03/07/2026 that my father real name susanta swain in my adhhar-804760405467 but my father name spelling is sushanta Swain recorded in my HSC certificate. That I hereby declare Susanta Swain and Sushanta Swain is one and same person.

Barsharani Swain

## AFFIDAVIT

By virtue of an affidavit sworn before Executive Magistrate, Soumya Ranjan Pradhan, (O.R.S.) Puri dated-04/07/2026. I, Deepti Ranjan Maharana (new name), At/P.O.- Chhaitana, P.S.- Puri Sadar, Dist. Puri, Pin-752004 declare that I have changed my name from Diptiranjan Ojha (old name) to Deepti Ranjan Maharana (new name). Henceforth, I shall be known as **Deepti Ranjan Maharana** (new name) for all purposes.

## AFFIDAVIT

By virtue of an affidavit no. 3398 before the Executive Magistrate, Sambalpur, Dtd 29-06-2026, I, Jayaram Kisan, S/o Gopa Kisan, resident of Sargipali, P.O. Jhankarpali, P.S. Katarbaga, Dist. Sambalpur, Odisha, do hereby declare that my minor daughter's name has been changed from Sanjukta Dhurua to Ankita Kisan. Henceforth, she shall be known and identified as **Ankita Kisan** for all purposes.

Jayaram Kisan

## AFFIDAVIT

By virtue of an affidavit No. 1502, dtd- 25/06/2026 sworn before The Executive Magistrate, Khordha. I, **Bhagirathi Biswal**, S/o- Jagannath Biswal, permanent resident of At: Ogalapur, Po: Olasingh, Ps: Begunia, Dist: Khordha, PIN-752020, Odisha declare that I have changed my minor daughter's name from **Prabhashi Bhagirathi Biswal** to **Pravasini Biswal.** Henceforth, she shall be known as **Pravasini Biswal** (new name) for all purposes.

**Bhagirathi Biswal**

## AFFIDAVIT

By virtue of an affidavit sworn before the Executive Magistrate Koksara on Dated 23 March 2026, I, **Mr. Balaram Satanami**, Address: Village- Chikili, Post Office- Chikili, Police Station- Kokasara, Block- Kokasara, Dist - Kalahandi, State- Odisha, Pin-766019, Odisha have changed my name from **"Laxmikant"** to **"Balaram Satanami"**. Henceforth, I shall be known as **"Balaram Satanami"** for all purposes.

**Balaram Satanami**

---

### ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ନଂ. e-Tender-Elect-G-29-26

କାର୍ଯ୍ୟର ବିବରଣୀ : ପୂର୍ବ ତଟ ରେଳପଥ ...

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,45,88,352.81

EMD : ₹ 2,91,800/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.07.2026ରିଖ 1500 ଘଟିକାରେ

www.ireps.gov.in

PR-280/R/26-27



# ଭୁବନେଶ୍ୱର ସିଟି

## ଲୋପ ହେବାକୁ ବସିଛି ବର୍ଷାଦିନିଆ କୀଟ

# ଉଡୁନାହାନ୍ତି ଝରିପୋକ, ଦିଶୁନାହାନ୍ତି ସାଧବ ବୋହୂ

ଭୁବନେଶ୍ୱର, ୪।୭ (ସମିସ):





ବର୍ଷାଋତୁ ଆସୁ ଆସୁ ଅନେକ ପୋକଜୋକ ଓ କୀଟଙ୍କୁ ଦେଖିବାକୁ ମିଳିଥାଏ। ହେଲେ ଏବେ ଲଗାଣ ବର୍ଷା ହେଲେ ମଧ ନା ଝରିପୋକ ଉଡୁଥିବାର ଦେଖିବାକୁ ମିଳୁଛି ନା ଭୂମିରେ ସାଧବ ବୋହୂ ଚାଲି ଦେଖାଯାଉଛି। ଯାହା ଫଳରେ ବର୍ଷା ଦିନିଆ ପୋକଜୋକ ଓ କୀଟ ଏକ ପ୍ରକାରର ଲୋପ ପାଇବାକୁ ବସିଲେଣି। ଏଥିସହିତ ପୂର୍ବରୁ ବର୍ଷା ଦିନ ଆସୁ ଆସୁ ବେଙ୍ଗ ମାନଙ୍କର ରଡ଼ିରେ ଚର୍ତୁଦିଗ କମ୍ପି ଉଠୁଥିଲା ଏବଂ ମାଟିରେ ବର୍ଷା ପାଣି ପଡୁ ପଡୁ ଜିଆ, ତେଲୁଣି ପୋକ, ଘୋଡ଼ା ପୋକ, କାଚେରା ପରି ଅନେକ ପୋକଜୋକ ଏବଂ କୀଟଙ୍କୁ ଦେଖିବାକୁ ମିଳୁଥିଲା। ବିଶେଷ କରି ରାସ୍ତା ଘାଟରେ ହଉ ଅବା ଅଳିଆ ଆବର୍ଜନା ଗଦା ହୋଇଥିବା ସ୍ଥାନରେ ଅନେକ ଛୋଟ ବଡ଼ ପୋକ ଓ କୀଟଙ୍କୁ ଦେଖିବାକୁ ମିଳୁଥିଲା। ଏହି ପୋକମାନେ ବର୍ଷା ପଡୁ ପଡୁ ଘର ଭିତରକୁ ଚାଲି ଆସୁଥିଲେ ହେଲେ ଏବେ ଲଗାଣ ବର୍ଷା ଲାଗିରହିଥିଲେ ମଧ ଏସବୁ ପୋକଜୋକଙ୍କୁ ଆଉ ଦେଖିବା ସ୍ୱପ୍ନ ହୋଇଗଲାଣି।

ପରିବେଶବିତ୍‌ଙ୍କ କହିବା ଅନୁଯାୟୀ ଏକଦା ରାଜଧାନୀ ସହର ସମେତ ସହର ଉପକଣ୍ଠ ଗାଁ ମାନଙ୍କରେ ଲଗାଣ ବର୍ଷା ଲାଗି ରହିଲେ ବିଭିନ୍ନ ପ୍ରକାରର କୀଟ ସମେତ ପୋକଙ୍କୁ ଦେଖିବାକୁ ମିଳୁଥିଲା। ଏଥିସହିତ ବର୍ଷା ହୋଇକି ଛାଡ଼ିଗଲେ ଆକାଶରେ ଯଦି ଝରିପୋକ ଉଡୁଥିଲେ ଆହୁରି ବର୍ଷା ହବ ଓ ବେଙ୍ଗମାନଙ୍କ ରଡ଼ି ବି ଶୁଣାଗଲେ ବର୍ଷା ଆହୁରି ଜୋର ହବ ବୋଲି ଅନେକ ଲୋକକଥା ଶୁଣିବାକୁ ମିଳେ। ହେଲେ ଏବେ ଦୁଇ ଦିନରୁ ଅଧିକ ବର୍ଷା ହେଲେ ମଧ ନା ଝରିପୋକ ଅଛନ୍ତି ନା ବେଙ୍ଗଙ୍କ ରଡ଼ି ଶୁଣାଯାଉଛି ନା ସାଧବ ବୋହୂ ନା ଜିଆଙ୍କୁ ଆଉ ଦେଖିବାକୁ ମିଳୁଛି। ବିଶେଷ କରି କୀଟମାନେ ପରିବେଶ ସନ୍ତୁଳନର ଅନ୍ୟତମ ଉପାଦାନ ସାଜିଥିଲେ। ଗତ କିଛି ଦଶନ୍ଧୀ ମଧ୍ୟରେ ଦ୍ରୁତ ସହରୀକରଣ ଯୋଗୁ ମାଟି ବଦଳରେ କଂକ୍ରିଟ୍ ରାସ୍ତା ସମେତ ସୁଉଚ୍ଚ ଅଟ୍ଟାଳିକା ଓ ପ୍ଲାଷ୍ଟିକ୍ ପଲିଥିନ୍, ଜମିରେ କୀଟନାଷକ ଓ ରାସାୟନିକ ସାର ପ୍ରୟୋଗ ଦ୍ୱାରା ଏହି କୀଟ ଓ ପୋକଜୋକଙ୍କ ବଂଶ ଲୋପ ପାଇବାରେ ଲାଗିଛି।

ଅପରପକ୍ଷେ ମାଟିରେ ଅଧିକ ରାସାୟନିକ ସାର ପ୍ରୟୋଗ ଏବଂ ମଶା ମାରିବା ପାଇଁ ଧୂଆଁ ପ୍ରୟୋଗ ଏବଂ ପରିବେଶ ପ୍ରଦୂଷଣ ଦ୍ୱାରା ଏହି କୀଟ ପତଙ୍ଗ ବଂଶ ଲୋପ ପାଇବାରେ ଲାଗିଛନ୍ତି। ଆଗକୁ ଏହି ସବୁ କୀଟ ଓ ପୋକମାନଙ୍କୁ ଦେଖିବାକୁ ସ୍ୱପ୍ନ ହୋଇଯିବ। ବେଳଥିବା ବେଳୁ ସଚେତନତା ନହେଲେ ଆଗକୁ ଆଉ ଯେତେ ଜୀବଜନ୍ତୁ ଅଛନ୍ତି ସେମାନେ ବି ଲୋପ ହୋଇଯିବେ ବୋଲି ସେ କହିଛନ୍ତି।

# ଓମ୍‌ସାର ନ୍ୟାୟସଙ୍ଗତ ଦାବିକୁ ସିପିଆଇର ସମର୍ଥନ

## ଦାବି ପୂରଣ ପରିବର୍ତ୍ତେ ଏସମା ଲାଗୁ ଧମକକୁ ନିନ୍ଦା

ଭୁବନେଶ୍ୱର, ୪।୭ (ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ଓଡ଼ିଶାର ସରକାରୀ ଡାକ୍ତରମାନଙ୍କ ଆନ୍ଦୋଳନ ଏବଂ ସେମାନଙ୍କର ନ୍ୟାୟସଙ୍ଗତ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ମତ ପ୍ରକାଶ ପାଇଥିଲା ଯେ, ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନର ଦାବିଗୁଡ଼ିକ ମୁଖ୍ୟତଃ ରାଜ୍ୟର ସରକାରୀ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଏବଂ ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇବା ଉଦ୍ଦେଶ୍ୟରେ ରହିଥିବାରୁ ସିପିଆଇ ପକ୍ଷରୁ ଏହି ଦାବିଗୁଡ଼ିକୁ ଦୃଢ଼ ସମର୍ଥନ ଜଣାଯାଇଛି। ପାର୍ଟି ପକ୍ଷରୁ ରାଜ୍ୟ ସରକାରଙ୍କୁ ଦାବି କରାଯାଇଛି ଯେ, ଡାକ୍ତରମାନଙ୍କ ଆନ୍ଦୋଳନକୁ ଦମନ କରିବା ପରିବର୍ତ୍ତେ ସେମାନଙ୍କ ସହିତ ଅବିଳମ୍ବେ ଆଲୋଚନା କରି ନ୍ୟାୟସଙ୍ଗତ ଦାବିଗୁଡ଼ିକ ପୂରଣ ପାଇଁ ସକାରାତ୍ମକ ପଦକ୍ଷେପ ଗ୍ରହଣ କରନ୍ତୁ। ସରକାର ଦାବି ପୂରଣ ପରିବର୍ତ୍ତେ ନିଃସର୍ତ୍ତରେ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଚାପ ସୃଷ୍ଟି କରିବା ସହିତ ଏସମା ଭଳି କଳା ଆଇନ ଲାଗୁ କରିବାର ଧମକ ଦେଉଥିବାକୁ ସିପିଆଇ ଦୃଢ଼ ଭାଷାରେ ନିନ୍ଦା କରିଛି। ଓଡ଼ିଶାର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦୀର୍ଘଦିନ ଧରି ଡାକ୍ତର ଅଭାବ, ଭିତ୍ତିଭୂମିର ଦୁର୍ବଳତା ଏବଂ ସରକାରଙ୍କ ଅବହେଳା ଯୋଗୁଁ ସଙ୍କଟ ଦେଇ ଗତି କରୁଛି। ଏପରି ପରିସ୍ଥିତିରେ ଚିକିତ୍ସା ସେବା ବାଧାପ୍ରାପ୍ତ ହେଲେ ସାଧାରଣ ଲୋକଙ୍କ ଜୀବନ ପ୍ରତି ଗୁରୁତର ବିପଦ ସୃଷ୍ଟି ହେବ। ତେଣୁ ସରକାର ଦମନମୂଳକ ଆଭିମୁଖ୍ୟ ପରିତ୍ୟାଗ କରି ତୁରନ୍ତ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ସିପିଆଇ ପକ୍ଷରୁ ଦାବି କରାଯାଇଛି। ସେହିପରି ରୋଗୀ ସେବାକୁ ପ୍ରାଥମିକତା ଦେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ ରୋଗୀ ସେବା ବନ୍ଦ ନକରି ଏହି ନ୍ୟାୟସଂଗତ ଦାବିକୁ ଦୃଢତାର ସହ ଉତ୍ଥାପନ କରିବାକୁ ସିପିଆଇ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ବିଦ୍ୟା କନକ ତରଫରୁ 'ମୋ ବାପା, ମୋ ମା'

ଭୁବନେଶ୍ୱର, ୪।୭ (ସମିସ) : ବିଦ୍ୟା କନକ ସୃଜନାନୁଷ୍ଠାନ ଓ ଦୈନିକ ସମାଜ ଖବରକାଗଜ ତରଫରୁ 'ମୋ ବାପା, ମୋ ମା' ଭଳି ଏକ ସ୍ୱତନ୍ତ୍ର ସାଙ୍ଗୀତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବରେ ରାଜ୍ୟ ନିର୍ବାଚନ ଆୟୋଗର ସଚିବ ସନ୍ତୋଷ ଦାଶ, ସମାଜ ଖବରକାଗଜର ମୁଖ୍ୟ ପରିଚାଳକ ଗୋପୀନାଥ ବାରିକ, ବିଶିଷ୍ଟ ସିନେ ସମୀକ୍ଷକ ଦିଲ୍ଲୀପ ହାଲି, ଇଂ ସୁଧାକର ପତ୍ରୀ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ଶୁଭକାନ୍ତ ପାଢ଼ୀ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଗାୟିକା ସ୍ୱରୂପା ଚକ୍ରବର୍ତ୍ତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏଥିସହିତ ତାଙ୍କ ଦ୍ୱାରା ପରିବେଷିତ ହୋଇଥିବା ସଙ୍ଗୀତ 'ଏଇ ପ୍ରୀତି ଫୁଲ ଝରା ପଥେ ତୁମ ସାଥେ ରହି...' ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ "ନାଟରେ ପ୍ରାଣ ପରଶ - ରଙ୍ଗ ଆଲୁଅ ଖେଳ" ପୁସ୍ତକ ଉନ୍ମୋଚିତ ହୋଇଥିଲା।



## ଭୁବନେଶ୍ୱର ବାର ଆସୋସିଏସନ୍‌ର ଦାବି

# ଶ୍ରୀରାମ ମନ୍ଦିରର ଚୋରି ତଦନ୍ତ ସୁପ୍ରିମକୋର୍ଟ ଦ୍ୱାରା ହେଉ

ଭୁବନେଶ୍ୱର, ୪।୭ (ସମିସ): ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମି ମନ୍ଦିର ସମ୍ବନ୍ଧରେ ନିକଟରେ ଗଣମାଧ୍ୟମରେ ପ୍ରକାଶିତ କଥିତ ବ୍ୟାପକ ଆର୍ଥିକ ଅନିୟମିତତା ଏବଂ ପ୍ରାୟ ୨୦୦ କୋଟି ଟଙ୍କା ସମ୍ବନ୍ଧୀୟ ଅଭିଯୋଗ ଦେଶବ୍ୟାପୀ ଚିନ୍ତା ଓ ଉଦ୍‌ବେଗ ସୃଷ୍ଟି କରିଛି। ଗଣମାଧ୍ୟମରେ ପ୍ରକାଶିତ କିଛି ଖବରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସମ୍ପୃକ୍ତତା ନେଇ ପ୍ରଶ୍ନ ଉଠିଥିବା ସହ ମନ୍ଦିର ଟ୍ରଷ୍ଟର ସଭାପତିଙ୍କ ଇସ୍ତଫା ସମ୍ବନ୍ଧରେ ମଧ୍ୟ ଚର୍ଚ୍ଚା ହୋଇଛି। ଏହି ସମସ୍ତ ବିଷୟର ସତ୍ୟତା କେବଳ ଏକ ନିରପେକ୍ଷ ଓ ସ୍ୱାଧୀନ ତଦନ୍ତ ମାଧ୍ୟମରେ ସ୍ପଷ୍ଟ ହୋଇପାରିବ। ତଦନ୍ତ ସମାପ୍ତ ହେବା ପୂର୍ବରୁ କାହାକୁ ଦୋଷୀ ବୋଲି ଧରିନେବା ନ୍ୟାୟର ମୌଳିକ ସିଦ୍ଧାନ୍ତ ବିରୋଧୀ ଓ ଯଦି ଦାନ ପାଣ୍ଠିରେ କୌଣସି ପ୍ରକାରର ଅନିୟମିତତା ଘଟିଥାଏ, ତେବେ ଏହାର ପ୍ରଭାବ କୋଟି କୋଟି ଭକ୍ତଙ୍କ ଭାବାବେଗ ଓ ବିଶ୍ୱାସ ଉପରେ ପଡ଼ିଥାଏ। ତେଣୁ ଏହି ମାମଲାରେ ପୂର୍ଣ୍ଣ ସ୍ୱଚ୍ଛତା, ଜବାବ ଦେହିତା ଓ ଆଇନର ଶାସନ ସୁନିଶ୍ଚିତ ହେବା ଦରକାର ବୋଲି ଭୁବନେଶ୍ୱର ବାର ଆସୋସିଏସନ ଦାବି କରିଛି। ଏକ ସ୍ୱଚ୍ଛ ନିରପେକ୍ଷ ତଦନ୍ତ ପାଇଁ ବାର ଆସୋସିଏସନ ସୁପ୍ରିମ କୋର୍ଟଙ୍କ ଦ୍ୱାରା ତଦନ୍ତ ପାଇଁ ଦାବି କରିଛନ୍ତି। ତଦନ୍ତରେ ଯଦି କୌଣସି ବ୍ୟକ୍ତି କିମ୍ବା ସଂସ୍ଥାର ସମ୍ପୃକ୍ତତା ପ୍ରମାଣିତ ହୁଏ, ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ସେମାନେ କହିଛନ୍ତି।

# ଲୋକସେବା ଭବନରେ 'ମେହେରମୁଣ୍ଡା'ର ସ୍ୱତନ୍ତ୍ର ପ୍ରଦର୍ଶନ




ଭୁବନେଶ୍ୱର, ୪।୭ (ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଧାରଣ ଲୋକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହସ୍ତତନ୍ତ ପରମ୍ପରା ପ୍ରତି ସଚେତନତା ସୃଷ୍ଟି ପାଇଁ ରାଜ୍ୟ ହସ୍ତତନ୍ତ, ବୟନ, ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନ କନଭେନସନ ସେଣ୍ଟରରେ ଓଡ଼ିଆ ସିନେମା 'ମେହେରମୁଣ୍ଡା'ର ସ୍ୱତନ୍ତ୍ର ସ୍କ୍ରିନିଂ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ଚଳଚ୍ଚିତ୍ରର ପ୍ରଶଂସା କରି କହିଥିଲେ ଯେ 'ମେହେରମୁଣ୍ଡା' ଚଳଚ୍ଚିତ୍ରଟି ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ, କଳା, ସଂସ୍କୃତିର ଅତି ଜୀବନ୍ତ ଓ ନିଖୁଣ ପ୍ରତିଫଳନ। ଅନ୍ୟଅତିଥିଙ୍କ ମଧ୍ୟରେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ସୋମେଶ କୁମାର ଉପାଧ୍ୟାୟ, ହସ୍ତଶିଳ୍ପ ନିର୍ଦ୍ଦେଶିକା ଡ. ନିବେଦିତା ପୃଷ୍ଟି, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ହୋତା, ଅତିରିକ୍ତ ନିର୍ଦ୍ଦେଶକ (ରେଶମ) ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଓଏଫଡିସିର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ପଣ୍ଡାଙ୍କ ସମେତ ବିଭାଗର ଅଧିକାରୀ, କର୍ମକର୍ତ୍ତା ଓ ଚଳଚ୍ଚିତ୍ରର କଳାକାରମାନେ ଉପସ୍ଥିତ ଥିଲେ। କୋଭିଡ୍-୧୯ ପରେ ଆର୍ଥିକ ସଙ୍କଟ ସତ୍ତ୍ୱେ ବୁଣାକାରମାନେ ନିଜର ପାରମ୍ପରିକ କଳା ଓ ସଂସ୍କୃତିକୁ ବଜାୟ ରଖି, ଅନଲାଇନ୍ ବ୍ୟବସାୟ ମାଧ୍ୟମରେ ନିଜ ପରିଚୟକୁ ଆହୁରି ସୁଦୃଢ଼ କରିଥିବା କାହାଣୀକୁ ଏହି ଚଳଚ୍ଚିତ୍ରରେ ଉପସ୍ଥାପନ କରାଯାଇଛି। 'ମେହେରମୁଣ୍ଡା' କେବଳ ଏକ ଚଳଚ୍ଚିତ୍ର ନୁହେଁ, ବରଂ ଓଡ଼ିଶାର ବୁଣାକାର ସମୁଦାୟଙ୍କ ସଂଘର୍ଷ, ସୃଜନଶୀଳତା ଓ ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଏକ ସାର୍ଥକ ପ୍ରୟାସ ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି। ରାକେଶ କୁମାର ପାଢ଼ୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରରେ ଅଭିନେତା ଜ୍ୟୋତି ରଞ୍ଜନ ନାୟକ, ସୁଶାନ୍ତ ଦାସ ମହାପାତ୍ର, ଆର୍ଲିନ୍ ଅଙ୍କିତା ପ୍ରମୁଖ ଅଭିନୟ କରିଛନ୍ତି।

# ଉଜୁଡା ସଂସାର ସଜଡ଼ା ଚିନ୍ତାରେ ସେବା ପ୍ରତିନିଧି

ଧଉଳି, ୪।୭ (ସମିସ): ଯୁବ ପିଢ଼ି ବର୍ତ୍ତମାନ ନିଶାଦ୍ରବ୍ୟ ମାତ୍ରାଧିକ ଭାବେ ସେବନ କରି ଅଳ୍ପ ଦିନରେ ନିଶାଡ଼ିଆ ହୋଇ ବିଭିନ୍ନ ଚୋରି, ରାହାଜାନୀ ଆଦି ଅନେକ ଅପରାଧିକ କାର୍ଯ୍ୟ ରେ ଲିପ୍ତ ରହୁଛନ୍ତି। ଏପରି ଅନେକ ଘର ଉଜୁଡିବାରେ ଲାଗିଛି। ନିଶା ଘରେ ଘରେ ବସା କରିବାକୁ ଲାଗିଲାଣି। ଏହାର ପ୍ରତିକାର ପାଇଁ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ କପିଳେଶ୍ୱରସ୍ଥ ଗଙ୍ଗୁଆ ଭୋଇ ସାହିରେ ସଂସାର ଉଜୁଡିବାରୁ ରକ୍ଷା ପାଇବା ନିମନ୍ତେ ଶ୍ରୀ ମିଶ୍ର ସାହିର ସମସ୍ତ ମହିଳାମାନଙ୍କୁ ଏକତ୍ର କରି ମଦ ହଟାଅ, ଉଜୁଡା ସଂସାର ସଜାଡ ନାରାଦେଇ ଥିଲେ। ଅରୁଣ ସ୍ୱାଇଁ, ଅଶୋକ ମହାରଣା, ଶୁଭେନ୍ଦୁ ରାଉତରାୟ, ଗୀତାଞ୍ଜଳି ସ୍ୱାଇଁ ଓ ଶ୍ରୀଲିଙ୍ଗରାଜ ଥାନାର ସବ୍ ଇନ୍ସପେକ୍ଟର ରବୀନ୍ଦ୍ର କୁମାର ଦାସ ପ୍ରମୁଖ ନିଶା ନିବାରଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବିହାର, ଗୁଜରାଟ, କେରଳ ଇତ୍ୟାଦିରେ ଜନସାଧାରଣ ନିଶା ଠାରୁ ଦୂରରେ ରହି ଜୀବନକୁ ସରସ ସୁନ୍ଦର କରିବାକୁ ସଫଳ ହୋଇପାରୁଛନ୍ତି। ଅଥଚ ଓଡ଼ିଶାବାସୀ ଅଧିକାଂଶ ନିଶା ବ୍ୟବହାର କରି ୭୫ ଭାଗ ଅପରାଧ ଘଟାଇବାରେ ଲାଗିଛନ୍ତି। ଶାନ୍ତି ପରିବର୍ତ୍ତେ ଅଶାନ୍ତି ବୃଦ୍ଧି ହୋଇ ଚାଲିଛି।ଏହି ମଦ ନିଶାରୁ ନିବୃତ୍ତ ହେବା ପାଇଁ ଅଧିକ ସଂଖ୍ୟକ ମହିଳାମାନେ ଏକତ୍ରିତ ହୋଇ ମଦ୍ୟପାନକାରୀଙ୍କୁ ଫକୀରମୋହନଙ୍କ ପେଟେଣ୍ଟ ମେଡ଼ିସିନ ବ୍ୟବହାର କରିବାପାଇଁ ଏକତ୍ରିତ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ସସ୍ମିତା ଭୋଇ, ସଚି ଭୋଇ, ଲବଙ୍ଗ ଦେଇ, ମଞ୍ଜୁ ଦେଇ, ସଞ୍ଜୁ ଦେଇ, ମାନ ଭୋଇ, ବାସନ୍ତୀ ଦେଇ, ବାସନ୍ତୀ ବେହେରା, ରଜି ଦେଇ , ସୁଷମା ଭୋଇ ଓ ଅନେକ ଭାଗ ନେଇଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପୂଣ୍ୟତିଥିରେ ବୃକ୍ଷପୂଜା



ଭୁବନେଶ୍ୱର, ୪।୭ (ସମିସ): ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସାମନ୍ତ ନଟବର ସିଂହଙ୍କ ପୂଣ୍ୟତିଥିରେ ରାଜ୍ୟ ପୂଜ୍ୟ ପ୍ରଣାମ ଟ୍ରଷ୍ଟ ପକ୍ଷରୁ ପାତ୍ରପଡ଼ାସ୍ଥିତ ସ୍ମୃତିବନଠାରେ ବୃକ୍ଷପୂଜା ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ବନ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ସ୍ମୃତିବନଠାରେ ୨୦୧୭ ମସିହାରେ ସ୍ୱାଧୀନତା ସଂଗ୍ରାମୀ ଗାନ୍ଧୀ ମଣିଷ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ଦ୍ୱାରା ରୋପଣ କରାଯାଇଥିବା ବଉଳ ଗଛଟିକୁ ପୂଜାର୍ଚ୍ଚନା କରାଯିବା ପରେ ସେଦିନର ସ୍ମୃତିକୁ, ସ୍ମୃତିଚାରଣ କରିଥିଲେ ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର। ସ୍ୱର୍ଗତ ସିଂହଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ କହିଲେ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିବା ଏଭଳି ଶହ ଶହ ସଂଗ୍ରାମୀ ଅଛନ୍ତି। ଭାରତବର୍ଷ ସ୍ୱାଧୀନ ହେବା ପରେ ରଚନାତ୍ମକ କାର୍ଯ୍ୟରେ ଲାଗିଗଲେ, ଆଉ କିଛି ଗାନ୍ଧୀ ଆଦର୍ଶକୁ ଭବିଷ୍ୟତ ବଂଶଧରଙ୍କ ଭିତରେ ପ୍ରବେଶ କରାଇବା ପାଇଁ ଶିକ୍ଷକତାକୁ ଆପଣେଇ ନେଇଥିଲେ। ସେଇଭଳି ଜଣେ ସଂଗ୍ରାମୀ ଥିଲେ ସାମନ୍ତ ନଟବର ସିଂହ। ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସର ଅଧ୍ୟକ୍ଷ ସୀତାବଲ୍ଲଭ ମହାପାତ୍ର ସ୍ୱର୍ଗତ ସାମନ୍ତ ସିଂହଙ୍କୁ ଜଣେ ସ୍ୱାଭିମାନୀ ମଣିଷ ବୋଲି କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ଟ୍ରଷ୍ଟି ପୁଷ୍ପରାଜ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ସମାଜସେବୀ ବରୁଣରାଜ ଧନ୍ୟବାଦ ଦେଇଥିଲେ।

# ସୋଆ ପକ୍ଷରୁ ଚାରାରୋପଣ



ଭୁବନେଶ୍ୱର, ୪।୭ (ସମିସ): ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଏନ୍‌ଏସ୍‌ଏସ୍ ଶାଖା ଓ ରୋଟାରୀ କ୍ଲବ, ଭୁବନେଶ୍ୱର ପକ୍ଷରୁ ଶନିବାର ଏକ ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ଉପକଣ୍ଠ ଛତାବରସ୍ଥିତ ସୋଆର କୃଷି ଓ ପଶୁପାଳନ ଫାର୍ମ ପରିସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କରିଥିଲେ। କାର୍ଯ୍ୟକ୍ରମରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଯୋଗଦେଇ ସୋଆର ସବୁ କ୍ୟାମ୍ପସ୍‌ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବା ଯୋଜନା ରହିଥିବା କହିଛନ୍ତି। କାର୍ଯ୍ୟକ୍ରମରେ ଗୁଆ, ତାଳ, ନଡ଼ିଆ, କଦମ୍ବ, ଚମ୍ପା, ବଉଳ, କୃଷ୍ଣଚୂଡ଼ା, ପାତାଳି, ଫାସି, ରାଧାଚୂଡ଼ା, ରକ୍ତଚନ୍ଦନ ଓ ଅଶୋକ ଆଦି ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୋଆ ଆଇଭିଏସ୍‌ଏଏଚ୍‌ର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ, ଏନ୍‌ଏସ୍‌ଏସ୍ ଶାଖାର ସଂଯୋଜକ ପ୍ରଫେସର କମଳ ଲୋଚନ ମହନ୍ତ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, କୃଷି ଓ ପଶୁ ପାଳନ ଫାର୍ମର ନିର୍ଦ୍ଦେଶକ ପ୍ରଫେସର ସରୋଜ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦ୍ରଶେଖରପୁର ଖଣ୍ଡାବୁଲା ମାମଲା, ୧୦ ଗିରଫ



ଭୁବନେଶ୍ୱର, ୪।୭ (ସମିସ): ଚନ୍ଦ୍ରଶେଖରପୁର ଥାନା ବୁଦ୍ଧ ବିହାର ଅଞ୍ଚଳରେ ଖଣ୍ଡାବୁଲା ଏବଂ ଗୋଷ୍ଠୀ ସଂଘର୍ଷ ମାମଲାରେ ପୁଲିସ ଦୁଇଟି ମାମଲା ରୁଜୁ କରି ୧୦ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍କଳ ମେକଅପ୍, ସ୍ୱାଧୀନ କୁମାର ନାୟକ, ବାଦଲ ମହାପାତ୍ର, ସରୋଜ କୁମାର ନାୟକ, ଜ୍ୟୋତିରଂଜନ ନାୟକ, ସାଣ୍ଟୋ ବେହେରା, ସାଗର ସାହୋ, ରଜିନ ନାୟକ, ଲୋକନାଥ ବେହେରା, ସରାଟ ଖାଡୁଆ।

ପୁଲିସ ସୂଚନା ମୁତାବକ, ଗୋଷ୍ଠୀ ସଂଘର୍ଷକୁ କେନ୍ଦ୍ର କରି ଚନ୍ଦ୍ରଶେଖରପୁର ଥାନାରେ ଦୁଇଟି କାଉଣ୍ଟର କେସ ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ମାମଲା ନଂ. ୬୭୧ ଅନୁଯାୟୀ, ରାତି ପ୍ରାୟ ୯.୨୫ ସମୟରେ ସୁଭମ ସ୍ୱରାଜ ଜଣେ ବନ୍ଧୁଙ୍କ ସହ ବ୍ଲକ୍ ନଂ. ୧୧ ନିକଟରେ ଠିଆ ହୋଇଥିବା ବେଳେ ୧୦ରୁ ଅଧିକ ବ୍ୟକ୍ତି ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ତାଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରି ଶରୀରର ବିଭିନ୍ନ ସ୍ଥାନରେ ଆଘାତ କରିଥିବା ଅଭିଯୋଗ ରହିଛି।

# ଶାଳକ ଗାଡ଼ିରେ ନିଆଁ ଲଗାଇ ଭିଣୋଇ ଗିରଫ



ଭୁବନେଶ୍ୱର, ୪।୭ (ସମିସ): ଶାଳକ ଗାଡ଼ିରେ ନିଆଁ ଲଗାଇଥିବା ଅଭିଯୋଗରେ ଭିଣୋଇକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶିଖରଚଣ୍ଡୀ ନଗରର ଏସକେ ସୋନା (୪୨)।

ପୁଲିସ ସୂଚନାନୁସାରେ, ଶିଖରଚଣ୍ଡୀ ନଗରର ସୋନା ପାରିବାରିକ କଳହ ଯୋଗୁଁ ପରିବାରଠାରୁ ଅଲଗା ରହୁଥିଲେ। ଏଥିଲାଗି ତାଙ୍କର ମାନସିକ ଭାବେ ରାଗିଯାଇ ଗାଡ଼ିରେ ନିଆଁ ଲଗାଇବାକୁ ଯୋଜନା କରିଥିଲେ। ଗତକାଲି ରାତିରେ ସେ ନିକଟସ୍ଥ ଏକ ଗ୍ୟାରେଜରୁ ପେଟ୍ରୋଲ ଓ ବ୍ୟବହୃତ ମୋବିଲ୍ ତେଲ ସଂଗ୍ରହ କରି ପ୍ଲାଷ୍ଟିକ ବୋତଲରେ ମିଶାଇଥିଲା। ରାତି ପ୍ରାୟ ୧୨ଟା ବେଳକୁ ଶାଳକ ଶେଖ୍ ସିକନ୍ଦରଙ୍କ ଟାଟା ଏସିଇ ଗାଡ଼ି ଉପରେ ଢାଳି ନିଆଁ ଲଗାଇ ଦେଇଥିଲେ। ସେହି ସମୟରେ ଘର ଆଗରେ ଛିଡ଼ା ହୋଇଥିବା ସିକନ୍ଦର ଗାଡ଼ିରେ ନିଆଁ ଲାଗି ଯାଇଥିବା ଦେଖିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏହାସହିତ ଖସି ଯାଉଥିବା ବେଳେ ଲୋକମାନେ ସୋନାକୁ କାବୁ କରି ମାଡ଼ ମାରିଥିଲେ। ଖବରପାଇ ଇନଫୋସିଟି ଥାନା ପୁଲିସ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସୋନାକୁ ଗିରଫ କରିବା ସହ ପେଟ୍ରୋଲ ଥିବା ପ୍ଲାଷ୍ଟିକ ବୋତଲ ଜବତ କରିଥିଲା। ଲୋକଙ୍କ ମାଡ଼ରେ ସୋନାଙ୍କ ପିଠି ଓ ଅଣ୍ଟାରେ ଆଭ୍ୟନ୍ତରୀଣ ଆଘାତ ଲାଗିଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଥିଲା। ସିକନ୍ଦରଙ୍କ ଅଭିଯୋଗ ଆଧାରରେ ଇନଫୋସିଟି ଥାନା ପୁଲିସ ଏକ ମାମଲା ରୁଜୁ କରି ସୋନାକୁ କୋର୍ଟ ଚାଲାଣ କରିଛି।

# ଅସ୍ଥି ଘନତ୍ୱ ପରୀକ୍ଷଣ ଓ ସ୍ୱାସ୍ଥ୍ୟ ସଂକ୍ରାନ୍ତ ଆଲୋଚନା



ଭୁବନେଶ୍ୱର, ୪।୭ (ସମିସ): ଲିଙ୍ଗରାଜ ବିହାର ସ୍ଥିତ ପାଠାଗାର ଓ ସୂଚନା କେନ୍ଦ୍ରରେ ଏକ ଅସ୍ଥି ଘନତ୍ୱ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ଆଣ୍ଠୁ ଗଣ୍ଠି ରୋଗ ଚିକିତ୍ସା ଓ ସ୍ୱୟଂ ପ୍ରତିରକ୍ଷା ରୋଗ ସମ୍ବନ୍ଧୀୟ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ପାଠାଗାର ସଭାପତି ଡା. ଶିଶିର କୁମାର ମହାପାତ୍ର ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ଭାବେ କିମ୍ସ ମେଡିକାଲ କଲେଜର ପ୍ରଫେସର ଡା. ସକିର ଅହମଦ ଅନେକ ତଥ୍ୟ ସମ୍ବନ୍ଧୀୟ ମତ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ ଅନ୍ୟତମ ବକ୍ତା ଡା. ମୋହିନୀ ସିହ୍ନା ରଜୋନିବୃତ୍ତି ଲକ୍ଷଣ ସମୂହ ଉପରେ ଆଲୋଚନା କରିଥିଲେ। ଋତୁସ୍ରାବର ପ୍ରଥମ ଅବସ୍ଥାରେ ଜଣେ ବାଳିକା ଯେପରି ହର୍ମୋନର ପରିବର୍ତ୍ତନର ସାମ୍ନା କରିଥାଏ, ଜଣେ ପୌଢ଼ା ମଧ ଋତୁସ୍ରାବ ବନ୍ଦ ସମୟରେ ସେପରି କିଛି ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। କିଛି ଶାରୀରିକ ଓ କିଛି ମାନସିକ ସମସ୍ୟା କିଛି ମାସରୁ ୭ ବର୍ଷ ପର୍ଯ୍ୟନ୍ତ ମଧ ହୋଇପାରେ। ତେଣୁ ପରିବାର ସଦସ୍ୟଙ୍କ ସମବେଦନା, ସହଯୋଗ ଏହି ସମୟରେ ଜରୁରୀ। ସମୂହ ଜାତୀୟ ସଂଗୀତ ଗାନ ପରେ ସଂପାଦକ ସୁଧାଂଶୁ ଶେଖର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଟାର୍ଗେଟ ପୂରିନି; ବନ୍ଦ ହେଲା ଧାନ ମଣ୍ଡି

**ସରକାରଙ୍କ ପ୍ରତି ଚାଷୀଙ୍କ ତୁଟୁଛି ଭରସା**

**ବର୍ଷାରେ ଭିଜୁଛି ଧାନ; ଚାଷୀ ଉପାୟଶୂନ୍ୟ**

**୫୯,୨୬୫ଚାଷୀଙ୍କ ୩୮ ଲକ୍ଷ ୭୧ ହଜାର କୁଇଣ୍ଟାଲ ଧାନ ସଂଗ୍ରହ**

**କିଣି ପାରିଲେ ନାହିଁ ୨ଲକ୍ଷ ୬୯ ହଜାର କୁଇଣ୍ଟାଲ ଧାନ**



ଭବାନୀପାଟଣା, ୪।୭ (ସମିସ): ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଶୁକ୍ରବାର ଠାରୁ ଧାନ ମଣ୍ଡି ବନ୍ଦ କରି ଦିଆଯାଇଛି। ତରବରିଆ ଧାନ ସଂଗ୍ରହ ପ୍ରକ୍ରିୟା ଭିତରେ ରବି ଧାନ ସଂଗ୍ରହ ଟାର୍ଗେଟ ପୂରଣ ହୋଇପାରି ନାହିଁ। ଜିଲ୍ଲାରେ ୩୮ ଲକ୍ଷ ୭୧ ହଜାର ୨୧୨ କୁଇଣ୍ଟାଲ ଧାନ ଉଠିଥିବାବେଳେ ଏବେ ମଧ୍ୟ ମଣ୍ଡିମାନଙ୍କରେ ୨ ଲକ୍ଷ ୬୯ ହଜାର କୁଇଣ୍ଟାଲ ଧାନ ବଳକା ରହିଥିବା ଯୋଗାଣ ବିଭାଗ ପକ୍ଷରୁ ଜଣାପଡ଼ିଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜିଲ୍ଲାରେ ଚଳିତ ରବି ମଣ୍ଡି ପାଇଁ ୪୦ଲକ୍ଷ ୬୧ ହଜାର ୫ଶହ କୁଇଣ୍ଟାଲ ଟାର୍ଗେଟ ଆସିଥିଲା। ସେଥିମଧ୍ୟରୁ ଶୁକ୍ରବାର ସୁଦ୍ଧା ୫୯ ହଜାର ୨୬୫ ଚାଷୀଙ୍କ ୩୮ଲକ୍ଷ ୭୧ହଜାର ୨୧୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି ବୋଲି ଯୋଗାଣ ବିଭାଗ ସୂତ୍ରରୁ ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ୪୬ ହଜାର ୧୯୯ ଚାଷୀଙ୍କୁ ୨୯ ଲକ୍ଷ ୮୪ ହଜାର ୩୫୭ କୁଇଣ୍ଟାଲ ଧାନ ପାଇଁ ୬୮୯ କୋଟି ୮୨ ଲକ୍ଷ ୨୭ ହଜାର ୭୦୯ ପ୍ରାପ୍ୟ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଗତ ୩ ଦିନହେଲା ଜିଲ୍ଲାରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ମଣ୍ଡି ଗୁଡିକରେ ଅବସ୍ଥା ଅତ୍ୟନ୍ତ ଦୟନୀୟ। କେବଳ ଟିପି କଟା ଯାଇଥିବା ଧାନ ଗୁଡ଼ିକ ଉଠିବ ଓ ଅନ୍ୟ ଧାନ ଗୁଡ଼ିକ ଉଠାଣ ହେବ ନାହିଁ ବୋଲି ଜାଣିବାପରେ ଚାଷୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଷାରେ ଭିଜିଥିବା ଗଜା ଧାନ ଓ ଟୋକନ ଥିବା ଅନ୍ୟ ଧାନ ଗୁଡିକ ଆଉ ମଣ୍ଡିରୁ ଉଠିବ ନାହିଁ ଜାଣିବା ପରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଗଜା ଧାନ ନଷ୍ଟ ହୋଇଥିବା ଯୋଗୁଁ ଆଗକୁ ଖରିଫ ଚାଷ ପାଇଁ ଅର୍ଥ ଯୋଗାଡ ଚାଷୀମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କଳାହାଣ୍ଡି ଧାନ ସଂଗ୍ରହ ବ୍ୟବସ୍ଥା ଭିତରେ ଏକ ନୂଆ ପରମ୍ପରା ଏଥର ଦେଖିବାକୁ ମିଳିଛି। ପ୍ରଥମଥର ପାଇଁ ବଲାଙ୍ଗିରରୁ ଆସିଥିବା ୧୯ଟି ମିଲର୍ସ ଧାନ ଉଠାଣ କରିଛନ୍ତି। ସେପଟେ କଳାହାଣ୍ଡି ମିଲର୍ସମାନେ ସ୍ଥାନାଭାବା ଓ କଟ୍‌ନୀଛଟନୀ, ଦଲାଲଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବା ଗୁରୁତର ଅଭିଯୋଗ ହୋଇଥିଲା। ଜାଣିଶୁଣି ମିଲର୍ସ ଧାନ ଉଠାଉ ନଥିବା ଯୋଗୁଁ ଅମାଠ ଠାରେ ଥିବା ଏକ ମିଲ୍‌କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସିଲ୍ କରି ଦିଆଯାଇଛି। ଚାଷୀମାନେ ଗତ ଖରିଫ ମଣ୍ଡିରେ ଦହଗଞ୍ଜ ହୋଇଥିବାବେଳେ ବର୍ତ୍ତମାନ ରବି ଧାନ ସମୟରେ ମଧ୍ୟ ମଣ୍ଡିରେ ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। କଟ୍‌ନୀଛଟନୀ ମଧ୍ୟ କୁଇଣ୍ଟାଲ ପିଛା ୭କେଜି ଯୋଗୁଁ ଚାଷୀମାନେ ଦଲାଲ ହାତକୁ ବହୁ ଧାନ ଟେକି ଦେଇଛନ୍ତି। ସେହିପରି ମଣ୍ଡି ଶେଷ ଆଡକୁ ଫଲ୍ସ ଏଣ୍ଟ୍ରି ଯୋଗୁଁ ଦଲାଲମାନେ ମାଲାମାଲ ହୋଇଥିବାବେଳେ ପ୍ରକୃତ ଚାଷୀମାନେ ସେମାନଙ୍କ ଧାନ ବିକିବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଡବଲ ଇଞ୍ଜିନ ସରକାର ଶାସନକୁ ଆସିବାବେଳେ ଧାନ ସଂଗ୍ରହ କୁ ନେଇ ଯେଉଁ ସପନ ଦେଖାଇଥିଲେ ତାହା ଚଳିତ ରବି ଋତୁରେ ଭୁଲ ପ୍ରମାଣିତ ହୋଉଛିବୋଲି ବହୁ ଚାଷୀ କହିଛନ୍ତି। ସବୁଠାରୁ ଗୁରୁତର ବିଷୟ ମିଲ୍ ଗୁଡ଼ିକରେ ସ୍ଥାନ ନାହିଁ କୁହାଯାଉଛି ସତ କିନ୍ତୁ ମିଲରେ ଚାଷୀର ଧାନ ଅଛି ନା ଦଲାଲର ଧାନ ତାହା ତଦନ୍ତ କରିବା ଜରୁରୀ। ବର୍ତ୍ତମାନ ମିଲ ପଏଣ୍ଟ ଗୁଡିକର ଷ୍ଟକ ଯାଞ୍ଚ କରିବା ସହିତ ମଣ୍ଡିରେ ପଡି ରହିଥିବା ଧାନ ଉଠାଣ ଏବଂ ଯେତିକି ଚାଷୀଙ୍କ ଧାନ କିଣାଯାଇଛି ସେମାନଙ୍କ ପ୍ରାପ୍ୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଗମ୍ଭୀରତାରସହ ଚିନ୍ତା କରିବାକୁ ବିଭିନ୍ନ ମହଲରୁ ଦାବି ଉଠୁଛି।

---

**ବାରିପଦାରେ ସଡ଼କ ଦୁର୍ଘଟଣାରେ ୨ ମୃତ, ୯ ଆହତ ଘଟଣା**

# ଚିକିତ୍ସା ଅବହେଳାରୁ ଚାଲିଗଲା ଅମୂଲ୍ୟ ଜୀବନ: ବିଜେଡି

- ଗୁରୁତର ଅବସ୍ଥାରେ ୩ ଜଣ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର
- ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ମିଳୁନି ସ୍ୱାସ୍ଥ୍ୟସେବା
- ଅସମ୍ପୂର୍ଣ୍ଣ ହସ୍ପିଟାଲକୁ ଲୋକ ଦେଖାଣିଆ ଉଦ୍‌ଘାଟନ କରି ବାହାବା ନେଉଛି ବିଜେପି ସରକାର



ବାରିପଦା, ୪।୭(ସମିସ): ବିଜେପି ସରକାର ଓଡ଼ିଶାବାସୀଙ୍କ ପାଇଁ କାଳ ସାଜିଛି। ଲୋକେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାର ଏକ ଜ୍ୱଳନ୍ତ ଚିତ୍ର ଶୁକ୍ରବାର ସନ୍ଧ୍ୟାରେ ବାରିପଦାରେ ଘଟିଥିବା ଦୁର୍ଘଟଣାରୁ ଦେଖିବାକୁ ମିଳିଛି। ଏହି ଦୁର୍ଘଟଣାରେ ୨ ଜଣ ମୃତ୍ୟୁବରଣ କରିଥିବାବେଳେ ୯ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକସ୍ଥ ଏସସିବି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ବାରିପଦାସ୍ଥ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଣଙ୍କ ଅମୂଲ୍ୟ ଜୀବନ ହାନୀକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶନିବାର ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଏକ ପ୍ରେସ ବିବୃତ୍ତିରେ କହିଥିଲେ ଯେ, ବିଜେପି ସରକାରର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟସେବା ନ ମିଳିବାରୁ ଏକ ଅମୂଲ୍ୟ ଜୀବନ ଚାଲିଗଲା। ବିଜେଡି ସରକାର ସମୟରେ ବାରିପଦାସ୍ଥ ରଙ୍ଗାମାଟିଆଠାରେ ନୂତନ ହସ୍ପିଟାଲ କ୍ୟାମ୍ପସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହାକୁ ଗତ ୨୦୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ। ପରନ୍ତୁ ନିର୍ବାଚନରେ ବିଜେପି କ୍ଷମତାକୁ ଆସିବା ପରେ ୨ ବର୍ଷ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ ନ କରି ସ୍ଥାନାନ୍ତର ବିଳମ୍ବ କରି ରଖିଥିଲା। ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ରଙ୍ଗ ମାରି ଲୋକ ଦେଖାଣିଆ ଭାବେ ଜୁନ ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହାକୁ ଉଦଘାଟନ କରିଥିଲେ।

ଡ. ମହାନ୍ତି ଆହୁରି କହିଥିଲେ ଯେ, ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ହସ୍ପିଟାଲରେ ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଘୋର ଅଭାବ ରହିଛି। ରୋଗ ନିରୂପଣ ଓ ଯାଞ୍ଚ ନିମନ୍ତେ ହସ୍ପିଟାଲରେ ସିଟି ସ୍କାନ, ଅଲଟ୍ରା ସାଉଣ୍ଡ ସମେତ ଅନ୍ୟାନ୍ୟ ଦରକାରୀ ମେସିନ ଉପଲବ୍ଧ ନାହିଁ। ରୋଗ ନିରୂପଣ ପାଇଁ ରଙ୍ଗମାଟିଆରୁ ପ୍ରାୟ ୫ କିମି ଦୂର ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଯିବାକୁ ପଡୁଛି। ସେହିପରି ରକ୍ତଭଣ୍ଡାର ନ ଥିବାରୁ ଗୁରୁତର ରୋଗୀଙ୍କୁ ରକ୍ତ ପାଇଁ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଯିବାକୁ ପଡୁଛି। ଉକ୍ତ ସମସ୍ତ କାର୍ଯ୍ୟ ପାଇଁ ୨ରୁ ୩ ଘଣ୍ଟା ସମୟ ଲାଗୁଥିବାରୁ ଗତକାଲି ଦୁର୍ଘଟଣାରେ ଗୁରୁତର ଆହତଙ୍କୁ ସଠିକ୍ ଚିକିତ୍ସା ସୁବିଧା ନ ମିଳିବାରୁ ଜଣଙ୍କ ଜୀବନ ଚାଲିଗଲା। ମେଡିକାଲରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି। ସେହିପରି ସହରରୁ ଦୂରରେ ହସ୍ପିଟାଲ ଥିବାରୁ ଯୋଗାଯୋଗର କୌଣସି ବ୍ୟବସ୍ଥା ନାହିଁ। ଭଡ଼ା ଅଟୋ ଓ ଟ୍ୟାକ୍ସି ୩୦୦ରୁ ୫୦୦ ଟଙ୍କା ଦାବି କରୁଛନ୍ତି। ଅହଙ୍କାରୀ ବିଜେପି ସରକାର ଅସମ୍ପୂର୍ଣ୍ଣ ହସ୍ପିଟାଲକୁ ଉଦଘାଟନ କରି ବାହାବା ନେଉଛି। କେବଳ କାନ୍ଥରେ ରଙ୍ଗ ମାରିଦେଲେ ଚିକିତ୍ସା ବ୍ୟବସ୍ଥାରେ ସୁଧାର ଆସିବନି। ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଡବଲ ଇଞ୍ଜିନ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ, ନଚେତ ଆଗକୁ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

---

**ଅଟୋକୁ ଧକ୍କାଦେଲା ଟ୍ରକ୍**

# ବାପାପୁଅ ମୃତ, ମାଆ ଓ ଅଟୋ ଚାଳକ ଗୁରୁତର

କରଞ୍ଜିଆ, ୪।୭ (ସମିସ): ୨୨୦ନଂ ଜାତୀୟ ରାଜପଥର କାଳିକାପୁର ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ଟ୍ରକ୍ ଧକ୍କା ଦେବାରୁ ବାପାପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ମାଆ ଓ ଅଟୋ ଚାଳକ ଗୁରୁତର ଆହତ ହୋଇଛନ୍ତି। ମୃତକ ଜ୍ଞାନସେନ କିସ୍କୁ ଓ ରାମରାଜ କିସ୍କୁ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ବଡ଼କା ପଞ୍ଚାୟତ ତରଠା ଗ୍ରାମର ବାସିନ୍ଦା ଜ୍ଞାନସେନ କିସ୍କୁ ନିଜ ସ୍ତ୍ରୀ ଓ ଛୋଟ ପୁଅ ରାମରାଜ କିସ୍କୁଙ୍କୁ ଅଟୋରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରଙ୍କୁ ଦେଖାଇ ଘରକୁ ଫେରୁଥିଲେ। କାଳିକାପୁର ନିକଟରେ ସେମାନେ ଯାଉଥିବା ଗାଡ଼ିକୁ ଏକ ଦ୍ରୁତଗାମୀ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଘଟଣାସ୍ଥଳରେ ଜ୍ଞାନସେନ ଓ ତାଙ୍କ ପୁଅ ରାମରାଜଙ୍କ ମୃତ୍ୟୁ ଘଟିଥିଲା। ଜ୍ଞାନସେନଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ କରଞ୍ଜିଆ ଚିକିତ୍ସାଳୟ ଓ ପରେ ଉନ୍ନତ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଟୋ ଚାଳକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ଟ୍ରକ୍‌କୁ ଜବତ କରି ଦୁର୍ଘଟଣାର କାରଣ ନେଇ ତଦନ୍ତ ଆରମ୍ଭ କରିଛି।

---

**ପଞ୍ଚସଖା ଶିକ୍ଷା ସେତୁର ପଞ୍ଚମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ**

# ୭.୨୯ କୋଟିରେ ୬୦୯ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର, ୪।୭(ସମିସ): ପିଏମଶ୍ରୀ ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ପାଠ ପଢ଼ାଯିବ। ଏଥିପାଇଁ ଶିକ୍ଷକଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ଛାତ୍ରଛାତ୍ରୀଙ୍କୁ ଆର୍ଥିକ କାରବାର, ବ୍ୟାଙ୍କି ବ୍ୟବସ୍ଥା, ଟଙ୍କା ସଞ୍ଚୟ ଓ ବ୍ୟୟ ଆଦି ଶିକ୍ଷାଦାନ କରିବେ। ସେହିପରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଡିଇଓ, ବିଇଓ ଓ ସିଆରସିସିଙ୍କ ବୃତ୍ତିଗତ ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯିବ ବୋଲି ଶୁକ୍ରବାର ଅନୁଷ୍ଠିତ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ଚତୁର୍ଥ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ଏହାସହ ୨୩ଟି ଜିଲ୍ଲାର ବିଭିନ୍ନ ସ୍କୁଲରେ ଭିତ୍ତିଭୂମି ବିକାଶ ପାଇଁ ୭.୨୯ କୋଟିର ୬୦୯ ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ନିଜ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ପ୍ରାୟ ସାଢେ ୪ ହଜାରରୁ ଅଧିକ ପୁରାତନ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ଅନୁଷ୍ଠାନ ପ୍ରାୟ ୨ କୋଟି ୪୩ ଲକ୍ଷ ୨୫ ହଜାର ୬୬୯ ଟଙ୍କା ଆର୍ଥିକ ଅବଦାନ ରଖିଛନ୍ତି। ସମ୍ବଲପୁର ଜିଲ୍ଲାରୁ ସର୍ବାଧିକ ଆର୍ଥିକ ଅବଦାନ ଆସିଛି। ଏହାର ଦୁଇଗୁଣା ଅର୍ଥ ସହିତ ମୋଟ୍ ୭ କୋଟି ୨୯ ଲକ୍ଷ ୭୭ ହଜାର ୭ ଟଙ୍କା ଗଣଶିକ୍ଷା ବିଭାଗ ପ୍ରଦାନ କରିଛି। ଏହି ଅର୍ଥରେ ୬୦୯ ଟି ପ୍ରକଳ୍ପ ନିର୍ମାଣ ହେବ। ପରିଷଦର ଅଧ୍ୟକ୍ଷ ତଥା ଗଣଶିକ୍ଷା ବିଭାଗର ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ବିଭାଗର ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ବିତ୍ତ ଉପଦେଷ୍ଟା ଶିବାଶିଷ ଧଳ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶିକା ବିନିତା ସେନାପତି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ଚନ୍ଦ୍ରାଣି ନାୟକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକା ନିବେଦିତା ରାଏ, ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ଦାଶ ଓ ରାଜେନ୍ଦ୍ର ପ୍ରସାଦ ସାହୁ ଏବଂ ସଂଗଠନର ମୁଖ୍ୟ ପରିଚାଳନା ଅଧିକାରୀ ରାଜ ଲକ୍ଷ୍ମୀ ଦାଶ ଓ ବିତ୍ତ ଅଧିକାରୀ ଇତିଶ୍ରୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



ଶନିବାର ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହ ରାଜ୍ୟର ଆଇନଶୃଙ୍ଖଳାସ୍ଥିତି ଓ ନକ୍ସଲ ଦମନ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରୁଛନ୍ତି

---

# ଫିଟ୍‌ନେସ୍ ପ୍ରମାଣପତ୍ର ନ ଥିଲେ ରଦ୍ଦ ହେବ ପଞ୍ଜୀକରଣ

**ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏସଟିଏର ତତ୍ପରତା**

କଟକ,୪।୭(ସମିସ): ସଡ଼କ ଦୁର୍ଘଟଣା ହ୍ରାସ କରିବାକୁ ବିନା ଫିଟନେସ୍‌ରେ ଗାଡ଼ି ଚଳାଚଳ ଉପରେ ରୋକ୍ ଲଗାଇବା ଦିଗରେ କଠୋର ପଦକ୍ଷେପ ନେବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ପରିବହନ ପ୍ରାଧୀକରଣ(ଏସଟିଏ) ତତ୍ପରତା ପ୍ରକାଶ କରିଛି। ବିନା ଫିଟନେସ୍ ଓ ପଞ୍ଜୀକରଣରେ ବେଆଇନ ଭାବେ ଗଡୁଥିବା ଗାଡ଼ିଗୁଡ଼ିକ ବିରୋଧରେ ରାଜ୍ୟବ୍ୟାପୀ ନିରନ୍ତର କାର୍ଯ୍ୟାନୁଷ୍ଠାନ ଜାରି ରହିବା ସହ ଗାଡ଼ିର ବୀମା ଓ ପରମିଟ୍ ଯାଞ୍ଚକୁ ମଧ୍ୟ କଡ଼ାକଡ଼ି କରାଯିବ ବୋଲି ଏସଟିଏ ପକ୍ଷରୁ ସମସ୍ତ ଆରଟିଓଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଥାଉକି, ବାରିପଦାଠାରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଦୁର୍ଘଟଣାରେ ସମ୍ପୃକ୍ତ ଦୁଇଟିଯାକ ଗାଡ଼ିର ବୈଧ ଫିଟନେସ୍ ପ୍ରମାଣପତ୍ର ନଥିଲା। ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବହନ ବିଭାଗ ନିର୍ଦ୍ଦେଶ ଦେଇଛି। ତଦନୁଯାୟୀ, ଉକ୍ତ ଦୁଇଟିଯାକ ଗାଡ଼ିର ପଞ୍ଜୀକରଣ ରଦ୍ଦ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିଭଳି ରାସ୍ତାରେ ଚଳାଚଳ କରୁଥିବା ଏହିଭଳି ଅନୁପଯୋଗୀ ଓ ବିପଦପୂର୍ଣ୍ଣ ଗାଡ଼ିଗୁଡ଼ିକୁ ଚିହ୍ନଟ କରାଯାଉଛି। ନିୟମ ଉଲ୍ଲଂଘନ କରି ସଡ଼କକୁ ବିପଦପୂର୍ଣ୍ଣ କରୁଥିବା ଏହି ସମସ୍ତ ଗାଡ଼ିଗୁଡ଼ିକ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ ପଞ୍ଜୀକରଣ ରଦ୍ଦ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ନିୟମ ଅନୁପାଳନକୁ ଆହୁରି କଡ଼ାକଡ଼ି କରାଯିବ ବୋଲି କୁହାଯାଇଛି।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଭୋଟର ତାଲିକା ପର୍ଯ୍ୟବେକ୍ଷକମାନଙ୍କ ସହ ବୈଠକ

ଭୁବନେଶ୍ୱର,୪।୭ (ସମିସ): ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନଙ୍କ ଅଧ୍ୟକ୍ଷତାରେ ଶନିବାର ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପାଇଁ ନିଯୁକ୍ତ ଭୋଟର ତାଲିକା ପର୍ଯ୍ୟବେକ୍ଷକମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଏସଆଇଆର ୨୦୨୬ ପାଇଁ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ୧୦ ଜଣ ଆଇଏଏସ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ ପ୍ରକ୍ରିୟାର ସଫଳ ସମାପ୍ତି, ଚାଲିଥିବା ଡିଜିଟାଲାଇଜେସନର ପ୍ରଗତି ଏବଂ ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଏହାସହ ପର୍ଯ୍ୟବେକ୍ଷକମାନଙ୍କୁ ସମଗ୍ର ଏସଆଇଆର ପ୍ରକ୍ରିୟା ଏବଂ ଆଗାମୀ ପର୍ଯ୍ୟାୟଗୁଡ଼ିକରେ ସେମାନଙ୍କର ଦାୟିତ୍ୱ ବିଷୟରେ ଅବଗତ କରାଯାଇଥିଲା। ଚିଠା ଭୋଟର ତାଲିକାର ଯାଞ୍ଚ ଏବଂ ଆପତ୍ତି ଓ ଅଭିଯୋଗର ସମାଧାନ ପ୍ରକ୍ରିୟାକୁ ନିବିଡ଼ ଭାବେ ଅନୁଧ୍ୟାନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ପର୍ଯ୍ୟବେକ୍ଷକମାନଙ୍କୁ ଅନୁରୋଧ କରିଛନ୍ତି। ଯେପରି କୌଣସି ଜଣେ ବି ଯୋଗ୍ୟ ଭୋଟର ଏହି ତାଲିକାରୁ ବାଦ୍ ନପଡ଼ନ୍ତି ଏବଂ ଭୋଟର ତାଲିକା ସମ୍ପୂର୍ଣ୍ଣ ସଠିକ୍, ସର୍ବସମାବେଶୀ ଓ ତ୍ରୁଟିଶୂନ୍ୟ ହେବ, ତାହା ନିଶ୍ଚିତ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ସୂଚନାଯୋଗ୍ୟ ଶୁକ୍ରବାର ରାଜ୍ୟର ୧୦ ବରିଷ୍ଠ ଆଇଏଏସଙ୍କୁ ବିଭିନ୍ନ ଜିଲ୍ଲା ପାଇଁ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ବୈଠକରେ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ଉପ-ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଅନାମିକା ସିଂ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

---

**ମାଲ୍‌ଖାନାରେ ୨୦୦ ମେଟ୍ରିକ ଟନ୍ ଜବତ ଗଞ୍ଜେଇ**

# ନଷ୍ଟ ପାଇଁ ମଗାଯାଇଛି ଅଦାଲତଙ୍କ ଅନୁମତି

**ସ୍ୱତନ୍ତ୍ର ଅଭିଯାନରେ ୧୦୨ ମେଟ୍ରିକ ଟନ୍ ଗଞ୍ଜେଇ ନଷ୍ଟ**

କଟକ,୪।୭(ସମିସ): ନିଶାମୁକ୍ତ ଓଡ଼ିଶା ଅଭିଯାନ ଅନ୍ତର୍ଗତ ଓଡ଼ିଶା ପୁଲିସ ଜବତ ଗଞ୍ଜେଇକୁ ନଷ୍ଟ କରିବା ଦିଗରେ ସଫଳ ହୋଇପାରିଛି। ଦେଶବ୍ୟାପୀ ଏହି ଅଭିଯାନରେ ଗତ ଜୁଲାଇ ୩ତାରିଖ ସୁଦ୍ଧା ରାଜ୍ୟରେ ମୋଟ ୧୦୨.୨୨ ମେଟ୍ରିକ ଟନ୍ ଜବତ ଗଞ୍ଜେଇକୁ ନଷ୍ଟ କରାଯାଇଛି। ସେହିଭଳି ଜବତ ହେଉଥିବା ଗଞ୍ଜେଇ ରଖିବାକୁ ମାଲଖାନାରେ ଜାଗା ନଥିବାରୁ ଆହୁରି ୨୦୦ ମେଟ୍ରିକ ଟନ ଗଞ୍ଜେଇ ନଷ୍ଟ ପାଇଁ ଅଦାଲତଙ୍କ ଅନୁମତି ଲୋଡ଼ାଯାଇଛି ବୋଲି ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। ଗତ ଜୁନ୍ ୨୬ରୁ ଆରମ୍ଭ ହୋଇଥିବା ଏହି ସ୍ପେସାଲ ଡ୍ରାଇଭ୍ ଆସନ୍ତା ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରାଇମବ୍ରାଞ୍ଚ ଡିଜିଙ୍କ ତତ୍ତ୍ୱାବଧାନରେ ଏହି ସମଗ୍ର ପ୍ରକ୍ରିୟା ପରିଚାଳିତ ହେଉଛି। ଏହି ଅଭିଯାନରେ ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲା ପୁଲିସ ସବୁଠାରୁ ଆଗରେ ରହିଛନ୍ତି। ବୌଦ୍ଧ ଜିଲ୍ଲା ୩୭,୪୮୪ .୮୮୫ କିଗ୍ରା ସର୍ବାଧିକ ଗଞ୍ଜେଇ ନଷ୍ଟ କରିଛି। କନ୍ଧମାଳରେ ୩୪,୨୪୫.୪୩୦ କିଗ୍ରା, ମାଲକାନଗିରିରେ ୮,୯୬୯.୯୪୦ କିଗ୍ରା, ଗଜପତିରେ ୬,୬୭୧ କିଗ୍ରା, କୋରାପୁଟରେ ୬,୧୫୫.୭୭୩ କିଗ୍ରା ଜବତ ହୋଇଛି। ଏହି ଅଭିଯାନର ମୂଳ ଲକ୍ଷ୍ୟ ଧାର୍ଯ୍ୟରେ ନ ଥାଇ ମଧ୍ୟ ଅନୁଗୁଳ, ଖୋର୍ଦ୍ଧା ଏବଂ ରାଉରକେଲା ପୁଲିସ ଜିଲ୍ଲା କୋର୍ଟଙ୍କ ଦ୍ୱାରା ଗଠିତ 'ଡ୍ରଗ୍ସ ଡିସପୋଜାଲ କମିଟି'ରୁ ଆବଶ୍ୟକ ଅନୁମତି ଆଣି ସ୍ୱେଚ୍ଛାକୃତ ଭାବେ ଡ୍ରାଇଭ୍‌ରେ ସାମିଲ ହୋଇଥିଲେ। ଏହାସହିତ ଝାରସୁଗୁଡ଼ା, ମୟୂରଭଞ୍ଜ, ଏସଆରପି ରାଉରକେଲା ଏବଂ ଏସଆରପି କଟକ ଭଳି ୟୁନିଟ୍ ନିଜ ନିଜର ଶତପ୍ରତିଶତ ଲକ୍ଷ୍ୟ ପୂରଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମାତ୍ର ୫,୫୨୮.୮୯୭ କିଗ୍ରା ଜବତ ଗଞ୍ଜେଇ ନଷ୍ଟ ହେବାକୁ ବାକି ରହିଛି। ଆସନ୍ତା ଜୁଲାଇ ୧୦ ତାରିଖରେ ଏହି ଜାତୀୟ ଅଭିଯାନ ଶେଷ ହେବା ପୂର୍ବରୁ ସମସ୍ତ ବାକି ରହିଥିବା ଗଞ୍ଜେଇକୁ ନଷ୍ଟ କରିବା ପାଇଁ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମ୍ପୃକ୍ତ ଜିଲ୍ଲାଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦେଇଥିବା କ୍ରାଇମବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

---

**ବିଧାନସଭା ରିପୋର୍ଟର ପଦ ପୂରଣ ପ୍ରସଂଗ**

# ନିଯୁକ୍ତି ପ୍ରକ୍ରିୟା ବାତିଲ ନିର୍ଦ୍ଦେଶ ରଦ୍ଦ

କଟକ,୪।୭(ସମିସ): ବିଧାନସଭା 'ରିପୋର୍ଟର' ପଦ ପାଇଁ ଗତ ୨୦୨୧ରେ ଅନୁଷ୍ଠିତ ନିଯୁକ୍ତି ପ୍ରକ୍ରିୟାକୁ ୨୦୨୩ ଜୁଲାଇ ୨୧ରେ ବାତିଲ କରାଯିବା ନେଇ ଓଡ଼ିଶା ବିଧାନସଭା ସଚିବାଳୟର ଚୟନ ବୋର୍ଡ ଜାରି କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସୌରଭ ରାଉତ ଓ ବିଶ୍ୱଜ୍ୟୋତି ବେହେରାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୪ ସପ୍ତାହ ଭିତରେ ଗତ ୨୦୨୧, ଜାନୁଆରୀ ୨୬ର ବିଜ୍ଞପ୍ତି ଅନୁସାରେ ଆବେଦନକାରୀଙ୍କ ସପକ୍ଷରେ ନିଯୁକ୍ତିପତ୍ର ଜାରି କରାଯିବ ବୋଲି ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି। ଯଦି ଆବଶ୍ୟକ ଥାଏ ତେବେ ୧୯୮୩ର ନିୟମାବଳୀର ନିୟମ ୭(୨) ଅନୁସାରେ ଓଡିଶା ବିଧାନସଭା ସଚିବ ତଥା ଓଏସଡି ଅବଶିଷ୍ଟ ଔପଚାରିକତା ପୂରଣ କରିବେ।

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧, ଜାନୁଆରୀ ୨୬ରେ 'ରିପୋର୍ଟର' ପଦରେ ନିଯୁକ୍ତି ପାଇଁ ଓଡିଶା ବିଧାନସଭାଳ ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀ ଏହି ପଦ ପାଇଁ ଦରଖାସ୍ତ କରି ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସହ ୨୦୨୧, ଜୁନ ୨୯ର ଚୟନ ବିଜ୍ଞପ୍ତିରେ ସ୍ଥାନ ପାଇଥିଲେ। ତେବେ ନିଯୁକ୍ତିକୁ ଅନୁମୋଦନ ନେଇ ୨୦୨୧, ଅକ୍ଟୋବର ୪ରେ ଚୟନ ବୋର୍ଡ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହି ବୈଠକ ଧାର୍ଯ୍ୟ ତାରିଖରେ ବସି ନ ଥିଲା ବେଳେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୧, ଜୁନ ୨୯ର ଚୟନ ବିଜ୍ଞପ୍ତି ଆଧାରରେ ଆବେଦନକାରୀଙ୍କ ନିଯୁକ୍ତି ପ୍ରସଂଗରେ ୮ସପ୍ତାହ ଭିତରେ ଚୂଡାନ୍ତ ନିଷ୍ପତ୍ତି ନେବାକୁ ଚୟନ ବୋର୍ଡକୁ ହାଇକୋର୍ଟ ଗତ ୨୦୨୩, ମେ ୧୯ରେ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟକୁ ଚାଲେଞ୍ଜ କରି ବିଧାନସଭା ସଚିବାଳୟ ତରଫରୁ ଦୁଇଜଣିଆ ଖଣ୍ଡପୀଠରେ ରିଟ ଅପିଲ ଦାୟର କରାଯାଇଥିଲା। ହାଇକୋର୍ଟରେ ରିଟ ଅପିଲ ବିଚାରାଧୀନ ଥିବା ବେଳେ ଚୟନ କମିଟି ୨୦୨୩, ଜୁଲାଇ ୨୧ରେ ସମଗ୍ର ଚୟନ ପ୍ରକ୍ରିୟାକୁ ବାତିଲ ପାଇଁ ନିର୍ଦ୍ଦେଶ ଦେଇଥିଲା। ଏହାପରେ ଆବେଦନକାରୀ ପୁଣି ୨୦୨୩ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

---

**■ ଅଢ଼େଇ ବର୍ଷ ପରେ ହତ୍ୟାକାଣ୍ଡର ପର୍ଦ୍ଦାଫାସ କଲା କ୍ରାଇମବ୍ରାଞ୍ଚ**

# ଅଭିଯୁକ୍ତଙ୍କୁ ଧରାଇଲା ଡିଏନ୍‌ଏ ପରୀକ୍ଷା ଓ ଚପଲ

**ଗୁଣିଗାରେଡ଼ି ସନ୍ଦେହରୁ ହତ୍ୟା କରି କୂଅରେ ଫିଙ୍ଗିଥିଲେ, ୩ ଗିରଫ**

କଟକ,୪।୭(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନାଞ୍ଚଳରେ ଘଟିଥିବା ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ଓଡ଼ିଶା କ୍ରାଇମବ୍ରାଞ୍ଚ। ସାଇଣ୍ଟିଫିକ୍ ପଦ୍ଧତି ଏବଂ ଡିଏନଏ ପ୍ରୋଫାଇଲିଂ ସାହାଯ୍ୟରେ ଦୀର୍ଘ ଅଢେଇ ବର୍ଷ ପରେ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି କ୍ରାଇମବ୍ରାଞ୍ଚ। ଏହି ଜଘନ୍ୟ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଦୁଇ ମୁଖ୍ୟ ଅଭିଯୁକ୍ତ ବଣସାହି ଗ୍ରାମର ସାଙ୍ଗ ରାମୋହନ ସିଂ ଓରଫ୍ ବିଦା ସିଂ ଓ. ନରହରି ସିଂ ଓରଫ୍ ବାପି ସିଂ ଓ ଆଉ ଜଣେ କିଶୋର। ଏମାନଙ୍କୁ ଗତ ଜୁଲାଇ ୨ ତାରିଖରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। କଟକସ୍ଥିତ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟଠାରେ କ୍ରାଇମବ୍ରାଞ୍ଚର ଡିଜି ବିନୟତୋଷ ମିଶ୍ର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରିଛନ୍ତି। ପୁଲିସ ଏକ ଗଳିତ ଶବ ଉଦ୍ଧାର କରିଥିଲେ ମଧ୍ୟ ଏହା ନିକଟରେ ମିଳିଥିବା ଚପଲକୁ ଚିହ୍ନଟ କରି ଉକ୍ତ ଶବ ନିଜ ପିତାଙ୍କ ବୋଲି ଦାବି କରିଥିଲା ପୁଅ। ଗତ ୨୦୨୩ ନଭେମ୍ବର୮ ରେ ଉଦଳା ଥାନା ଅନ୍ତର୍ଗତ ଏକ ନିଛାଟିଆ କାଜୁ ଜଙ୍ଗଲରେ ଥିବା ପରିତ୍ୟକ୍ତ କୂଅ ଭିତରୁ ଏକ ବସ୍ତା ବନ୍ଧା ଅଜଣା ପୁରୁଷଙ୍କ ଗଳିତ ଶବ ଉଦ୍ଧାର କରାଯାଇଥିଲା। ଗତ ଜୁନ୍ ୨୯ ତାରିଖରେ ଆସିଥିବା ଡିଏନଏ ରିପୋର୍ଟ ଅନୁସାରେ, ମୃତ ବ୍ୟକ୍ତିଜଣକ ଉଦଳା ଥାନା ସୁଖୁଆସାହି ଗ୍ରାମର ଯୁବରାଜ ସିଂ ବୋଲି ଜଣାପଡ଼ିଛି। ଗୁଣି ଗାରେଡ଼ି ସନ୍ଦେହରେ ଯୁବରାଜଙ୍କୁ ହତ୍ୟା କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି।

---

# ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ଧମକ



ମେଲବୋର୍ଣ୍ଣ, ୪।୭: ଆସନ୍ତା ୯ ତାରିଖ ଦିନ ଅଷ୍ଟ୍ରେଲିଆ ଗସ୍ତରେ ଯାଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେହିଦିନ ମେଲବୋର୍ଣ୍ଣରେ ତାଙ୍କର ଏକ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ତାଙ୍କୁ ମାରିବା ଲାଗି ସାମାଜିକ ଗଣମାଧ୍ୟମରେ ଧମକ ଦିଆଯାଇଛି। ଏହି ସୂଚନା ପାଇବା ପରେ ଅଷ୍ଟ୍ରେଲିଆର ଫେଡେରାଲ ପୁଲିସ ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଛି।

---

# ଆମେରିକାରେ ଓଡିଆ ପରମ୍ପରାକୁ ପ୍ରଶଂସା

**୫୭ତମ 'ଓସା' ସମ୍ମିଳନୀରେ ଯୋଗଦେଲେ ଅଚ୍ୟୁତ ସାମନ୍ତ**

ଭୁବନେଶ୍ୱର,୪।୭ (ସମିସ): ଆମେରିକାରେ ଓଡ଼ିଆମାନେ ବସବାସ କରୁଥିଲେ ମଧ୍ୟ ଓଡ଼ିଆ ପରମ୍ପରାକୁ ଭୁଲିନାହାନ୍ତି। ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଆମେରିକାରେ ରହୁଥିଲେ ମଧ୍ୟ ବେଶ ଗୁରୁତ୍ୱ ଦେଉଥିବାରୁ ଓଡିଶା ଆସୋସିଏସନ୍ ଇନ୍ ଆମେରିକା (ଓସା)କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଉଚ୍ଚ ପ୍ରଶଂସା କରିଛନ୍ତି। ଶନିବାର ମିନିଆପୋଲିସରେ ଓସାର ୫୭ତମ ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ଶ୍ରୀ ସାମନ୍ତ କହିଲେ, ଓସା ପକ୍ଷରୁ କରାଯାଇଥିବା ମିଳନ ପର୍ବ ବାସ୍ତବରେ ଏକ ବିରଳ ଅନୁଭୂତି।ଭୁବନେଶ୍ୱର,୪।୭(ସମିସ): ଏହି ମୁହୂର୍ତ୍ତକୁ ଅନେକ ଓଡ଼ିଆ ଆମେରିକା ଓ ଓଡିଶାର ଲୋକମାନେ ଅପେକ୍ଷା କରିଥାନ୍ତି। ଏହି ପରିପ୍ରେକ୍ଷୀରେ ସେ ଓଡିଶାର ବିକାଶରେ ଏହି ସଂଗଠନର ଅବଦାନ ସହିତ ଓଡ଼ିଆ ପରିଚୟ ଏବଂ ସଂସ୍କୃତିକୁ ସଂରକ୍ଷଣ କରିବାରେ ଏହାର ଭୂମିକାକୁ ପ୍ରଶଂସା କରିଥିଲେ। ସମ୍ମିଳନୀରେ ସମବେତ ୧ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡିଆ ପରିବାରକୁ ସମ୍ବୋଧିତ କରି ତାଙ୍କୁ ନିମନ୍ତ୍ରଣ କରିଥିବାରୁ ଆୟୋଜକମାନଙ୍କୁ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ କିଟ୍-କିସ୍ ଓ ଓସା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ




ହୋଇଥିଲା। ଏଥିରେ କିଟ୍-କିସ୍ ପକ୍ଷରୁ ଅଚ୍ୟୁତ ସାମନ୍ତ ଓ ଓସା ପକ୍ଷରୁ ଏହାର ସଭାପତି ନାଗେଶ୍ୱର ରଜନଲା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ବୁଝାମଣା ଅନୁସାରେ ଉଭୟ ଅନୁଷ୍ଠାନ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ଦିଗରେ କାର୍ଯ୍ୟ କରିବା ସହ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ, ଷ୍ଟାର୍ଟଅପ୍ ଇନକ୍ୟୁବେଟର, ନବସର୍ଜନା ପ୍ରୟୋଗଶାଳା ଏବଂ ବୃତ୍ତିଗତ ବିନିମୟ କାର୍ଯ୍ୟକ୍ରମରେ ସହଯୋଗ ପାଇଁ ବ୍ୟବସ୍ଥା କରିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ହସ୍ପିଟାଲ ପ୍ରତିଷ୍ଠାତା ଡ. ସୀତାକାନ୍ତ ଦାଶ, ଚିକାଗୋରେ ଭାରତର କନସଲ ଜେନେରାଲ ସୋମନାଥ ଘୋଷ, ଡ. ଓମକାର ନାଥ ମହାନ୍ତି, ଓସା ସଭାପତି ନାଗେଶ୍ୱର ରାଜନଳା, ଉପସଭାପତି ଉତ୍କଳ ନାୟକ, ସମ୍ପାଦକ ସ୍ନିଗ୍ଧା ହୋତା, କୋଷାଧ୍ୟକ୍ଷ ସଞ୍ଜୀବ ରାଉତଙ୍କ ସମେତ ଯୁକ୍ତରାଷ୍ଟ୍ର ଓ କାନାଡାର ବହୁ ବିଶିଷ୍ଟ ପ୍ରବାସୀ ଓଡିଆ ଉପସ୍ଥିତ ଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୪୦ ● ପାଉଣ୍ଡ ୧୨୫.୭୦
- ୟୁରୋ ୧୦୯.୨୧ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୪,୫୦୦ (ଭୁବନେଶ୍ୱର)
- ରୁପା : ୨,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୭,୭୬୩.୦୦
- ନିଫ୍ଟି ୨୪,୨୭୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦




## ବିଶ୍ୱ ବଜାରରେ କମୁଛି ଅଶୋଧିତ ତୈଳ ଦର; ଦେଶରେ କମୁନି ପେଟ୍ରୋଲ୍ ଡିଜେଲ୍

# ୧୦ ଟଙ୍କା ଲାଭ କରୁଛନ୍ତି ତେଲ କମ୍ପାନୀ

**ନୂଆଦିଲ୍ଲୀ,୪।୭(ଏଜେନ୍ସି):** ପଶ୍ଚିମ ଏସିଆରେ ଶାନ୍ତି ଆଶା ମଧ୍ୟରେ ସମ୍ପ୍ରତି ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଯଥେଷ୍ଟ ହ୍ରାସ ଘଟିଛି। ଫଳ ସ୍ୱରୂପ ତେଲ ଦର ବ୍ୟାରେଲ ପିଛା ପାଖାପାଖି ୭୦ ଡଲାରକୁ ଖସିଆସିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ପରେ ଘରୋଇ ବଜାରରେ ତେଲ ଦର କମିବାର ନାଁ ଧରୁନାହିଁ। ହେଲେ ଏଥିଯୋଗୁ ଦେଶରେ ଗ୍ରାହକମାନଙ୍କୁ ସେମିତି କିଛି ଆଶ୍ୱସ୍ତି ମିଳିବ ନାହିଁ। ଏହି ସମୟରେ, ଅନେକ ଦେଶ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ କରି ସେମାନଙ୍କ ନାଗରିକମାନଙ୍କୁ ମୁଦ୍ରାସ୍ଫୀତିରୁ ମୁକ୍ତି ଦେବା ଆରମ୍ଭ କରିଥିବାବେଳେ ଭାରତରେ କିନ୍ତୁ, ସ୍ଥିତି ଭିନ୍ନ। ଭାରତରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକଏହି ପରିସ୍ଥିତିରୁ ମୁନାଫା କମାଇବାରେ ବ୍ୟସ୍ତ। ଯାହା ଫଳରେ ଭାରତରେ ଖାଉଟିଙ୍କୁ ବିଶ୍ୱ ବଜଶରରେ ଅଶୋଧିତ ତୈଳ ଦର ହ୍ରାସରୁ କୌଣସି ଲାଭ ମିଳୁନାହିଁ। ବର୍ତ୍ତମାନ ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଯଥେଷ୍ଟ ହ୍ରାସ ଘଟିଛି। ଫଳ ସ୍ୱରୂପ ତେଲ ଦର ବ୍ୟାରେଲ ପିଛା ପାଖାପାଖି ୭୦ ଡଲାରକୁ ଖସିଆସିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସର ଲାଭ କେବଳ ସରକାରୀ ତେଲ କମ୍ପାନୀଙ୍କୁ ମିଳୁଛି। ବର୍ତ୍ତମାନ ତେଲ ମାର୍କେଟିଂ କମ୍ପାନୀ(ଓଏମ୍‌ସି) ଗୁଡ଼ିକ ପ୍ରତି ଲିଟର ପେଟ୍ରୋଲ ଏବଂ ଡିଜେଲରେ ୧୦ ଟଙ୍କା ଲାଭ କରୁଛନ୍ତି।


ନିକଟରେ ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ପରେ ଘରୋଇ କମ୍ପାନୀ ନାୟରା ଏନର୍ଜି ପେଟ୍ରୋଲ ଲିଟର ପିଛା ୫ ଟଙ୍କ ଏବଂ ଡିଜେଲରେ ୩ ଟଙ୍କା ହ୍ରାସ କରିଛି। ଏହାସତ୍ତ୍ୱେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ହ୍ରାସ କରିନାହାଁନ୍ତି। ଅନେକ ଦେଶ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ କରିବା ଆରମ୍ଭ କରିଛନ୍ତି। ପାକିସ୍ତାନ କ୍ରମାଗତ ଭାବେ ୬ ଥର ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ କରିଛି। ତେବେ ଶ୍ରୀଲଙ୍କା ଏବଂ ନେପାଳ ମଧ୍ୟ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ କମ୍ କରିଛନ୍ତି। ଭାରତଠାରୁ ତେଲ କିଣୁଥିବା ନେପାଳ ତେଲ ଦରରେ ୧୭% ପର୍ଯ୍ୟନ୍ତ ହ୍ରାସ କରିଛି। ହେଲେ ଭାରତରେ ସରକାର ପେଟ୍ରୋ ଏବଂ ଡିଜେଲ ଦର କମାଇବାକୁ ସମ୍ପୂର୍ଣ୍ଣ ଅରାଜି। ଏଠାରେ ସୂଚନାଯୋଗ୍ୟ ଯେ, ଭାରତର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ମେ' ମାସରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ମାତ୍ର ୧୦ ଦିନରେ ଚାରି ଥରରେ ପାଖାପାଖି ୮ ଟଙ୍କା ବୃଦ୍ଧି ଘଟାଇଥିଲେ। ଯାହାଫଳରେ ପେଟ୍ରୋଲ ଲିଟର ପିଛା ୧୦୯.୧୫ ଟଙ୍କା ଏବଂ ଡିଜେଲ ୧୦୦.୮୦ ଟଙ୍କାରେ ପହଞ୍ଚିଛି।



ଏହା ଉପରେ ଯୁକ୍ତି ଦର୍ଶାଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ମଧ୍ୟ କହିଛନ୍ତି ଯେ ଆଜି ବିକ୍ରି ହେଉଥିବା ପେଟ୍ରୋଲ ଏବଂ ଡିଜେଲ ପ୍ରାୟ ଦୁଇ ମାସ ପୂର୍ବେ ସେତେବେଳର ବର୍ତ୍ତମାନର ମୂଲ୍ୟରେ କିଣାଯାଇଥିବା ଅଶୋଧିତ ତୈଳରୁ ତିଆରି। ତଥାପି, ତୈଳ ବିଶୋଧନ କ୍ଷେତ୍ରର ବରିଷ୍ଠ ଅଧିକାରୀମାନେ କୁହନ୍ତି ଯେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସିଧାସଳଖ ଅଶୋଧିତ ତୈଳ ମୂଲ୍ୟ ଦ୍ୱାରା ନିର୍ଣ୍ଣୟ କରାଯାଏନାହିଁ। ବରଂ, ଏହା ଅନ୍ତର୍ଜାତୀୟ ବଜାରରେ ସମାପ୍ତ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଉପରେ ଆଧାରିତ। ଯେ ପର୍ଯ୍ୟନ୍ତ ଏହି ସମାପ୍ତ ଇନ୍ଧନର ଅନ୍ତର୍ଜାତୀୟ ମୂଲ୍ୟ ହ୍ରାସ ନହୁଏ, ତେଲ ମାର୍କେଟିଂ କମ୍ପାନୀଗୁଡ଼ିକ ରାଜସ୍ୱ କ୍ଷତି ସହିବେ। ଅଧିକାରୀଙ୍କ ଅନୁଯାୟୀ, ତୈଳ କମ୍ପାନୀଗୁଡ଼ିକ ଏକ ଜଟିଳ ସୂତ୍ର ଉପରେ ଆଧାରିତ ଖର୍ଚ୍ଚ ନିର୍ଣ୍ଣୟ କରିଥାନ୍ତି। ଏଥିରେ ଦୁବାଇ ଏବଂ ସିଙ୍ଗାପୁରରେ ଉତ୍ପାଦିତ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ, ଅନ୍ତର୍ଜାତୀୟ ସମୁଦ୍ର ପରିବହନର ମୂଲ୍ୟ ଏବଂ ଟଙ୍କା-ଡଲାର ବିନିମୟ ହାର ଅନ୍ତର୍ଭୁକ୍ତ। ତେଣୁ, ଯଦିଓ ପେଟ୍ରୋଲ ଏବଂ ଡିଜେଲ ଭାରତରେ ଉତ୍ପାଦିତ ହୁଏ, ତଥାପି ଅନ୍ତର୍ଜାତୀୟ ବଜାର ଏବଂ ଡଲାର ତୁଳନାରେ ଟଙ୍କାର ଦୁର୍ବଳତା ସେମାନଙ୍କ ମୂଲ୍ୟ ନିର୍ଦ୍ଧାରଣ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। ଶ୍ରୀ ପୁରୀଙ୍କ ଯୁକ୍ତି ହେଉଛି, ଯେହେତୁ ଅଶୋଧିତ ତୈଳ ଦର ବ୍ୟାରେଲ ପ୍ରତି ୧୨୮ ଡଲାରରୁ ପ୍ରାୟ ୭୦ ଡଲାରକୁ ହ୍ରାସ ପାଇଛି, ତେଣୁ ପେଟ୍ରୋଲ ଏବଂ ଡିଜେଲ ମଧ୍ୟ ଶସ୍ତା ହେବା ଉଚିତ। ଶ୍ରୀ ପୁରୀଙ୍କ ମତରେ ଏପରି ତୁଳନା ସମ୍ପୂର୍ଣ୍ଣ ଚିତ୍ରକୁ ପ୍ରତିଫଳିତ କରେନାହିଁ। ସେ ସ୍ପଷ୍ଟ କରିଛନ୍ତି ଯେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସର ପ୍ରଭାବ ଭାରତୀୟ ବଜାରରେ ତୁରନ୍ତ ଦେଖାଯାଏନାହିଁ। ତେଣୁ, ହ୍ରାସ ହୋଇଥିବା ବିଶ୍ୱ ମୂଲ୍ୟର ଲାଭ ଗ୍ରାହକମାନଙ୍କ ପାଖରେ ପହଞ୍ଚିବା ପାଇଁ କିଛି ସମୟ ଲାଗିପାରେ।

# ପେଟ୍ରୋଲ ପରେ ଡିଜେଲରେ ୧୫% ଆଇସୋବୁଟାନଲ୍ ମିଶ୍ରଣ ଯୋଜନା

**ନୂଆଦିଲ୍ଲୀ,୪।୭(ଏଜେନ୍ସି):** ପେଟ୍ରୋଲ ପରେ କେନ୍ଦ୍ର ସରକାର ଏବେ ଡିଜେଲରେ ୧୫% ପର୍ଯ୍ୟନ୍ତ ଆଇସୋବୁଟାନଲ୍ ମିଶ୍ରଣ କରିବାକୁ ପ୍ରସ୍ତୁତ ହେଉଛନ୍ତି। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଯେ ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଭାରତର ଜୀବାଶ୍ମ ଇନ୍ଧନ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ସ୍ୱଚ୍ଛ ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରିବା। ଇଥାନଲ୍ ସିଧାସଳଖ ଡିଜେଲ ସହିତ ମିଶ୍ରିତ ହୋଇପାରିବନାହିଁ। ତେଣୁ, ସରକାର ଡିଜେଲ ବିକଳ୍ପ ଭାବରେ ବ୍ୟବହାର କରିବା ପାଇଁ ଇଥାନଲ୍‌ରୁ ଆଇସୋବୁଟାନଲ୍ ଉତ୍ପାଦନ ଉପରେ କାମ କରୁଛନ୍ତି।




ଶ୍ରୀ ଗଡକରୀ କହିଛନ୍ତି, ଇଥାନଲ୍ ସିଧାସଳଖ ଡିଜେଲ ସହିତ ମିଶ୍ରିତ ହୋଇପାରିବ ନାହିଁ, ତେଣୁ ଆମେ ଇଥାନଲ୍ ରୁ ଆଇସୋବୁଟାନଲ୍ ଉତ୍ପାଦନ କରୁଛୁ। ଆଇସୋବୁଟାନଲ୍ ଡିଜେଲର ବିକଳ୍ପ ହୋଇପାରେ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସରକାର ଡିଜେଲରେ ୧୫% ପର୍ଯ୍ୟନ୍ତ ଆଇସୋବୁଟାନଲ୍ ମିଶ୍ରିତ କରିବାକୁ ଅନୁମତି ଦେବା ପାଇଁ କାର୍ଯ୍ୟ କରୁଛି। ତାଙ୍କ ଅନୁସାରେ, ଏହି ପଦକ୍ଷେପ ଭାରତକୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ଏବଂ ସ୍ୱଚ୍ଛ ପରିବହନ ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେବ। ନୀତିନ ଗଡକରୀ କହିଛନ୍ତି ଯେ ଆଇସୋବୁଟାନଲ୍ ସହିତ ପରିଚାଳିତ ପାଇଲଟ୍ ପ୍ରୋଜେକ୍ଟଗୁଡ଼ିକର ଫଳାଫଳ ବହୁତ ସକାରାତ୍ମକ ହୋଇଛି। ଏହା ସରକାରଙ୍କ ଆତ୍ମବିଶ୍ୱାସକୁ ବୃଦ୍ଧି କରିଛି ଯେ ଭବିଷ୍ୟତରେ ଏହି ଇନ୍ଧନକୁ ବଡ଼ ପରିମାଣରେ ବ୍ୟବହାର କରାଯାଇପାରିବ। ଗଡକାରୀ କହିଛନ୍ତି, ଆମେ ୧୦୦% ଇଥାନଲ୍ ଏବଂ ଆଇସୋବୁଟାନଲ୍ ଉପରେ ଦୁଇଟି ଜେନେରେଟର ସଫଳତାର ସହ ଚଳାଇଛୁ। ଏହା ପ୍ରମାଣ କରେ ଯେ ଏହି ଇନ୍ଧନରେ ସୁଗମ ଭାବରେ କାର୍ଯ୍ୟ କରିପାରିବ ଏପରି ଇଞ୍ଜିନ୍ ତିଆରି କରାଯାଇପାରିବ। ଆଇସୋବୁଟାନଲ୍ କୁ ପରବର୍ତ୍ତୀ ପିଢ଼ିର ଜୈବ ଇନ୍ଧନ ଭାବରେ ବିବେଚନା କରାଯାଏ। ଏହାର ଶକ୍ତିକ୍ଷମତା ଅନେକ ପାରମ୍ପରିକ ଜୈବ ଇନ୍ଧନ ଅପେକ୍ଷା ଅଧିକ। ଏହା ସହିତ, ଏହା ଇଞ୍ଜିନ ସହିତ ଭଲ ଭାବରେ କାମ କରେ ଏବଂ ଅପେକ୍ଷାକୃତ କମ୍ ପ୍ରଦୂଷଣ ସୃଷ୍ଟି କରେ। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପେଟ୍ରୋଲରେ ସରକାରଙ୍କ ଇ-୨୦ ଇଥାନଲ୍ ମିଶ୍ରଣ କାର୍ଯ୍ୟକ୍ରମକୁ ସମର୍ଥନ କରିବାର କିଛି ଦିନ ପରେ ଗଡକରୀଙ୍କ ଘୋଷଣା ଆସିଛି।

# ମାଲାବାର ଗୋଲ୍ଡର 'ଡାଇମଣ୍ଡ ଶୋ'

**ଭୁବନେଶ୍ୱର,୪।୭(ସମିସ):** ବିଶ୍ୱ ଅଳଙ୍କାର ଖୁଚୁରା ବିକ୍ରେତା ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏହାର ଲୋକପ୍ରିୟ ଉପ-ବ୍ରାଣ୍ଡ, ମାଇନ୍ ଡାଇମଣ୍ଡସ୍ ରୁ ଉତ୍କୃଷ୍ଟ ହୀରା ଅଳଙ୍କାରର ଏକ ଉତ୍କୃଷ୍ଟ ପ୍ରଦର୍ଶନୀ 'ଡାଇମଣ୍ଡ ଶୋ' ଉନ୍ମୋଚନ କରିଛି। ଏହି ଅତ୍ୟନ୍ତ ପ୍ରତୀକ୍ଷିତ ଅଭିଯାନ ଜୁଲାଇ ୩ରୁ ୧୨ ପର୍ଯ୍ୟନ୍ତ କେବଳ ଭୁବନେଶ୍ୱରର ସମସ୍ତ ସହୀଦ-ନଗର ଷ୍ଟୋରରେ ଅନୁଷ୍ଠିତ ହେବ। ଡାଇମଣ୍ଡ ଶୋ'ରେ, ଗ୍ରାହକମାନେ ସଲିଟାୟାର, ପାର୍ଟି ପୋଷାକ, କାଜୁଆଲ୍ ପିକ୍ସ ଏବଂ ବ୍ରାଇଡାଲ୍ ପସନ୍ଦ ସମେତ ବିଭିନ୍ନ ପ୍ରକାରର ହୀରା ଅଳଙ୍କାର ଅନୁସନ୍ଧାନ କରିପାରିବେ। କଲେକ୍ସନ୍‌ରେ ଷ୍ଟେଟମେଣ୍ଟ ନେକପିସ୍, ଚମତ୍କାର କାନଫୁଲ, ସୂକ୍ଷ୍ମ ଷ୍ଟଡ୍ ଏବଂ ଅଙ୍ଗୁଠି ଅନ୍ତର୍ଭୁକ୍ତ। ଏହି ଶୋ'କୁ ଓଲିଉଡ ଅଭିନେତ୍ରୀ ନିକିତା ମିଶ୍ର ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଅନ୍ୟାନ୍ୟ ପରିଚାଳନା କର୍ମଚାରୀଙ୍କ ଉପସ୍ଥିତିରେ



### 'ନୁଓ୍ୱା' କଲେକ୍ସନ୍ ଉନ୍ମୋଚିତ

ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏକ ନୂତନ ପ୍ରାକୃତିକ ହୀରା ଅଳଙ୍କାରର କଲେକ୍ସନ୍ 'ନୁଓ୍ୱା' ମଧ୍ୟ ଉନ୍ମୋଚନ କରିଛି। ଏହା ଉପରେ ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଏମ୍. ପି. ଅହମ୍ମଦ କହିଛନ୍ତି, ଏହି କଲେକ୍ସନ୍‌ର ମୂଳରେ ପ୍ୟାଟର୍ଣ୍ଣ ପ୍ଲେ - ଜଟିଳ ଟେକ୍ସଚର୍, ଗଠନ ଏବଂ ବିବରଣୀ ପାଇଁ ପ୍ରଶଂସା ଅଛି, ଯାହା ଆମ ଚାରିପାଖର ବିଶ୍ୱକୁ ନୀରବରେ ଆକାର ଦିଏ। ନୁଓ୍ୱା ସହି।, ଆମେ ସେହି ସୌନ୍ଦର୍ଯ୍ୟକୁ ଏକ ସମସାମୟିକ ହୀରାରେ ଅନୁବାଦ କରିବାକୁ ଚାହୁଁଥିଲୁ। ଏହି କଲେକ୍ସନ୍, ଯାହା ଆଜିର ମହିଳାଙ୍କ ପାଇଁ ସୁସଂସ୍କୃତ, ବହୁମୁଖୀ ଏବଂ ପ୍ରାସଙ୍ଗିକ ଅନୁଭବ କରେ।

# ଜୁଏଲର୍ସଙ୍କ ପାଖରେ ଜମା ରହିବ ସୁନା

**ନୂଆଦିଲ୍ଲୀ,୪।୭(ଏଜେନ୍ସି):** ଏବେ ଘରେ ରଖିବା ପରିବର୍ତ୍ତେ ଲୋକେ ସୁନା ଅଳଙ୍କାରକୁ ବ୍ୟାଙ୍କ ପରି ଡିଲରଙ୍କ ପାଖରେ ଜମା କରିପାରିବେ। ଏହି ଜମା ବାବଦ ମିଳିବ ସୁଧ ଅର୍ଥ। କାରଣ କେନ୍ଦ୍ର ସରକାର ଦେଶରେ ଏକ 'ଗୋଲ୍ଡ ମନିଟାଇଜେସନ୍ ସ୍କିମ୍' ଆରମ୍ଭ କରିବାକୁ ଯାଉଛନ୍ତି। ଏହି ନୂତନ ଯୋଜନାରେ ସାରା ଦେଶର ସୁନା ବ୍ୟବସାୟୀଙ୍କୁ କଲେକ୍ସନ୍ ପାର୍ଟନର ଭାବରେ ସାମିଲ କରାଯିବ। ସେମାନେ ସାଧାରଣ ଲୋକଙ୍କଠାରୁ ସୁନା ସଂଗ୍ରହ କରିବେ। ପୂର୍ବରୁ କେବଳ ବ୍ୟାଙ୍କଗୁଡ଼ିକୁ ସୁନା ଜମା ଗ୍ରହଣ କରିବାକୁ ଅନୁମତି ଦିଆଯାଇଥିଲା। ଏବେ ଜୁଏଲର୍ସମାନେ ଏହି ସ୍କିମ୍‌ରେ ସରକାରଙ୍କ ସହ ପାର୍ଟନର ଭାବେ ରହି କାର୍ଯ୍ୟ କରିବେ। ତେବେ ୨୦୧୫ ମସିହାରେ ସୁନା ଆମଦାନୀ ହ୍ରାସ କରିବା ପାଇଁ ସରକାର ଏପରି ଏକ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ, ଲୋକମାନେ ସେମାନଙ୍କର ସୁନା ବ୍ୟାଙ୍କରେ ଜମା କରି ବାର୍ଷିକ ୨.୨୫% ରୁ ୨.୫% ସୁଧ ପାଇବେ ବୋଲି କୁହାଯାଇଥିଲା। ହେଲେ ଶେଷରେ ଏହି ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଥିଲା।



**ଗୋଲ୍ଡ ମନିଟାଇଜେସନ୍ ସ୍କିମ୍**

**ମିଳିବ ୨.୫ ପ୍ରତିଶତ ପର୍ଯ୍ୟନ୍ତ ସୁଧ**

**ସୁନା ବ୍ୟବସାୟୀ ରହିବେ କଲେକ୍ସନ୍ ପାର୍ଟନର**

**ସରକାରଙ୍କ ୧୦୦୦ ଟନ୍ ସୁନା ସଂଗ୍ରହ ଲକ୍ଷ୍ୟ**

**୨୦୧୫ରେ ଏପରି ଯୋଜନା ଫେଲ୍ ମାରିଥିଲା**

'ଗୋଲ୍ଡ ମନିଟାଇଜେସନ୍ ସ୍କିମ୍' ଅନୁଯାୟୀ, ଏହି ଯୋଜନାରେ ସୁନା ବ୍ୟବସାୟୀ ନିକଟରେ ସୁନା ଜମା ବାବଦ ଲୋକେ ୨.୫% ପର୍ଯ୍ୟନ୍ତ ସୁଧ ପାଇପାରିବେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସରକାର ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଏହି ନୂଆ ଯୋଜନା ପ୍ରଚଳନ କରିବାକୁ ଯୋଜନା କରୁଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାଗରିକମାନଙ୍କୁ ଗୋଟିଏ ବର୍ଷ ପାଇଁ ସୁନା କିଣିବା ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଏହାପରେ ଏବେ ଉପରୋକ୍ତ ନୂଆ ପଦକ୍ଷେପ ନିଆଯାଇଛି।ଅଲ୍ ଇଣ୍ଡିଆ ଜୁଏଲର୍ସ ଆଣ୍ଡ ଗୋଲ୍ଡସ୍ମିଥ୍ସ ଫେଡେରେସନ୍ (ଏଆଇଜେଜିଏଫ୍) କହିଛି ଯେ ନୂତନ ନିୟମ ଅନୁଯାୟୀ, ଅଳଙ୍କାର ବ୍ୟବସାୟୀମାନଙ୍କୁ ସେମାନଙ୍କର କଲେକ୍ସନ୍ ବାଣ୍ଟିବାକୁ ଅନୁମତି ଦିଆଯିବନାହିଁ। ଘରେ ରଖାଯାଇଥିବା ସୁନା କଲେକ୍ସନ୍‌କୁ ତ୍ୱରାନ୍ୱିତ କରାଯିବ। ଆଶା କରାଯାଉଛି ଯେ 'ଗୋଲ୍ଡ ମନେଟାଇଜେସନ୍' ସ୍କିମ୍ ଜରିଆରେ ସରକାର ବଜାରରୁ ୧୦୦୦ ଟନ୍‌ରୁ ଅଧିକ ସୁନା ସଂଗ୍ରହ କରିବେ। ମିଡିଆ ରିପୋର୍ଟ ଅନୁଯାୟୀ, ଯଦି ଏହି ନୂତନ ଯୋଜନା ଅଧୀନରେ ଭାରତୀୟ ପରିବାରମାନଙ୍କ ଦ୍ୱାରା ରଖାଯାଇଥିବା ମୋଟ ସୁନାର କେବଳ ୫% ଜମା କରାଯାଏ, ତେବେ ଏହା ଘରୋଇ ବଜାରରେ ପ୍ରାୟ ୯୦ ବିଲିୟନ ଡଲାର (ପ୍ରାୟ ୮.୫୭ ଲକ୍ଷ କୋଟି ଟଙ୍କା) ନଗଦ ଅର୍ଥ ପ୍ରବାହ କରାଇବ। ଏହା ଭାରତକୁ ଦୁଇ ବର୍ଷ ପାଇଁ ସୁନା ଆମଦାନି କରିବାରୁ ରୋକିବ, ଡଲାରର ଚାହିଦା ହ୍ରାସ କରିବ ଏବଂ ଭାରତୀୟ ସୁନାକୁ ମଜବୁତ କରିବ।

ବାଣିଜ୍ୟ ଏବଂ ଶିଳ୍ପ ସଂଘ ଆସୋଚାମ୍ (ଦି ଆସୋସିଏଟେଡ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ)ର ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ ପରିବାରଗୁଡ଼ିକରେ ୫୦ ହଜାର ଟନ୍ ସୁନା ମହଜୁଦ ରହିଛି, ଯାହାର ମୂଲ୍ୟ ପ୍ରାୟ ୧୦ ଟ୍ରିଲିୟନ ଡଲାର କିମ୍ବା ପ୍ରାୟ ୯ ଲକ୍ଷ ୫୦ ହଜାର କୋଟି ଟଙ୍କା। ଏହା ବିଶ୍ୱର ୧୦ଟି ବୃହତ କେନ୍ଦ୍ରୀୟ ବ୍ୟାଙ୍କର ମିଳିତ ଭଣ୍ଡାରଠାରୁ ଅଧିକ ହେବ। ଭାରତୀୟମାନଙ୍କ ପାଖରେ ଏତେ ସୁନା ଅଛି ଯେ, ଏହା ଆମେରିକା ଏବଂ ଚୀନ୍ ବ୍ୟତୀତ ବିଶ୍ୱର ପ୍ରାୟ ପ୍ରତ୍ୟେକ ଦେଶର ବାର୍ଷିକ ଜିଡିପିଠାରୁ ଅଧିକ ହେବ। ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ସର୍ବବୃହତ ସୁନା ଗ୍ରାହକ। ୨୦୨୬ ଆର୍ଥିକ ବର୍ଷରେ, ଭାରତ ପ୍ରତି ମାସରେ ହାରାହାରି ୬୦ ଟନ୍ ସୁନା ଆମଦାନି କରୁଛି, ଯାହା ପ୍ରାୟ ୬ ବିଲିୟନ ଡଲାର। ଏଠାରେ ସୂଚନାଯୋଗ୍ୟ ଯେ, ଶେଷ ଥର ପାଇଁ ୨୦୧୫ ମସିହାରେ ସୁନା ଆମଦାନୀ ହ୍ରାସ କରିବା ପାଇଁ ମୋଦି ସରକାର 'ଗୋଲ୍ଡ ମନିଟାଇଜେସନ୍ ସ୍କିମ୍' ଆରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ, ଲୋକମାନେ ସେମାନଙ୍କର ସୁନା ବ୍ୟାଙ୍କରେ ଜମା କରିପାରିବେ ଏବଂ ବାର୍ଷିକ ୨.୨୫%ରୁ ୨.୫% ସୁଧ ପାଇପାରିବେ। କିନ୍ତୁ ୧୦ ବର୍ଷ ମଧ୍ୟରେ ଏହି ଯୋଜନାରୁ କେବଳ ୩୮ ଟନ୍ ସୁନା ମିଳିଥିଲା। କମ୍ ସୁଧ ଯୋଗୁଁ ସରକାର ପରବର୍ତ୍ତୀ ସମୟରେ ସୁନାର ମଧ୍ୟମ ଏବଂ ଦୀର୍ଘକାଳୀନ ଜମା ବନ୍ଦ କରିଦେଇଥିଲେ।

# ଭାରତକୁ 'ମୃତ ଅର୍ଥନୀତି' କହିଥିବା ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ

**ନୂଆଦିଲ୍ଲୀ,୪।୭(ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁ-ଟର୍ଣ୍ଣ ନେଇଛନ୍ତି। ସେ ଭାରତର ଅର୍ଥନୀତିର ପ୍ରଦର୍ଶନକୁ ପ୍ରଶଂସା କରି କହିଛନ୍ତି ଯେ, ଦେଶ ବହୁତ ଭଲ କରୁଛି। ଏହା ଗତ ବର୍ଷ ସେ ଦେଇଥିବା ତାଙ୍କର ମନ୍ତବ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ। ସେ ବାଣିଜ୍ୟ ଉତ୍ତେଜନା ମଧ୍ୟରେ ସେତେବେଳେ ଟ୍ରମ୍ପ୍ ଭାରତକୁ ଏକ 'ମୃତ ଅର୍ଥନୀତି' ବୋଲି କହିଥିଲେ। ଗୁରୁବାର ଦିନ ଆମେରିକାର ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ଏକ ସାକ୍ଷାତକାରରେ, ଟ୍ରମ୍ପ ଭାରତକୁ ଏକ ଉଦାହରଣ ଭାବରେ ଉଲ୍ଲେଖ କରିଥିଲେ। ଟ୍ରମ୍ପ କହିଛନ୍ତି, କିଛି ଦେଶ ଅଛି - ଭାରତ ଗୋଟିଏ - ଯେଉଁମାନେ ବହୁତ ଭଲ କରୁଛନ୍ତି। ସେମାନଙ୍କର ଅଭିବୃଦ୍ଧି ହାର ୭-୮%। ସେ ଭାରତର ଅଭିବୃଦ୍ଧି ହାରକୁ ଆମେରିକା ସହିତ ତୁଳନା କରିଛନ୍ତି। ଆମେରିକାର ଅର୍ଥନୀତିକୁ ମଧ୍ୟ ବହୁତ ଦ୍ରୁତ ଗତିରେ ଅଭିବୃଦ୍ଧି କରିବାକୁ ଦିଆଯିବା ଉଚିତ ବୋଲି ସେ କହିଛନ୍ତି। ଜୁଲାଇରେ ସେ ବାଣିଜ୍ୟ ଏବଂ ରୁଷ ସହିତ ସମ୍ପର୍କକୁ ନେଇ ଭାରତକୁ କଡ଼ା ସମାଲୋଚନା କରିଥିଲେ। ଟ୍ରମ୍ପ୍ ତାଙ୍କର ଟ୍ରୁଥ୍ ସୋସିଆଲରେ ଲେଖିଥିଲେ, ଭାରତ ରୁଷ ସହିତ କ'ଣ କରେ ତାହା ମୋତେ ଚିନ୍ତା ନାହିଁ। ସେମାନେ ଚାହିଁଲେ ସେମାନଙ୍କର 'ମୃତ ଅର୍ଥନୀତି›କୁ ଏକାଥରେ ବୁଡ଼ାଇ ଦେଇପାରିବେ, ମୁଁ ଚିନ୍ତା କରେ ନାହିଁ। ସେହି ସମୟରେ ଟ୍ରମ୍ପ୍ ଆମେରିକାରେ ଭାରତୀୟ ଆମଦାନୀ ଉପରେ ୨୫% ଶୁଳ୍କ ଘୋଷଣା ମଧ୍ୟ କରିଥିଲେ।

# ରଥଯାତ୍ରା ପାଇଁ ଟିପିସିଓଡିଏଲ୍‌ର 'ମିଶନ ଚକାନୟନ-୨୦୨୬'

**ଭୁବନେଶ୍ୱର,୪।୭(ସମିସ):** ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ କରାଯାଉଥିବା ବ୍ୟାପକ ପ୍ରସ୍ତୁତିର ଅଂଶସ୍ୱରୂପ, ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଦିନିକିଆ ସ୍ୱତନ୍ତ୍ର ରକ୍ଷଣାବେକ୍ଷଣ ଅଭିଯାନ ମିଶନ ଚକାନୟନ-୨୦୨୬ ସଫଳତାର ସହ ଶେଷ ହୋଇଛି। ଭୁବନେଶ୍ୱର-୨ ସର୍କଲ୍ ଅଧୀନରେ ଥିବା ପୁରୀ, ଖୋର୍ଦ୍ଧା, ବାଲୁଗାଁ ଓ ନୟାଗଡ଼ ଡିଭିଜନରେ ପ୍ରାୟ ୪୦୦ କର୍ମଚାରୀ ଓ ବିଶେଷଜ୍ଞ ଦଳଙ୍କ ସହାୟତାରେ ଏହି ମିଶନ ପୁରୀ ସହର ଏବଂ ଏହାକୁ ସଂଯୋଗ କରୁଥିବା ପ୍ରମୁଖ ବିଦ୍ୟୁତ କରିଡରଗୁଡ଼ିକରେ କାର୍ଯ୍ୟକାରୀ କରାଯାଇଥିଲା। ଏହି ଅଭିଯାନରେ ୩୩ କେଭି, ୧୧ କେଭି ଓ ଏଲ୍‌ଟି ନେଟୱର୍କର ରକ୍ଷଣାବେକ୍ଷଣ, ଗଛର ଡାଳ କାଟିବା, ତାର ସଂଯୋଗୀକରଣ କରିବା, ହଟ୍‌ସ୍ପଟ୍ ସ୍ଥାନ ଗୁଡ଼ିକ ଠିକ୍ କରିବା, ବଜ୍ରପାତରୁ ରକ୍ଷା କରିବା ପାଇଁ ଲାଇଟନିଂ ଆରେଷ୍ଟର ଲଗାଇବା ସହ ପୁରୀ ଓ ଏହାର ଆଖପାଖ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଥିବା ପ୍ରାଥମିକ ସବ୍-ଷ୍ଟେସନ ଏବଂ ଟ୍ରାନ୍ସଫର୍ମରଗୁଡ଼ିକର ମରାମତି କରାଯାଇଛି। ମିଶନ ଚକାନୟନ-୨୦୨୬ର



ସଫଳ ସମାପ୍ତ ସହ, ଟିପିସିଓଡିଏଲ ରଥଯାତ୍ରା ସମୟରେ ନିରବଚ୍ଛିନ୍ନ, ଭରସାଯୋଗ୍ୟ ଏବଂ ସୁରକ୍ଷିତ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ନିଜର ବିଦ୍ୟୁତ ବିତରଣ ନେଟୱର୍କ ଓ ପ୍ରସ୍ତୁତିକୁ ଆହୁରି ମଜବୁତ କରିଛି।

# ଇପିଏଫ୍‌ଓ ପୋର୍ଟାଲରେ ହେବନି ୟୁଏଏନ୍ ଆକ୍ଟିଭେସନ୍

**ନୂଆଦିଲ୍ଲୀ,୪।୭(ଏଜେନ୍ସି):** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ପ୍ରାୟ ଗୋଟିଏ ସପ୍ତାହ ଧରି ଏକ ନିର୍ଦ୍ଧାରିତ ଅପଗ୍ରେଡ୍ ପରେ ଏହାର ୟୁନିଫାଏଡ୍ ସଦସ୍ୟ ପୋର୍ଟାଲ୍ ପୁନଃଲଞ୍ଚ କରିଛି। ଏହି ପ୍ରମୁଖ ସଫ୍ଟୱେର୍ ଏବଂ ଡାଟାବେସ୍ ଅପଗ୍ରେଡ୍ ପୋର୍ଟାଲର ସମ୍ପୂର୍ଣ୍ଣ ଇଣ୍ଟରଫେସ୍‌କୁ ପରିବର୍ତ୍ତନ କରିଛି। ଇପିଏଫ୍‌ଓ ଏହାର ସଦସ୍ୟଙ୍କ ପାଇଁ ସେବାରେ ମଧ୍ୟ ଅନେକ ପରିବର୍ତ୍ତନ କରିଛି। ଏହି ନୂତନ ଅପଗ୍ରେଡ୍ ପରେ, ଇପିଏଫ୍‌ଓ ପୋର୍ଟାଲ୍‌ରୁ ସିଧାସଳଖ ୟୁଏଏନ୍ ଆକ୍ଟିଭ୍ କରିବା ଏବଂ ନୂତନ ୟୁଏଏନ୍ ଜେନେରେଟ୍ କରିବାର କ୍ଷମତା ବନ୍ଦ କରିଦିଆଯାଇଛି। ଉଭୟ ସେବାକୁ ଏବେ ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ ଉମଙ୍ଗ୍ ଆପ୍‌କୁ ସ୍ଥାନାନ୍ତରିତ କରାଯାଇଛି। ଏହା ବ୍ୟତୀତ, ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଆଧାର-ଆଧାରିତ ଫେସ୍ ପ୍ରମାଣୀକରଣକୁ ବାଧ୍ୟତାମୂଳକ କରାଯାଇଛି। ଇପିଏଫ୍‌ଓ କହିଛି ଯେ ଏହି ପରିବର୍ତ୍ତନ ଅନଲାଇନ୍ ସେବାଗୁଡ଼ିକୁ ଅଧିକ ସୁରକ୍ଷିତ, ଦ୍ରୁତ ଏବଂ ନିର୍ଭରଯୋଗ୍ୟ କରିବ।




ସଫ୍ଟୱେର୍ ଅପଗ୍ରେଡ୍ ପରେ ଇପିଏଫ୍‌ଓ ୱେବସାଇଟରେ ଏକ ନୂତନ ୟୁଏଏନ୍ ସିଧାସଳଖ ଆବଣ୍ଟନ କରିବାର ସୁବିଧା ବନ୍ଦ କରିଦିଆଯାଇଛି। ୟୁଏଏନ୍‌ଆକ୍ଟିଭ୍ ଏବଂ ଆବଣ୍ଟନ ସେବା ଉଭୟ ଏବେ ଉମଙ୍ଗ ଆପ୍ ମାଧ୍ୟମରେ ସ୍ୱତନ୍ତ୍ର ଭାବରେ ଉପଲବ୍ଧ ହେବ। ଯଦି ଜଣେ ୟୁଏଏନ୍ ନମ୍ବର ଭୁଲିଯାଇଛନ୍ତି, ତେବେ ଏହାକୁ ପୁନରୁଦ୍ଧାର କରିବା ପାଇଁ ପ୍ରକ୍ରିୟା (ନୋ ୟୋର ୟୁଏଏନ୍) ସରଳ କରାଯାଇଛି। ୟୁଏଏନ୍ ଆକ୍ଟିଭ୍ ଏବେ ଉମଙ୍ଗ ଆପ୍ ମାଧ୍ୟମରେ ସମ୍ଭବ ହେବ। ଯଦି ଜଣେ ନୂତନ କର୍ମଚାରୀଙ୍କର ୟୁଏଏନ୍ ଆକ୍ଟିଭ୍ ହୋଇନାହିଁ, ତେବେ ଇପିଏଫ୍‌ଓ ୱେବସାଇଟ୍ ମାଧ୍ୟମରେ ଏହା କରିପାରିବେନାହିଁ। ଏଥିପାଇଁ, ଉମଙ୍ଗ ଆପ୍ ବ୍ୟବହାର କରିବାକୁ ପଡିବ। ସେହିପରି ନୂତନ ୟୁଏଏନ୍ ନମ୍ବର ଜେନେରେଟ୍ କରିବାର ପ୍ରକ୍ରିୟାରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏହାଛଡା ଯଦି ଜଣଙ୍କର ଏକ

### ଏବେ ଉମଙ୍ଗ୍ ଆପ୍ ମାଧ୍ୟମରେ ହୋଇପାରିବ ସବୁ କାମ

ପିଏଫ୍ ଆକାଉଣ୍ଟ ଅଛି କିନ୍ତୁ ୟୁଏଏନ୍ ନାହିଁ। କିମ୍ବା ଯେଉଁ କର୍ମଚାରୀମାନଙ୍କର ପୂର୍ବରୁ ଏକ ଇପିଏଫ୍ ଆକାଉଣ୍ଟ ଅଛି କିନ୍ତୁ ଏ ପର୍ଯ୍ୟନ୍ତ ୟୁଏଏନ୍‌ଆବଣ୍ଟିତ ହୋଇନାହିଁ, ସେମାନେ ମଧ୍ୟ ଏକ ନୂତନ ନମ୍ବର ପାଇପାରିବେ। ସେମାନଙ୍କୁ ସେମାନଙ୍କର ପଞ୍ଜିକୃତ ମୋବାଇଲ୍ ନମ୍ବର ଯାଞ୍ଚ କରିବାକୁ ପଡିବ ଏବଂ ସଦସ୍ୟ ବିବରଣୀ ପ୍ରଦାନ କରିବାକୁ ପଡିବ। ଯାଞ୍ଚ ସମାପ୍ତ ହେବା ପରେ, ଏକ ନୂତନ ୟୁଏଏନ୍ ଜେନେରେଟ୍ ହେବ ଏବଂସେଥିରେ ସେମାନଙ୍କର ପୂର୍ବ ପିଏଫ୍ ଆକାଉଣ୍ଟ ସହିତ ଲିଙ୍କ୍ ହେବ। ଯଦି ଜଣେ ସଦସ୍ୟ ତାଙ୍କର ୟୁଏଏନ୍ ନମ୍ବର ଭୁଲିଯାଇଛନ୍ତି, ତେବେ ଅପଗ୍ରେଡ୍ ହୋଇଥିବା ନୂତନ ପୋର୍ଟାଲରେ ଏହାକୁ ଖୋଜିବା ଏବେ ସହଜ ହେବ। ପଞ୍ଜିକୃତ ମୋବାଇଲ୍ ନମ୍ବର ଏଣ୍ଟ୍ରି କରାଇ ଆବଶ୍ୟକୀୟ ଆଇଡି କିମ୍ବା ଠିକଣା ପ୍ରମାଣ ଅପଲୋଡ୍ କରିବାକୁ ପଡିବ ଏବଂ ମୋବାଇଲ୍ ନମ୍ବରରେ ପ୍ରାପ୍ତ ଓଟିପି ଯାଞ୍ଚ କରିବାକୁ ପଡିବ। ତା›ପରେ ୟୁଏଏନ୍ ସ୍କ୍ରିନରେ ଦେଖାଯିବ।ଏହାବ୍ୟତୀତ ଉମଙ୍ଗ ଆପ୍ କୁ ୟୁଏଏନ୍-ସମ୍ବନ୍ଧୀୟ ସେବା ସ୍ଥାନାନ୍ତର କରିବା ସତ୍ତ୍ୱେ, ଇପିଏଫ୍‌ଓ ଏହାର ୟୁନିଫାଏଡ୍ ସଦସ୍ୟ ପୋର୍ଟାଲରେ ମୃତ୍ୟୁ ଦାବି (ସଦସ୍ୟଙ୍କ ମୃତ୍ୟୁ ପରେ ଟଙ୍କା ଉଠାଣ) ଦାଖଲ କରିବା ପାଇଁ ଅନଲାଇନ୍ ସୁବିଧା ବଜାୟ ରଖିଛି।



# ଆସିବ ‘ବାହୁବଳୀ-୩’

ଏସ୍‌ଏସ୍ ରାଜମୌଲିଙ୍କ ଫିଲ୍ମ ‘ବାହୁବଳୀ’ ଏବଂ ‘ବାହୁବଳୀ-୨’କୁ ଦର୍ଶକୀୟ ଆଦୃତି ମିଳିଛି । ତେବେ ‘ବାହୁବଳୀ ୨’ ପରେ ଲୋକେ ଭାବୁଥିଲେ ଏହାର ତୃତୀୟ ଭାଗ ଆସିବ ନାହିଁ । ତେବେ ଏବେ ଏହାର ତୃତୀୟ ଭାଗକୁ ନେଇ ବଡ଼ ଅପଡେଟ୍ ଆସିଛି । ନେଟ୍‌ଫ୍ଲିକ୍ସର ଡକ୍ୟୁମେଣ୍ଟ୍ରି ‘ବାହୁବଳୀ: ଦ ଟାର୍ଚବିୟରର’ ଏକ ଭିଡିଓ ସାମ୍ନାକୁ ଆସିଛି । ଏହି ଭିଡିଓରେ ପ୍ରଭାସ, ଅନୁଷ୍କା ସେଟ୍ଟି ଏବଂ ରାଣା ଦଗ୍‌ଗୁବତୀ ନଜର ଆସିଛନ୍ତି । ତିନି କଳାକାର ଏକଥା ଇଙ୍ଗିତ କରିଛନ୍ତି ଯେ, ଏହି ଫ୍ରାଞ୍ଚାଇଜ୍‌ର ଆଉ ଏକ ବଡ଼ ଫିଲ୍ମ ଆସିପାରେ । ରାଣା ଏହି ଭିଡିଓରେ କହିଛନ୍ତି ଯେ, ବାହୁବଳୀ ନିହାତି ଆସିବ । ଏହାପରେ ପ୍ରଭାତ ତିନିଟି ଅଙ୍ଗୁଳି ଦେଖାଇ ହସିଛନ୍ତି । ପୁଣି ଏହାପରେ ଅନୁଷ୍କା ଓ ରାଣା ପ୍ରଭାସଙ୍କ ହାତ ଧରି ହସିଛନ୍ତି । ଏହି ଭିଡିଓଟି ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ସୋସିଆଲ ମିଡିଆରେ ଲୋକେ ଅନୁମାନ କରୁଛନ୍ତି ଯେ, ନିର୍ମାତା ଖୁବ୍‌ଶୀଘ୍ର ‘ବାହୁବଳୀ-୩’ ଆଣିପାରନ୍ତି । ଅବଶ୍ୟ ନିର୍ମାତାଙ୍କ ପକ୍ଷରୁ ଏହାକୁ ନେଇ କିଛି ସ୍ପଷ୍ଟ ସୂଚନା ସାମ୍ନାକୁ ଆସି ନାହିଁ । ■

# ଜୁଲାଇ ୧୬ରେ ‘ଦ ମିଲେଟ୍ ଡାଏରୀ’

‘ଇନ୍‌ଫାଇସନ୍ ଏଣ୍ଟରଟେନମେଣ୍ଟ’ ବ୍ୟାନରରେ ନିର୍ମିତ ‘ଦ ମିଲେଟ୍ ଡାଏରୀ’: କେବଳ ଏକ ସିନେମା ନୁହେଁ, ବରଂ ଏଥିରୁ କଳିଙ୍ଗର ଆତ୍ମସମ୍ମାନ ଓ ମାଣ୍ଡିଆର ଗୌରବଗାଥା ସ୍ପଷ୍ଟ ବାରି ହେଉଛି । ଆସନ୍ତା ଜୁଲାଇ ୧୬ତାରିଖ ରଥଯାତ୍ରା ଅବସରରେ ଏହି ଚଳଚ୍ଚିତ୍ରଟି ପରଦାକୁ ଆସୁଛି । ଏହି ସିନେମାଟି ଅତୀତର ସେହି ସମୟକୁ ନେଇଯିବ, ଯେଉଁଠି ମାଣ୍ଡିଆ କେବଳ ଏକ ଶସ୍ୟ ନଥିଲା, ଥିଲା ସଭ୍ୟତାର ପରିଚୟ । ସମସାମୟିକ କାଳଚକ୍ରର ଏକ ଶାଶ୍ୱତ ପ୍ରେମର ସୁନ୍ଦର ଝଲକ ଏହି ଚଳଚ୍ଚିତ୍ରକୁ ଅଧିକ ଭାବପୂର୍ଣ୍ଣ କରିଛି । ବୈଦ୍ୟ ଓ ବିଜ୍ଞାନ କଥା ରହିଛି ଯାହା କଳିଙ୍ଗର ପାରମ୍ପରିକ ‘କବିରାଜି’ ଚିକିତ୍ସା ଏବଂ ପ୍ରତିକୂଳ ପରିସ୍ଥିତିରେ ଜଣେ ବୈଦ୍ୟଙ୍କ ଦୃଢ଼ ଆତ୍ମବିଶ୍ୱାସର କାହାଣୀ ହେଉଛି ‘ମିଲେଟ୍ ଡାଏରୀ’ । ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ଅଭିଷେକ ପଣ୍ଡା, ଶିବାନୀ ସଙ୍ଗୀତା, ରାଜ୍ ରାଜେଶ ଏବଂ ଶ୍ରୀତମ ଦାସ ଅଭିନୟ କରିଛନ୍ତି । ଅନ୍ୟାନ୍ୟ ପ୍ରମୁଖ କଳାକାରମାନଙ୍କ ମଧ୍ୟରେ କୁନା ତ୍ରିପାଠୀ, ଶକ୍ତି ବରାଳ, ସୁଶାନ୍ତ ଦାଶମହାପାତ୍ର, ରେଭାଂଶ ମହାନ୍ତି, ସାନ୍ତୁ ନିଜେ, କାଞ୍ଚନ, ରାଜଶ୍ରୀ, ଦୀପକ, ଦେବିକା ଏବଂ ଶ୍ରେୟା ପ୍ରମୁଖ ଅଛନ୍ତି । ଏହାର ପ୍ରଯୋଜନା ଓ କାହାଣୀରେ ଜେ.ଆର୍. ଏମ୍ ଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ରାଜେନ୍ଦ୍ର ମହାନ୍ତ । ସିନେମାଟିର ଚିତ୍ରନାଟ୍ୟ ଓ ସଂଳାପରେ ଦିଲ୍ଲୀପ ବିଶୋଇ ଏବଂ ଉତ୍ତମ କୁମାର ଅଛନ୍ତି । ସଙ୍ଗୀତରେ ପ୍ରେମ ଆନନ୍ଦ ଅଛନ୍ତି । ଅନ୍ୟପଟେ “ଏହି ଚଳଚ୍ଚିତ୍ର ଦର୍ଶାଏ ଯେ ମାଣ୍ଡିଆ କେବଳ ଖାଦ୍ୟ ନୁହେଁ, ଏହା ଆମ ମାଟିର ଶକ୍ତି । ଶତ୍ରୁ କିମ୍ବା ପ୍ରକୃତିର ପ୍ରକୋପ-ସବୁଥିରୁ ନିଜକୁ ବଞ୍ଚାଇବା ପାଇଁ ଆମ ପୂର୍ବପୁରୁଷ କିଭଳି ଏହି ‘ଶ୍ରୀଅନ୍ନ’କୁ ନିଜର ସାହାରା କରିଥିଲେ, ତାହା ଏବେକାର ପିଢ଼ି ପାଇଁ ଏକ ବଡ଼ ଶିକ୍ଷା ।” ■





ପରଦା ପଛର କାହାଣୀ

# ପ୍ରଥମ ଦୃଶ୍ୟ ସୁଟିଂରେ ଭୟରେ ଥରହର ଅମିଷା

ବଲିଉଡ୍ ଷ୍ଟାର୍ ସନ୍ନି ଦେଓଲ ଓ ଅଭିନେତ୍ରୀ ଅମିଷା ପଟେଲଙ୍କ ଅଭିନୀତ ‘ଗଦର: ଏକ୍ ପ୍ରେମ କଥା’ ଫିଲ୍ମକୁ ନିକଟରେ ୨୫ ବର୍ଷ ପୂରିଲା । ଏହି ବିଶେଷ ଅବସରରେ ଅଭିନେତ୍ରୀ ଅମିଷା ପଟେଲ ଫିଲ୍ମ ସହ ଜଡ଼ିତ ପୁରୁଣା ଦିନର ସ୍ମୃତିକୁ ସ୍ମରଣ କରିଛନ୍ତି । ତେବେ ଫିଲ୍ମରେ ଅମରୀଶ ପୁରୀଙ୍କ ସାମ୍ନାରେ ପ୍ରଥମ ଦୃଶ୍ୟ ସୁଟିଂରେ କିପରି ଭୟର ଥରିଥିଲେ ତାହା ପ୍ରକାଶ କରିଛନ୍ତି । ଗଦର ସେଟ୍‌ରେ ପହଞ୍ଚିବା ପରେ ତାଙ୍କୁ ଅମରୀଶପୁରୀଙ୍କ ସହ ଭାବପ୍ରବଣ ଦୃଶ୍ୟ ସୁଟିଂ କରିବାର ଥିଲା । ଏହି ଫିଲ୍ମରେ ଅମରୀଶଙ୍କ ସହ ତାଙ୍କର ଏହା ପ୍ରଥମ ଦୃଶ୍ୟ ସୁଟିଂ ଥିଲା । ଫଳରେ ସେ ଭୟରେ ଥରହର ହୋଇଥିଲେ । ତେବେ ପରବର୍ତ୍ତୀ ସମୟରେ ଏହା ଫିଲ୍ମରେ କାର୍ଯ୍ୟ କରିବାର ଏକ ଭଲ ଅନୁଭୂତି ପାଲଟିଥିଲା । ଅମରୀଶ ସୁଟିଂ ସେଟ୍‌ରେ ମୋ କାମକୁ ଖୁବ୍ ସହଜ କରିଦେଇଥିଲେ । ଏଥିସହ ସେ ଜଣେ ଏତେ ବଡ଼ ସୁପରଷ୍ଟାର ଏବଂ ମୁଁ ନ୍ୟୁକମର୍ ବୋଲି ଅନୁଭବ ହେବାକୁ ମଧ୍ୟ ଦେଇ ନ ଥିଲେ । ‘ଇଣ୍ଡିଆ ଟୁଡେ’ ସହ ବାର୍ତ୍ତାଳାପ ପରେ ସେ ଏବେ ବି ଅମରୀଶଙ୍କୁ ବହୁତ ମନେ ପକାନ୍ତି ବୋଲି କହିଛନ୍ତି । ସୁଟିଂ ସମୟରେ ସେ ଅମରୀଶଙ୍କୁ ଭୟ କରୁଥିଲେ ସତ, ହେଲେ ବାସ୍ତବରେ ସେ ଜଣେ ଖୁବ୍ ଭଲ ମଣିଷ ବୋଲି ଅମିଷା କହିଛନ୍ତି । ସେଟ୍‌ରେ ସେ ଖୁବ୍ ମଜାମସ୍ତି କରୁଥିଲେ । ମୋଗାମ୍ବୋ ଏବଂ ଆସରଫ୍ ଅଲି ଭଳି ଭୟଙ୍କର ଚରିତ୍ର ଦେଖି, କେହି କେବେ କଳ୍ପନା କରିନଥିବେ ଯେ ସେ ବାସ୍ତବରେ କେତେ ହସଖୁସ୍ ମିଜାଜ୍‌ର ଥିଲେ । “ଗଦର: ଏକ୍ ପ୍ରେମ କଥା’ ପୂର୍ବରୁ ଅମିଷା କେବଳ ଗୋଟିଏ ଫିଲ୍ମ ‘କହୋ ନା ପ୍ୟାର ହୈ’ରେ ଅଭିନୟ କରିଥିଲେ । ■



# ଚର୍ଚ୍ଚାରେ ‘କନ୍ଧମାଳ ହଳଦୀ’

ବର୍ତ୍ତମାନ ଦର୍ଶକମାନେ ବେଶ୍ ଭଲପାଇବା ଦେଉଛନ୍ତି ମ୍ୟୁଜିକ୍ ଭିଡିଓକୁ । ୟୁଟ୍ୟୁବ୍ ଜରିଆରେ ପ୍ରତ୍ୟେକ ଦିନ ରିଲିଜ୍ ହେଉଛି ଭିନ୍ନ ଭିନ୍ନ ଭିଡିଓ । ଏହି ଅବସରରେ ‘ଓମ୍ ସମ୍ ଏଣ୍ଟରଟେନମେଣ୍ଟ’ ଦ୍ୱାରା ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ରିଲିଜ୍ ହୋଇଛି ମ୍ୟୁଜିକ ଭିଡିଓ ‘କନ୍ଧମାଳ ହଳଦୀ’ । କନ୍ଧମାଳ ହଳଦୀ ସବୁଠି ପ୍ରସିଦ୍ଧ । କନ୍ଧମାଳ ହଳଦୀକୁ ଆଧାର କରି ଏହି ଭିଡ଼ିଓଟି ତିଆରି ହୋଇଛି । ଏହି ଭିଡିଓଟିରେ ଅଭିନୟ କରିଛନ୍ତି ଅଭିନେତା ଜୟଦେବ୍ ରାଉଳ ଓ ଅଭିନେତ୍ରୀ ନେହା ନାଗେଶ୍ୱରୀ । ସେହିପରି ପ୍ରଯୋଜକ ଭାବରେ ଅଛନ୍ତି ରାଜେନ୍ଦ୍ର ମାଥାନ୍ । ଗୀତଟିରେ ଦେବେଶ ପତି ଓ ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିରଜା ପ୍ରସାଦ ଓ ଗୀତ ଲେଖିଛନ୍ତି ନିର୍ମଳ ନାୟକ । ଭିଡିଓଟି ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ କୋରିଓଗ୍ରାଫି କରିଛନ୍ତି ସୂର୍ଯ୍ୟନ୍ ରଥ । ଏହି ଗୀତଟି ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚାରେ ରହିଛି । ଏହାର ଭିଡ଼ିଓଟିକୁ ଦର୍ଶକମାନେ ବେଶ୍ ଭଲପାଇବା ଦେବେ ବୋଲି କହିଛନ୍ତି ନିର୍ଦ୍ଦେଶକ ବାବୁ ବାବୁ । ■

# ‘ଚୌହାନ’ରେ ଅଜୟ



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନଙ୍କ ଆଗାମୀ ଆକ୍ସନ ସିନେମାର ଶୀର୍ଷକ ରିଲିଜ୍ ହୋଇଯାଇଛି । ଏହି ସିନେମାର ନାଁ ‘ଚୌହାନ’ । ଏହି ସିନେମାରେ ଅଜୟଙ୍କୁ ଏକ ନୂଆ ଓ ଦମ୍‌ଦାର ଅବତାରରେ ଦେଖିବାକୁ ମିଳିବ । ଫିଲ୍ମ ନିର୍ମାତା ଆନନ୍ଦ ଏଲ୍ ରୟଙ୍କ ସହିତ ଏହା ହେଉଛି ଅଜୟଙ୍କ ପ୍ରଥମ ସିନେମା । ସେହିପରି ଫିଲ୍ମଟିକୁ ଜିଓ ଷ୍ଟୁଡିଓ ପ୍ରଯୋଜନା କରୁଛି । ତେବେ ସିନେମାର ପ୍ରଥମ ଲୁକ୍ ଜାରି କରାଯାଇଛି । ତାହା ପୁଣି ଦିବଂଗତ ବୀରୁ ଦେବଗନଙ୍କ ଜୟନ୍ତୀରେ । ଏକ ଉଗ୍ର ପ୍ରଦର୍ଶନୀ ଝଲକରୁ ଭିଡିଓ ପ୍ରାରମ୍ଭ ହୋଇଛି । ସିନେମାର ନିର୍ଦ୍ଦେଶନାରେ ନୀରଜ ଯାଦବ ଅଛନ୍ତି । ଏହାସହ ଏହାର ନିର୍ମାଣରେ ଜ୍ୟୋତି ଦେଶପାଣ୍ଡେ, ଆନନ୍ଦ ଏଲ୍ ରୟ, ହିମାଂଶୁ ଶର୍ମା କରିଛନ୍ତି । ସିନେମାଟି ୨୦୨୭ ମସିହା ଅକ୍ଟୋବର ୧ ତାରିଖରେ ପ୍ରେକ୍ଷାଳୟକୁ ଆସିବ । ■

ସାକ୍ଷାତକାର

# “ବଜେଟ୍ ନୁହେଁ, କାହାଣୀ ଓ ଚରିତ୍ରକୁ ଗୁରୁତ୍ୱ ଦିଏ”

ଦେବସ୍ମିତା ପଣ୍ଡା, ଅଭିନେତ୍ରୀ

**ରିଆଲିଟି ଶୋ’ରୁ ଓଲିଉଡ୍‌କୁ ତାଙ୍କର ଯାତ୍ରା ଆରମ୍ଭ ହୋଇଥିଲା । ମଡର୍ଣ୍ଣ ଲୁକ୍ ହେଉ କି ରୋମାଣ୍ଟିକ୍ ସିନ୍, ଇମୋସନ୍, ସବୁଥିରେ ନିଜ ପ୍ରତିଭାକୁ ଚମତ୍କାର ଭାବେ ପ୍ରଦର୍ଶନ କରିଥାନ୍ତି ଅଭିନେତ୍ରୀ ଦେବସ୍ମିତା ପଣ୍ଡା । ରାଉରକେଲାରେ ତାଙ୍କର ଜନ୍ମ । ୨୦୧୪ ମସିହାରେ ସେ ‘ରଜ କୁଇନ୍’ ରିଆଲିଟି ଶୋ’ର ବିଜେତା ଥିଲେ । ‘ମୁଁ ବି ହିରୋଇନ୍ ହେବି’ର ସେ ବିଜେତା ମଧ୍ୟ ଥିଲେ । ‘ରଘୁପତି ରାଘବ ରାଜାରାମ’ ତାଙ୍କର ଡେବ୍ୟୁ ସିନେମା । ଏହାପରେ ସେ କିଛି ସିନେମା ଏବଂ ଧାରାବାହିକରେ ଅଭିନୟ କରିଛନ୍ତି । ତନ୍ମଧ୍ୟରୁ ‘ତୋ ପାଇଁ ମୁଁ’ ଧାରାବାହିକରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିବାରେ ସେ ସକ୍ଷମ ହୋଇ ପାରିଛନ୍ତି । ଅଭିନୟ ଜଗତକୁ ଆସିବା ପାଇଁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ... ।**

**ଅଭିନୟଯାତ୍ରା କିପରି ଥିଲା?**

● ବ୍ୟାଙ୍କରେ ଚାକିରି କରିବାକୁ ସ୍ୱପ୍ନ ଦେଖିଥିଲି । କଷ୍ଟ କରିଥିଲି । ସ୍କୁଲ ଓ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ମୋ ସାନ ଭଉଣୀ ୨୦୧୪ ମସିହାରେ ମୋତେ ‘ରଜ କୁଇନ୍’ରେ ଅଂଶଗ୍ରହଣ କରିବାକୁ କହିଥିଲା । ଏଥିପାଇଁ ମୋର ପରିବାରର ମୋତେ ସହଯୋଗ କରିଥିଲେ । ଏହି ପ୍ଲାଟଫର୍ମରେ ନିଜର ପ୍ରତିଭା ପ୍ରଦର୍ଶନ କରି ମୁଁ ବିଜେତା ହୋଇଥିଲି । ‘ମୁଁ ବି ହିରୋଇନ୍ ହେବି’ରେ ଅଂଶ ଗ୍ରହଣ କରି ବିଜେତା ହୋଇଥିଲି । ସୌଭାଗ୍ୟବଶତଃ ଏଥିରୁ ମୋତେ ‘ରଘୁପତି ରାଘବ ରାଜାରାମ’ ସିନେମା କରିବାକୁ ସୁଯୋଗ ମିଳିଥିଲା । ଏଥିରେ ମୁନ୍ନା ଭାଇ, ଦେବାଶିଷ ଭାଇଙ୍କ ସମେତ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ମୋତେ ବହୁତ ସହଯୋଗ କରିଥିଲେ । ଏହା ପରେ ଅଭିନୟଯାତ୍ରା ଆଗକୁ ବଢ଼ିଥିଲା । ‘ଭଲପାଏ ତୋତେ ମୁଁ ଶହେରୁ ଶହେ’ରେ ଅତିଥି କଳାକାର ଭାବେ ନଜର ଆସିଥିଲି । ପରେ ଧାରାବାହିକ ‘ଗୁପ୍ତ ଗପର’, ‘ତୋ ପାଇଁ ମୁଁ’, ‘ବିଜୟିନୀ’ ଧାରାବାହିକରେ ଅଭିନୟ କରିଲି । ‘ତୋ ପାଇଁ ମୁଁ’ ଧାରାବାହିକର ‘ଭୂମି’ ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ଛତିଶଗଡ଼ି ହିନ୍ଦୀ ସିନେମା ‘ମେରି ମା କର୍ମା’ରେ ମଧ୍ୟ ଅଭିନୟ କରିଛି ।

**ସୁଟିଂ ସେଟ୍‌ରେ ପ୍ରଥମ ଦିନର ଅନୁଭୂତି କେମିତି ଥିଲା?**

● ‘ରଜକୁଇନ୍’ ଓ ‘ମୁଁ ବି ହିରୋଇନ୍ ହେବି’ର ପ୍ଲାଟଫର୍ମରେ କେମିତି ଅଭିନୟ କରିବାକୁ ହୁଏ, କ୍ୟାମେରାକୁ କେମିତି ସାମ୍ନା କରାଯାଏ, ନୃତ୍ୟ କରିବା ସବୁକିଛି ଜାଣି ଯାଇଥିଲି । ତେଣୁ ଏହି ଅନୁଭୂତି ମୋତେ ଫିଲ୍ମ ସୁଟିଂ କରିବାରେ ସାହସ ଦେଇଥିଲା । ତେଣୁ ପ୍ରଥମ ଦିନରେ ମୋତେ ଏତେ ଭୟ ଲାଗିନଥିଲା ।

**ଅଭିନୟକୁ ବାଦ୍ ଦେଲେ କ’ଣ କରିବାକୁ ଭଲ ଲାଗେ?**

● ନାଚ, ଗୀତ, ଚିତ୍ର ଆଙ୍କିବାକୁ ଭଲ ଲାଗେ ।



**ଅଭିନୟକୁ ଜୀବନ୍ତ କରିବାକୁ କଣ କରନ୍ତି?**

● ମୁଁ ଯେତେବେଳେ ଏହି ଲାଇନ୍‌କୁ ଆସିଥିଲି ସେତେବେଳେ ବହୁତ ପ୍ଲାଟ୍‌ଫର୍ମ ଥିଲା । ତେବେ ସବୁଠି ପ୍ରତିଯୋଗିତା । ତଥାପି ମୁଁ ମୋ ନିଜ ଉପରେ କେତେ ବିଶ୍ୱାସ ରଖି କାମ କରିଚି ତାହାକୁ ଗୁରୁତ୍ୱ ଦେଉଥିଲି । ଏହି ଆତ୍ମବିଶ୍ୱାସ ବଳରେ ମୁଁ ଏତେବାଟ ଆସିପାରିଛି । ଏହା ସହିତ ସବୁବେଳେ ମୁଁ ନିର୍ଦ୍ଦେଶକଙ୍କ କଥା ମାନି ମୋର ଚରିତ୍ରକୁ କିପରି ଭଲ କରିବି ତାହାକୁ ଗୁରୁତ୍ୱ ଦିଏ । ଯାହାବି ଚରିତ୍ର ମିଳେ ସେଥିରେ ପ୍ରଥମେ ମୁଁ ନିଜକୁ ପ୍ରବେଶ କରାଏ ।

**ପ୍ରଥମ ପାରିଶ୍ରମିକରେ କ’ଣ କରିଥିଲେ?**

● ସୁନାରେ ନିବେଶ କରିଥିଲି ।

**ଦେବସ୍ମିତାଙ୍କ ଆଗାମୀ ଯୋଜନା?**

● ରିଆଲିଟି ଶୋ’ରେ ନଜର ଆସୁଛି । ଫିଲ୍ମରେ କାମ କରିବାକୁ ଯୋଜନା ଥିବାରୁ ମେଗାଧାରାବାହିକରେ କାମ କରୁନି ।

**ଫିଟ୍ ରହିବାକୁ କ’ଣ କରନ୍ତି?**

● କଳାକାରଙ୍କୁ ସବୁବେଳେ ଫିଟ୍ ରହିବାକୁ ହୁଏ । ତେଣୁ ସୁଟିଂ ସେଟ୍‌ର ବ୍ୟସ୍ତତା ଭିତରେ ମୁଁ ମୋ ନିଜକୁ ସମୟ ଦିଏ । ଫିଟ୍ ରଖିବାକୁ ଘରୋଇ ଖାଦ୍ୟ ଖାଏ ।

**ଡ୍ରିମ୍ ରୋଲ୍?**

● ମୁଁ ବଜେଟ୍ ନୁହେଁ, କାହାଣୀ ଓ ଚରିତ୍ରକୁ ଗୁରୁତ୍ୱ ଦିଏ । ତେଣୁ ବହୁତ ଇଚ୍ଛା ଅଛି ‘ବେବି’ ସିନେମାର ଶ୍ରୀଦେବୀଙ୍କ ପରି ଚରିତ୍ର କରିବାକୁ । ତାଙ୍କ ପରି ଆତ୍ମନିର୍ଭରଶୀଳ ଏବଂ ରାଉଡି ପରି ଚରିତ୍ର କରିବାକୁ ଇଚ୍ଛା ଅଛି ।

**ଅଭିନୟ ଜଗତକୁ ଆସୁଥିବା ଯୁବପିଢ଼ିଙ୍କୁ କ’ଣ କହିବେ?**

● ସମସ୍ତେ ଭାବନ୍ତି ଅଭିନୟ କରିବା ବହୁତ ସହଜ । ହେଲେ ବାସ୍ତବ କଥା ହେଉଛି ବହୁତ କଷ୍ଟ । ଯେପର୍ଯ୍ୟନ୍ତ ତମେ ଅଭିନୟ କ’ଣ ଶିଖିନ କି ବୁଝିନ, ସେ ପର୍ଯ୍ୟନ୍ତ ଜୀବନ୍ତ ଅଭିନୟ କରିପାରିବ ନାହିଁ । ଭିକାରି ଚରିତ୍ର ମିଳିଲେ ବି ତା’ ଭିତରେ ପଶିବାକୁ ପଡ଼ିବ । ନଚେତ ଏ ଲାଇନ୍‌ରେ ଆଗକୁ ବଢ଼ିବା ସମ୍ଭବ ନୁହେଁ । ■






# କାନାଡାକୁ ହରାଇ କ୍ୱାର୍ଟରରେ ମରୋକ୍କୋ

**ହଷ୍ଟନ,୪।୭(ଏଜେନ୍ସି):** ଯୁଗ୍ମ ଆୟୋଜକ କାନାଡାକୁ ୩-୦ ଗୋଲରେ ହରାଇ ଆଫ୍ରିକୀୟ ରାଷ୍ଟ୍ର ମରୋକ୍କୋ ପ୍ରଥମ ଦଳ ଭାବେ ଚଳିତ ଫିଫା ବିଶ୍ୱକପ୍ ଫୁଟବଲର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ମରୋକ୍କୋ ପକ୍ଷରୁ ଆଜେଦାଇନ୍ ଓଉନାହି ୨ଟି ଏବଂ ସୌଫିଆନେ ରହିମି ଗୋଟିଏ ଗୋଲ ଦ୍ୱିତୀୟାର୍ଦ୍ଧରେ ସ୍କୋର କରିଥିଲେ। ଆସନ୍ତା ୯ ତାରିଖ ଗୁରୁବାର ରାତି ୧ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ମରୋକ୍କୋ ଆଜି ରାତିରେ ଅନୁଷ୍ଠିତ ଫ୍ରାନ୍ସ ଓ ପାରାଗୁଏ ମୁକାବିଲାର ବିଜେତାକୁ ଭେଟିବ। ଆଘାତ ସମସ୍ୟା ଓ ଫାଉଲ ଖେଳରେ ଛନ୍ଦିହୋଇପଡ଼ିଥିବା ଏହି ମ୍ୟାଚ୍‌ରେ ରେଫରି ମାଇକେଲ ଅଲିଭର ପ୍ରତ୍ୟେକ ଦଳର ୪ଜଣ ଲେଖାଏଁ ୮ଜଣ ଖେଳାଳିଙ୍କୁ ୟେଲୋକାର୍ଡ ଦେଖାଇଥିଲେ। ମରୋକ୍କୋର ଷ୍ଟ୍ରାଇକର ଇସ୍‌ମାଏଲ ସାଇବାରିଙ୍କ ମାଂସପେସୀ ଟାଣି ହୋଇଯିବାରୁ ସେ ଏହି ମ୍ୟାଚ୍‌ରେ ମାତ୍ର ୧୦ ମିନିଟ୍ ଖେଳିଥିଲେ। ଏହି ମ୍ୟାଚ ଆରମ୍ଭରୁ କାନାଡା ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ୬୭ ଭାଗ ବଲ ମରୋକ୍କୋ ନିୟନ୍ତ୍ରଣରେ ରହିଥିଲା। ହାଇଡ୍ରେସନ ବ୍ରେକ୍ ପରେ ବଲ ନିୟନ୍ତ୍ରଣକୁ ନେଇ ମରୋକ୍କୋ ଅଧିନାୟକ ଅର୍ଚାଫ୍ ହାକିମି ଓ କାନାଡା ରିଚି ଲାରେୟାଙ୍କ ମଧ୍ୟରେ ଧକ୍କା ମରାମରି ହୋଇଥିଲା। ଏହାକୁ ନେଇ ଉଭୟ ଦଳ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା ଓ ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଖେଳ ଉପରେ ଗୁରୁତ୍ୱ ଦେଇଥିଲେ। କିନ୍ତୁ ମରୋକ୍କୋ ଦଳ ଅଧିକ ଯୋଜନାବଦ୍ଧ ଭାବେ ଖେଳିଥିଲା। ବିଶେଷ କରି ଅଧିନାୟକ ହାକିମି ସୁଯୋଗ ସୃଷ୍ଟି କରିଥିଲେ। ତାଙ୍କ ଦ୍ୱାରା ପାସ୍ ପାଇ ଓଉନାହିଁ ୨ଟି ଯାକ ଗୋଲ ସ୍କୋର କରିଥିଲେ। ଖେଳ ବେଶ ରୋମାଞ୍ଚକ ଓ ପ୍ରତିଦ୍ୱନ୍ଦ୍ୱିତା ମୂଳକ ଭାବେ ଶେଷ ହେବାକୁ ଯାଉଥିଲାବେଳେ ଇଞ୍ଜୁରୀ ଟାଇମ୍ ବା ୯୮ତମ ମିନିଟ୍‌ରେ ରହିମି ଆଉ ଏକ ଗୋଲ ଦେଇ ମରୋକ୍କୋର ବିଜୟ ସୁନିଶ୍ଚିତ କରିଥିଲେ।

## ହଲାଣ୍ଡ ଓ ନରୱେକୁ ଡରୁଛି ବ୍ରାଜିଲ୍

**ନ୍ୟୁୟର୍କ,୪।୭(ଏଜେନ୍ସି):** ବ୍ରାଜିଲ ଓ ନରୱେ ମଧ୍ୟରେ ଚଳିତ ଫିଫା ବିଶ୍ୱକପ୍‌ର ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ୫ଥରର ଚାମ୍ପିଅନ ବ୍ରାଜିଲ ଫେବରାଇଟ ବୋଲି ସମସ୍ତେ ଆଶା କରୁଛନ୍ତି। କିନ୍ତୁ ବ୍ରାଜିଲ୍‌ର ହେଡ୍ କୋଚ୍ କାର୍ଲୋ ଆନ୍‌ସେଲୋଟିଙ୍କ ମତ ଭିନ୍ନ। ତାଙ୍କ ମତରେ ନରୱେ ଏକ ଶକ୍ତିଶାଳୀ ଦଳ। ଏହି ଦଳରେ ଏର୍ଲିଙ୍ଗ ହଲାଣ୍ଡଙ୍କ ପରି ସୁପରଷ୍ଟାର ଖେଳାଳି ରହିଛନ୍ତି। ବ୍ରାଜିଲର ରେକର୍ଡ ମଧ୍ୟ ଭଲ ନୁହେଁ। ଉଭୟଙ୍କ ମଧ୍ୟରେ ୪ଥର ମୁକାବିଲା ହୋଇଥିଲେ ନରୱେ ବିପକ୍ଷରେ ଦକ୍ଷିଣ ଆମେରିକାର ଏହି ଶକ୍ତିଶାଳୀ ଦଳ ଗୋଟିଏ ହେଲେ ମ୍ୟାଚ୍ ଜିତିନାହିଁ। ୪ଟି ମୁକାବିଲାରୁ ୨ଟି ମ୍ୟାଚ୍ ଡ୍ର ରହିଥିଲାବେଳେ ୨ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଶେଷଥର ଦଳ ୧୯୯୮ ବିଶ୍ୱକପ୍‌ରେ ହାରିଥିଲା। ଚଳିତ ବିଶ୍ୱକପ୍‌ରେ ବ୍ରାଜିଲ ମଧ୍ୟ ଭଲ ଖେଳି ନାହିଁ। ଯଦିଓ ଦଳ ତାହାର ଶେଷ ୪ଟି ମ୍ୟାଚ୍‌ରେ ୩ଟି ବିଜୟ ହାସଲ କରିଛି ତଥାପି ଜାପାନ ବିପକ୍ଷ ରାଉଣ୍ଡ ଅଫ୍ ୩୨ ମ୍ୟାଚ୍ ଜିତିବାକୁ ୯୫ ମିନିଟ୍ ଯାଏ ଅପେକ୍ଷା କରିବାକୁ ପଡ଼ିଥିଲା। ଗାବ୍ରିଏଲ ମାର୍ଟିନେଲୀଙ୍କ ଗୋଲ ବଳରେ ବ୍ରାଜିଲ ଏହି ମ୍ୟାଚ୍ ଜିତିଥିଲା। ଯେଉଁ କଳାତ୍ମକ ଖେଳ ଲାଗି ବ୍ରାଜିଲର ଖ୍ୟାତି ରହିଛି ତାହା ଏପର୍ଯ୍ୟନ୍ତ ଦେଖିବାକୁ ମିଳିନାହିଁ। ଦଳର ସୁପରଷ୍ଟାର ନେମାର ମଧ୍ୟ ଫିଟ୍ ହୋଇ ନାହାନ୍ତି। ଏପରି ସ୍ଥଳେ ଭିନିସିଅସ ଜୁନିଅରଙ୍କ ଖେଳ ଉପରେ ବ୍ରାଜିଲ ନିର୍ଭର କରୁଛି। ଅନ୍ୟ ପକ୍ଷରେ ନରୱେ ହେଡ୍ କୋଚ୍ ଷ୍ଟେଲ ସୋଲବାକେନ୍ ମଧ୍ୟ ବ୍ରାଜିଲକୁ ସମ୍ମାନ ଦିଅନ୍ତି। ତାଙ୍କ ମତରେ ଆମ ବିପକ୍ଷରେ ବ୍ରାଜିଲ ସହଜରେ ବିଜୟୀ ହୋଇପାରିବ ନାହିଁ। ଷ୍ଟେଲ୍‌ଙ୍କ ମତରେ ବ୍ରାଜିଲ ଏବେ ଫର୍ମକୁ ଫେରିଆସିଲାଣି। ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ରହିଛି। ପ୍ରତ୍ୟେକ ମ୍ୟାଚ୍‌ରେ ଦଳର ଖେଳରେ ଉନ୍ନତି ହୋଇଛି। ପ୍ରତ୍ୟେକ ପୋଜିସନରେ ସେମାନଙ୍କର ଶ୍ରେଷ୍ଠ ଖେଳାଳିମାନେ ରହିଛନ୍ତି।



## ସବୁ ରେକର୍ଡ ଭାଙ୍ଗିଲା ଆତ୍ମଘାତୀ ଗୋଲ୍

**ଡଲାସ,୪।୭(ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ୍‌ରେ ଦୁଇଟି ନୂଆ ରେକର୍ଡ ହୋଇଛି। ପ୍ରଥମଟି ହେଉଛି ଆତ୍ମଘାତୀ ଗୋଲ ଏବଂ ଦ୍ୱିତୀୟଟି ହେଉଛି ବଦଳ ଖେଳାଳିଙ୍କ ଦ୍ୱାରା ହୋଇଥିବା ଗୋଲ। ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଇଜିପ୍ଟ ବନାମ ଅଷ୍ଟ୍ରେଲିଆ ରାଉଣ୍ଡ-୩୨ ମୁକାବିଲାରେ ବିଜୟୀ ଦଳର ଡିଫେଣ୍ଡର ମହମ୍ମଦ୍ ହାନି ଗୋଟିଏ ଆତ୍ମଘାତୀ ଗୋଲ ଦେଇଥିଲେ। ଚଳିତ ବିଶ୍ୱକପ୍‌ରେ ଏହା ହେଉଛି ୧୩ତମ ଆତ୍ମଘାତୀ ଗୋଲ ଓ ଏହା ଫଳରେ ୨୦୧୮ ରୁଷିଆରେ ହୋଇଥିବା ୧୨ଟି ଗୋଲର ରେକର୍ଡକୁ ଅତିକ୍ରମ କରିଯାଇଥିଲା। ଏତିକିରେ ଏହି ରେକର୍ଡ ବନ୍ଦ ହୋଇ ନ ଥିଲା। ଶନିବାର ସକାଳେ ଆର୍ଜେଣ୍ଟିନା ଓ ଦୁଃସାହସୀ କେପ୍ ଭର୍ଡ ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ ଆଉ ଏକ ଗୋଲ ଏହି ତାଲିକାରେ ଯୋଡି ହୋଇଯାଇଛି। କେପ୍ ଭର୍ଡର ଡିନେ ବୋର୍ଜେସ୍ ଏହି ବିଶ୍ୱକପ୍‌ର ୧୪ତମ ଆତ୍ମଘାତୀ ଗୋଲ ସ୍କୋର କରିଛନ୍ତି। ଅବଶ୍ୟ ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ସର୍ବାଧିକ ୪୮ଟି ଟିମ୍ ଭାଗନେଉଥିବାରୁ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯିବ। ଯାହା ଫଳରେ ଆତ୍ମଘାତୀ ଗୋଲ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବା ସ୍ୱାଭାବିକ୍। ସେହିପରି ରାଉଣ୍ଡ-୩୨ ମ୍ୟାଚ୍ ଶେଷରେ ୪୬ଟି ଗୋଲ ବଦଳ ଖେଳାଳିଙ୍କ ଦ୍ୱାରା ସ୍କୋର ହୋଇଛି। ଏହି ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ପୂର୍ବରୁ ଗୋଟିଏ ସଂସ୍କରଣରେ ସର୍ବାଧିକ ୩୦ଟି ଗୋଲ ହୋଇଥିଲା।

ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଇଜିପ୍ଟର ମହମ୍ମଦ ହାନି ଚଳିତ ବିଶ୍ୱକପ୍‌ରେ ବ୍ୟକ୍ତିଗତ ଭାବେ ଦ୍ୱିତୀୟ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଫଳରେ ୧୯୬୬ରେ ବେଲଜିୟମର ଡିଫେଣ୍ଡର ଇଭାନ ଭୁଟସୋଭଙ୍କ ପରେ ଗୋଟିଏ ଟୁର୍ଣ୍ଣାମେଣ୍ଟରେ ୨ଟି ଆତ୍ମଘାତୀ ଗୋଲ କରିବାରେ ଦ୍ୱିତୀୟ ଖେଳାଳି।



| |
|---|
| ଫିଫା ବିଶ୍ୱକପ୍ |
| ରାଉଣ୍ଡ ଅଫ୍ ୧୬ ମୁକାବିଲା |
| ରବିବାର ରାତି |
| ବ୍ରାଜିଲ-ନରୱେ |
| ନ୍ୟୁୟର୍କ, ରାତି ୧.୩୦ |
| ସୋମବାର ସକାଳ |
| ଇଂଲଣ୍ଡ-ମେକ୍ସିକୋ |
| ମେକ୍ସିକୋ ସିଟି, ସକାଳ ୫ଟା |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଘାନାକୁ ବିଦାକଲା କଲମ୍ବିଆ

**କାନ୍‌ସାସ୍ ସିଟି,୪।୭(ଏଜେନ୍ସି):** ଜନ୍ ଆରିଆସ୍‌ଙ୍କ ଏକମାତ୍ର ଗୋଲ ବଳରେ ଘାନାକୁ ୧-୦ ଗୋଲରେ ପରାସ୍ତ କରି କଲମ୍ବିଆ ଫିଫା ବିଶ୍ୱକପ୍ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। କଲମ୍ବିଆ ମଧ୍ୟ ଏହି ମେଗା ଇଭେଣ୍ଟରେ ପ୍ରଥମ ନକ୍‌ଆଉଟ ବିଜୟ ହାସଲ କରିଛି। ଜୁଲାଇ ୬ ତାରିଖ ମଙ୍ଗଳବାର ରାତି ୧ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ଶେଷ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ କଲମ୍ବିଆ ସହ ଏର୍ଲିଙ୍ଗ ହଲାଣ୍ଡଙ୍କ ସ୍ୱିଜରଲାଣ୍ଡର ମୁକାବିଲା ହେବ। ଏଠାରେ ଖେଳାଯାଇଥିବା ମୁକାବିଲା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିଲା। ଖେଳର ୧୪ତମ ମିନିଟ୍‌ରେ ଆରିଆସ୍ ଗୋଲ ସ୍କୋର କରିବା ପରେ ଘାନା ଏହି ଗୋଲ ଶୁଝାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ୬୨ ଭାଗ ବଲ୍ ନିୟନ୍ତ୍ରଣରେ ରଖିଥିବା କଲମ୍ବିଆ ଉପରେ ଘାନା ଗୋଟିଏ ହେଲେ ଆକ୍ରମଣ କରି ପାରି ନ ଥିଲା। କଲମ୍ବିଆ ରକ୍ଷଣଭାଗ ଖେଳାଳିଙ୍କ ମଧ୍ୟରେ ଏତେ ଉନ୍ନତ ସମନ୍ୱୟ ଥିଲା ଯେ ଘାନାର ଫରୱାର୍ଡ ଖେଳାଳି ପୋଷ୍ଟ ଏରିଆରେ ଗୋଟିଏ ହେଲେ ଆକ୍ରମଣ କରି ପାରି ନଥିଲେ। ଫଳରେ କଲମ୍ବିଆ ସହଜ ବିଜୟ ହାସଲ କରି ରାଉଣ୍ଡ ଅଫ୍ ୧୬ରେ ସ୍ଥାନ ହାସଲ କରିଥିଲା।



## ଅଷ୍ଟ୍ରେଲିଆ ସୁଟ୍‌ଆଉଟ; ନକ୍‌ଆଉଟରେ ଇଜିପ୍ଟର ପ୍ରଥମ ବିଜୟ

ଡଲାସ,୪।୭(ଏଜେନ୍ସି)

ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ରାଉଣ୍ଡ-୩୨ର ଏକ ମୁକାବିଲାରେ ଇଜିପ୍ଟ ୪-୨ ପେନାଲ୍ଟି ସୁଟ୍‌ଆଉଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ଏହା ଫଳରେ ଇଜିପ୍ଟ ପ୍ରଥମଥର ଲାଗି ନକ୍‌ଆଉଟ ମୁକାବିଲାରେ ବିଜୟୀ ହୋଇଛି। ଜୁଲାଇ ୭ ତାରିଖ ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରଫାଇନାଲରେ ଇଜିପ୍ଟ ସହ ଆର୍ଜେଣ୍ଟିନାର ମୁକାବିଲା ହେବ। ରାଉଣ୍ଡ ଅଫ୍ ୩୨ର ଶେଷ ମୁକାବିଲାରେ କେପ୍ ଭର୍ଡକୁ ଅତିରିକ୍ତ ସମୟରେ ୩-୨ ଗୋଲରେ ପରାସ୍ତ କରି ଆର୍ଜେଣ୍ଟିନା ପ୍ରି-କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି।

ଡଲାସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଇଜିପ୍ଟ ସହ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଜୋରଦାର ମୁକାବିଲା କରିଥିଲା। ଖେଳର ୧୩ତମ ମିନିଟ୍‌ରେ କରିମ୍ ହାଫିଜ୍‌ଙ୍କଠାରୁ ପାଶ୍ ପାଇ ଏମାମ ଆଶୋର ଇଜିପ୍ଟ ଲାଗି ପ୍ରଥମ ଗୋଲ ଦେଇଥିଲେ। ଫିଫା ବିଶ୍ୱକପ୍ ନକ୍‌ଆଉଟରେ ଏହା ଥିଲା ଇଜିପ୍ଟର ପ୍ରଥମ ଗୋଲ। ଏହା ପରେ ଖେଳର ୫୫ତମ ମିନିଟ୍‌ରେ ମହମ୍ମଦ୍ ହାନିଙ୍କ ଆତ୍ମଘାତୀ ଗୋଲ ବଳରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ଅତିରିକ୍ତ ସମୟରେ ଖେଳର ମିମାଂସା ହୋଇ ନ ପାରିବାରୁ ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଇଜିପ୍ଟ ପ୍ରଥମ ୪ଟି ସଟ୍‌କୁ ଗୋଲରେ ପରିଣତ କରିଥିଲା। ଅଷ୍ଟ୍ରେଲିଆ ୪ଟି ମଧ୍ୟରୁ ଗୋଟିଏ ସଟ୍ ପୋଷ୍ଟ ବାହାରେ ମାରି ମିସ୍ କରିଥିଲା। ଅନ୍ୟ ଏକ ସଟ୍ ପୋଷ୍ଟ ବାର୍‌ରେ ବାଜି ଫେରିଆସିଥିଲା। ଫଳରେ ଏସିଆ ମହାଦେଶର ଏହି ଶେଷ ଦଳ ରାଉଣ୍ଡ-୩୨ ମୁକାବିଲାକୁ ୨-୪ରେ ହାରିଯାଇଥିଲା।



## କେପ୍ ଭର୍ଡ ଆକ୍ରମଣରୁ ବର୍ତ୍ତିଗଲା ଆର୍ଜେଣ୍ଟିନା

**ମିଆମି,୪।୭(ଏଜେନ୍ସି):** ଉତ୍ସାହୀ ଓ ଦୁଃସାହସ ଖେଳ ପ୍ରଦର୍ଶନ କରୁଥିବା କେପ୍ ଭର୍ଡ ଆକ୍ରମଣରୁ ବର୍ତି ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ଏହା ଫଳରେ ଚଳିତ ବିଶ୍ୱକପ୍‌ରେ କେପ୍ ଭର୍ଡର ସ୍ମରଣୀୟ ଅଭିଯାନ ଶେଷ ହୋଇଛି। ଅନ୍ୟପକ୍ଷରେ ଇଜିପ୍ଟ ସହ ରାଉଣ୍ଡ ଅଫ୍ ୧୬ ମୁକାବିଲା କରିବାକୁ ଆର୍ଜେଣ୍ଟିନା ସୁଯୋଗ ପାଇଛି। ଏହି ମୁକାବିଲାରେ ସୁପରଷ୍ଟାର ଲିଓନେଲ ମେସି ଖେଳର ୨୯ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ଅଗ୍ରଣୀ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୫୯ତମ ମିନିଟ୍‌ରେ କେପ୍ ଭର୍ଡର ଡେରଏ ଡୁଆର୍ଟେ ଗୋଲ ଶୁଝାଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିବାରୁ ଅତିରିକ୍ତ ସମୟର ସହାୟତା ନିଆଯାଇଥିଲା। ଖେଳର ୯୨ତମ ମିନିଟ୍‌ରେ ଆର୍ଜେଣ୍ଟିନାର ଲିସାଣ୍ଡ୍ରୋ ମାର୍ଟିନେଜ୍ ଓ ୧୦୩ତମ ମିନିଟ୍‌ରେ କେପ୍ ଭର୍ଡର ସିଡ୍‌ନୀ ଲୋପେଜ୍ କାର୍ବାଲ ଗୋଲ ସ୍କୋର କରିବା ପରେ ଖେଳ ୨-୨ ଗୋଲରେ ସମାନସ୍ତରରେ ଚାଲିଥିଲା। ୧୧୧ତମ ମିନିଟ୍‌ରେ ଏକ ଦୁର୍ଭାଗ୍ୟଜନକ ଗୋଲ କେପ୍ ଭର୍ଡକୁ ବିଶ୍ୱକପ୍‌ରୁ ବିଦା କରିଥିଲା। ଦଳର ପୋଷ୍ଟ ପାଖକୁ ମରାଯାଇଥିବା ପାସ୍‌କୁ ଆର୍ଜେଣ୍ଟିନାର କ୍ରିଷ୍ଟିଆନୋ ରୋମେରୋ ହେଡ୍ କରିଥିଲେ। ଏହା ପରେ ବଲଟି ଡିଫେଣ୍ଡର ଡିନେ ବୋର୍ଜେସଙ୍କ କାନ୍ଧରେ ବାଜି କେପ୍ ଭର୍ଡର ପୋଷ୍ଟ ମଧ୍ୟକୁ ଚାଲିଯାଇଥିଲା। ଏଥିରୁ ଆଉ ମୁକୁଳି ନପାରି ମ୍ୟାଚ୍‌କୁ କେପ୍ ଭର୍ଡ ହାତଛଡ଼ା କରିଥିଲା।



## ରେକର୍ଡ ଟାଇଟଲ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

**ଲଣ୍ଡନ, ୪।୭ (ଏଜେନ୍ସି):** ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପର ୧୦ମ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ଟାଇଟଲ୍ ପାଇଁ ରବିବାର ଦୁଇ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସାମ୍ନାସାମ୍ନି ହେବେ। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ରାତି ୮ଟାରେ ଏହି ଗ୍ରାଣ୍ଡଫାଇନାଲ ମ୍ୟାଚ ଆରମ୍ଭ ହେବ। ପୂର୍ବରୁ ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ୮ ୱିକେଟରେ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ସେହିଭଳି ଆୟୋଜକ ଇଂଲଣ୍ଡ ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୪୦ ରନରେ ପରାସ୍ତ କରି ଫାଇନାଲରେ ପହଞ୍ଚିଛି। ସୋଫି ମୋନିଲେକ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଏଠାରେ ଇଂଲଣ୍ଡକୁ ହରାଇ ରେକର୍ଡ ୭ମଥର ଲାଗି ଟାଇଟଲ୍ ଜିତିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଘରୋଇ ଇଂଲଣ୍ଡ ୧୭ ବର୍ଷ ପରେ ଦ୍ୱିତୀୟଥର ଟି-୨୦ ବିଶ୍ୱକପ ଜିତିବା ଲକ୍ଷ୍ୟରେ ରହିଛି। ୨୦୦୯ରେ ଏହି ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ସଂସ୍କରଣର ଫାଇନାଲରେ ୬ ୱିକେଟରେ ନ୍ୟୁଜିଲାଣ୍ଡକୁ ହରାଇ ଇଂଲଣ୍ଡ ପ୍ରଥମ ଓ ଶେଷଥର ଲାଗି ଚାମ୍ପିଅନ ହୋଇଥିଲା। ଯଦି ଇଂଲଣ୍ଡ ରବିବାର ବିଜୟୀ ହୁଏ ତେବେ ବିଶ୍ୱର ଦ୍ୱିତୀୟ ଦଳ ଭାବେ ଏକାଧିକଥର ଟି-୨୦ ବିଶ୍ୱକପ ଜିତିବାର ସୌଭାଗ୍ୟ ଲାଭ କରିବ। ତେଣୁ ଇଂଲଣ୍ଡ ୧୭ ବର୍ଷ ପରେ ପୁଣିଥରେ ଲର୍ଡ୍ସରେ ସଫଳତା ଦୋହରାଇବାକୁ ଲକ୍ଷ୍ୟ ରଖିଛି।

**ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଫାଇନାଲ ଆଜି**

## ୱିମ୍ବଲଡନ ଟେନିସରେ ବିପର୍ଯ୍ୟୟ
## ହାରିଲେ ରିବାକିନା, ସ୍ୱିଆଟେକ

**ଲଣ୍ଡନ,୪।୭(ଏଜେନ୍ସି):** ଏଠାରେ ଚାଲିଥିବା ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ତୃତୀୟ ରାଉଣ୍ଡ ମୁକାବିଲାରେ ଏକାଧିକ ସିଡେଡ ଖେଳାଳି ପରାଜିତ ହୋଇଛନ୍ତି। ଆଜି ଅନୁଷ୍ଠିତ ମହିଳା ଏକକରେ ଦ୍ୱିତୀୟ ସିଡ୍ ଏଲିନା ରିବାକିନା (ବନାମ ଏଲିସେ ମେର୍ଟେନ୍ସ), ତୃତୀୟ ସିଡ୍ ଇଗା ସ୍ୱିଆଟେକ୍ (ବନାମ ଆଲେକ୍‌ଜାଣ୍ଡ୍ରା ଏଲା) ଓ ଷଷ୍ଠ ସିଡ୍ ଆମାଣ୍ଡା ଆନିସିମୋଭା (ବନାମ ମାଡିସନ୍ କିଜ୍‌ଙ୍କଠାରୁ) ପରାଜିତ ହୋଇଛନ୍ତି। କିନ୍ତୁ ୯ମ ସିଡ୍ ଲିଣ୍ଡା ନୋସ୍କୋଭା, ୧୩ଶ ସିଡ୍ ଜସ୍ମିନ୍ ପାଓଲିନ୍ ବିଜୟୀ ହୋଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ବିଭାଗ ଏକକରେ ଦ୍ୱିତୀୟ ସିଡ୍ ଆଲେକ୍‌ଜାଣ୍ଡ ଜ୍ୱେରେଭ୍, ୫ମ ସିଡ୍ ଆଲେକ୍ସ ଡି ମିନାଉର, ୯ମ ସିଡ୍ ଫାବିଓ କୋବୋଲି (ବନାମ କାରେନ ଖାଚାନୋଭ ୩-୨ରେ) ଓ ୧୩ଶ ସିଡ୍ ଜିରି ଲେହେକା ବିଜୟ ହାସଲ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

■ ଜାତୀୟ ବରିଷ୍ଠ ମିନିଗଲ୍ଫ ଚାମ୍ପିଅନସିପ

## ଓଡ଼ିଶାକୁ ୨୦ ପଦକ; ମହିଳା ପ୍ରଥମ



**ଭୁବନେଶ୍ୱର, ୪।୭ (ସମିସ):** ଛତିଶଗଡ଼ର ରାୟପୁରଠାରେ ୧୧ତମ ଜାତୀୟ ବରିଷ୍ଠ ମିନିଗଲ୍ଫ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମିନିଗଲ୍ଫ ଦଳ ମୋଟ ୨୦ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୫ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି। ଏଥିସହ ଓଡ଼ିଶା ମହିଳା ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଲାଭ କରିଛି। ଏହି ସଫଳତା ଲାଗି ଓଡ଼ିଶା ମିନିଗଲ୍ଫ ସଂଘ ପକ୍ଷରୁ ସମସ୍ତ ଖେଳାଳି ଓ କୋଚଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

**ଭାରତ ପାଇଁ ସର୍ବକନିଷ୍ଠ ପଦାର୍ପଣକାରୀ ହେଲେ ସୂର୍ଯ୍ୟବଂଶୀ**

# ବିଷ ଭରିଦେଲେ ବିଷ୍ଣୋଇ

**ମାଞ୍ଚେଷ୍ଟର,୪।୭(ଏଜେନ୍ସି):** ଏଠାରେ ଆଜି ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ ମୁକାବିଲାରେ ଭାରତକୁ ବିଷ ଭରିଦେଇଛନ୍ତି ଅନାମଧେୟ ଲେଗ୍ ସ୍ପିନର ରବି ବିଷ୍ଣୋଇ। ଭାରତୀୟ ଦର୍ଶକଙ୍କ ଭରପୁର ଉପସ୍ଥିତିରେ ଘରୋଇ ଇଂଲଣ୍ଡ ଆଗରେ ଏହି ମ୍ୟାଚ୍ ଜିତିବାକୁ ଭାରତ ୧୯୧ ରନ୍‌ର ଲକ୍ଷ୍ୟ ଦେଇଥିଲା। ଇଂଲଣ୍ଡ ଇନିଂସର ପ୍ରଥମ ଓଭରରେ ଅର୍ଶଦୀପ ସିଂହ ଦୁଇ ଓପନରଙ୍କୁ ଆଉଟ କରି ବଡ଼ ସଫଳତା ମଧ୍ୟ ଦେଇଥିଲେ। ତାଙ୍କ ବ୍ୟତୀତ ଅନ୍ୟ ବୋଲରଙ୍କ ଦିଶାହୀନ ବୋଲିଂ ସତ୍ତ୍ୱେ ୧୬ ଓଭର ଖେଳ ଶେଷ ବେଳକୁ ଇଂଲଣ୍ଡ ୫ ୱିକେଟ ହରାଇ ୧୪୨ ରନ୍ କରିଥିଲା। ଏହି ସମୟରେ ଦଳକୁ ମ୍ୟାଚ୍ ଜିତିବା ଲାଗି ଶେଷ ୪ ଓଭର ବା ୨୪ଟି ବଲ୍‌ରେ ୪୯ ରନ୍ ଆବଶ୍ୟକ ହେଉଥିଲା। ୧୭ତମ ଓଭର ବୋଲିଂ କରିବାକୁ ଆସିଥିବା ରବି ବିଷ୍ଣୋଇ ନିଜର ଚମତ୍କାର ବୋଲିଂ ବଳରେ ଦାନ କରିଥିଲେ ୨୯ ରନ୍। ଏହି ଓଭରରେ ବେଥେଲ ୩ଟି ଛକା, ଗୋଟିଏ ଚୌକା ଓ ୨ଟି ୨ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଏହା ବ୍ୟତୀତ ବିଷ୍ଣୋଇ ଆହୁରି ଦୟା ଦେଖାଇ ୨ଟି ନୋବଲ୍‌ରୁ ୩ ରନ୍ ଦେଇଥିଲେ। ବିଷ୍ଣୋଇଙ୍କ ଏହି ବିଶୃଙ୍ଖଳିତ ଓ ଲଜ୍ଜାଜନକ ବୋଲିଂ ଫଳରେ ଇଂଲଣ୍ଡ ଗୋଟିଏ ଓଭର ଓ ୪ଟି ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ୪୬ବଲ୍‌ରେ ୫ଟି ଲେଖାଏଁ ଚୌକା ଓ ଛକା ସହ ୭୬ ରନ୍ କରିଥିବା ଜ୍ୟାକବ ବେଥେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଇଂଲଣ୍ଡ ୧ରନ୍‌ରେ ୨ଟି ଓ ୫୧ ରନ୍‌ରେ ୩ଟି ୱିକେଟ ହରାଇଥିଲାବେଳେ ହ୍ୟାରୀ ବ୍ରୁକ୍‌ଙ୍କ ୧୫ବଲ୍‌ରୁ ଏବଂ ଟମ୍ ବାଣ୍ଟନଙ୍କ ୩୨ ବଲ୍‌ରୁ ୩୯ରନ୍ ଲେଖାଏଁ ସଂଗ୍ରହ ବେଶ୍ ଉପଯୋଗୀ ହୋଇଥିଲା। ପୂର୍ବରୁ ୧୫ ବର୍ଷ ୯୯ ଦିନରେ ସର୍ବକନିଷ୍ଠ ଖେଳାଳି ଭାବେ ଏଠାରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ୧୦ ବଲ୍‌ରେ ୧୪ ରନ୍ କରି ଭାରତକୁ ନିରାଶ କରିଥିଲେ। ଦଳର ଜଣେ ହେଲେ ଖେଳାଳି ବେଶି ସମୟ କ୍ରିଜ୍‌ରେ ତିଷ୍ଠି ନ ଥିଲେ। ଇଶାନ କିଶାନ ୪୯ ଓ ଅଭିଷେକ ଶର୍ମା ୪୩ ରନ୍ କରିଥିଲେ ମଧ୍ୟ ଆବଶ୍ୟକ ବେଳେ ନିଜ ୱିକେଟ ଫିଙ୍ଗିଦେଇଥିଲେ।

## ସଚିନଙ୍କ ୩୭ ବର୍ଷର ରେକର୍ଡ ଭାଙ୍ଗିଲା



ଯୁବ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀ ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଛନ୍ତି। ଶନିବାର ଓଲ୍ଡ ଟ୍ରାଫୋର୍ଡରେ ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚ୍ ଖେଳି ସୂର୍ଯ୍ୟବଂଶୀ ଅନ୍ତର୍ଜାତୀୟ କ୍ରିକେଟରେ ପାଦ ଥାପି ଏକାଧିକ ରେକର୍ଡ ଭଙ୍ଗ କରିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାରେ ଭାରତ ପାଇଁ ସର୍ବକନିଷ୍ଠ କ୍ରିକେଟର୍ ହୋଇଛନ୍ତି। ଶନିବାର ପଦାର୍ପଣ କରିବା ସମୟରେ ସୂର୍ଯ୍ୟବଂଶୀଙ୍କୁ ୧୫ ବର୍ଷ ୯୯ ଦିନ ହୋଇଥିଲା। ଏହିକ୍ରମରେ ସୂର୍ଯ୍ୟବଂଶୀ ୩୭ ବର୍ଷ ତଳର ସଚିନ ତେନ୍ଦୁଲକରଙ୍କ ନାମରେ ରହିଥିବା ରେକର୍ଡକୁ ଭଙ୍ଗ କରିଛନ୍ତି। ୧୯୮୯ ସଚିନ ପାକିସ୍ତାନ ବିପକ୍ଷରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାବେଳକୁ ତାଙ୍କୁ ୧୬ ବର୍ଷ ୨୦୫ ଦିନ ବୟସ ହୋଇଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ: ୧୯୦/୭, ୨୦ ଓଭର** (ଇଶାନ-୪୯, ଅଭିଷେକ-୪୩, ଆୟର-୩୭, ତିଳକ-୨୪, ସାମ କରାନ-୩/୩୩)।
**ଇଂଲଣ୍ଡ: ୧୯୧/୬, ୧୯ ଓଭର** (ବେଥେଲ ଅପରାଜିତ ୭୫, ବ୍ରୁକ୍-୩୯, ବାଣ୍ଟନ-୩୯, ଅର୍ଶଦୀପ -୩/୪୦)।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS